୬

আଇପିଏଲ : ପଞ୍ଜାବ କିଙ୍ଗ୍‌ସକୁ ୨୩ ରନ୍‌ରେ ପରାସ୍ତ କଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୧୦୭ • ୧୮ ମଇ ୨୦୨୬ ସୋମବାର • ଭୁବନେଶ୍ୱର • Vol -33 • Issue-107 • 18th May 2026, Monday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ଭାରତ-ନେଦରଲ୍ୟାଣ୍ଡ ମଧ୍ୟରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଚୁକ୍ତିନାମା

# ଜଳ ପରିଚାଳନା କ୍ଷେତ୍ରରେ ନେଦରଲ୍ୟାଣ୍ଡର ଜ୍ଞାନକୌଶଳକୁ ଭାରତରେ ଉପଯୋଗ କରାଯିବ

**ନୂଆଦିଲ୍ଲୀ, ୧୭ ।୫**

୫ଟି ପ୍ରମୁଖ ଦେଶ ଗସ୍ତରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ୟୁଏଇ ଏବଂ ନେଦରଲ୍ୟାଣ୍ଡ ଗସ୍ତ ସଫଳତାର ସହ ଶେଷ କରିବା ପରେ ପ୍ରଧାନମନ୍ତ୍ରୀ ବର୍ତ୍ତମାନ ତାଙ୍କର ତୃତୀୟ ପର୍ଯ୍ୟାୟ ଗସ୍ତରେ ସ୍ୱିଡେନ ଅଭିମୁଖେ ଯାତ୍ରା କରୁଛନ୍ତି । ନେଦରଲ୍ୟାଣ୍ଡରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

ପ୍ରଥମ ପର୍ଯ୍ୟାୟରେ ୟୁଏଇ ଗସ୍ତ କରିଥିଲେ ଶ୍ରୀ ମୋଦୀ । ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ନେଦରଲ୍ୟାଣ୍ଡ ଗସ୍ତ ସଫଳତାର ସହ ଶେଷ କରିଛନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ତାଙ୍କ ପ୍ରତିପକ୍ଷ ରବ୍ ଜେଟେନଙ୍କ ମଧ୍ୟରେ ଅନେକ ଦ୍ୱିପାକ୍ଷିକ ଆଲୋଚନା ହୋଇଛି ।

ଭାରତ ଓ ନେଦରଲ୍ୟାଣ୍ଡ ମଧ୍ୟରେ ସେମିକଣ୍ଡକ୍ଟର ଏବଂ କ୍ରିଟିକାଲ ମିନେରାଲ୍ସ କ୍ଷେତ୍ରରେ ବଡ଼ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। କେବଳ ସେତିକି ନୁହେଁ, ଜଳ ପରିଚାଳନା କ୍ଷେତ୍ରରେ ନେଦରଲ୍ୟାଣ୍ଡର ଜ୍ଞାନକୌଶଳକୁ ଭାରତରେ ଉପଯୋଗ କରାଯିବ।




ଗୁଜରାଟର କଳ୍ପସର ପ୍ରୋଜେକ୍ଟ ପାଇଁ ଡଚ୍ ପ୍ରଯୁକ୍ତିବିଦ୍ୟାର ସହାୟତା ନିଆଯିବ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି । ଗସ୍ତର ଶେଷ ଭାଗରେ ପିଏମ ମୋଦୀ ଡଚ୍ ପ୍ରଧାନମନ୍ତ୍ରୀ ରବ୍ ଜେଟେନଙ୍କ ସହ ନେଦରଲ୍ୟାଣ୍ଡର ପ୍ରସିଦ୍ଧ ଆଫସଲୁଇଟଡିଜକ ଡ୍ୟାମ ପରିଦର୍ଶନ କରିଥିଲେ । ଜଳ ପରିଚାଳନା ଓ ବନ୍ୟା ନିୟନ୍ତ୍ରଣର ଅତ୍ୟାଧୁନିକ ଜ୍ଞାନକୌଶଳ ବିଷୟରେ ସମୀକ୍ଷା କରିଛନ୍ତି ।

୧୧ଶ ଶତାବ୍ଦୀର ଚୋଳ ସାମ୍ରାଜ୍ୟ ସମୟର ପ୍ରସିଦ୍ଧ 'ଚୋଳ ତାମ୍ରଫଳକ' ଖୁବଶୀଘ୍ର ନେଦରଲ୍ୟାଣ୍ଡରୁ ଭାରତକୁ ପ୍ରତ୍ୟାବର୍ତ୍ତନ ହେବ । ଡଚ୍ ପ୍ରଧାନମନ୍ତ୍ରୀ ରବ୍ ଜେଟେନଙ୍କ ଉପସ୍ଥିତିରେ ଆୟୋଜିତ ଏକ ସ୍ୱତନ୍ତ୍ର ହସ୍ତାନ୍ତର ସମାରୋହରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

ଏହି ଚୋଳ ତାମ୍ରଫଳକ ସେଟ୍‌ରେ ୨୧ଟି ବଡ଼ ଏବଂ ୩ଟି ଛୋଟ ଫଳକ ରହିଛି, ଯେଉଁଥିରେ ମୁଖ୍ୟତଃ 'ତାମିଲ'ରେ ସୂଚନା ଲିପିବଦ୍ଧ ହୋଇଛି । ଏହି ଫଳକଗୁଡ଼ିକ ମହାନ ଚୋଳ ଶାସକ ପ୍ରଥମ ରାଜେନ୍ଦ୍ର ଚୋଳଙ୍କ ସମୟର । ଏହି ଐତିହାସିକ ସ୍ମାରକୀ ଚୋଳ ସାମ୍ରାଜ୍ୟର ଭବ୍ୟତା, ସଂସ୍କୃତି ଏବଂ ସେମାନଙ୍କର ସାମୁଦ୍ରିକ ପରାକ୍ରମକୁ ପ୍ରଦର୍ଶିତ କରେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱର ପ୍ରମୁଖ କମ୍ପାନୀଗୁଡ଼ିକୁ ଭାରତରେ ନିବେଶ କରିବା ପାଇଁ ଆମନ୍ତ୍ରଣ କରିଛନ୍ତି । ଭାରତ ବର୍ତ୍ତମାନ ଟିକସ ବ୍ୟବସ୍ଥା, ଶ୍ରମ କୋଡ୍ ଏବଂ ଶାସନ ପ୍ରଣାଳୀରେ 'ନେକ୍ସଟ୍-ଜେନେରେସନ୍' ସଂସ୍କାର ଆଣିଛି, ଯାହାଫଳରେ ଭାରତରେ (ପୃଷ୍ଠା ୭ରେ)

## ଡିଜିଟାଲ ଯୋଗାଯୋଗ

# ବିକାଶର ଆଧାର : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭ ।୫**

**ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ଦୂରସଂଚାର ଏବଂ ସୂଚନା ସମାଜ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି ଯେ, ସଂଯୋଗ ବ୍ୟବସ୍ଥାର ଶକ୍ତି ସମାଜ ଓ ସମୁଦାୟର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣୁଛି।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଡିଜିଟାଲ ପ୍ରଯୁକ୍ତି ଓ ସୂଚନା ସେବା ଲୋକମାନଙ୍କୁ ସଶକ୍ତ କରିବା ସହିତ ଉନ୍ନତିର ନୂତନ ସୁଯୋଗ ମଧ୍ୟ ପ୍ରଦାନ କରୁଛି। ସେ କହିଛନ୍ତି ଯେ, ଓଡ଼ିଶା ସରକାର ସମସ୍ତ ନାଗରିକଙ୍କ ପାଇଁ ସମାବେଶୀ ଏବଂ ଡିଜିଟାଲ ଭାବେ ସଂଯୁକ୍ତ ଭବିଷ୍ୟତ ଗଠନ ପାଇଁ ପ୍ରତିବଦ୍ଧ।

ଏହି ଅବସରରେ ସେ ରାଜ୍ୟରେ ଡିଜିଟାଲ ପହଞ୍ଚ ଓ ପ୍ରଯୁକ୍ତିଗତ ସଶକ୍ତିକରଣକୁ ଆହୁରି ସୁଦୃଢ଼ କରିବା ପାଇଁ ସଂକଳ୍ପକୁ ଦୋହରାଇଛନ୍ତି।

## ପୋଲିସ ଡିଜିଙ୍କ କଡ଼ା ଚେତାବନୀ

# ଓଡ଼ିଶାରେ ଅପରାଧୀଙ୍କ ପାଇଁ କୌଣସି ସ୍ଥାନ ନାହିଁ

**ଭୁବନେଶ୍ୱର, ୧୭ ।୫**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ରବିବାର ଅପରାଧୀମାନଙ୍କୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ରାଜ୍ୟରେ ଅପରାଧୀମାନଙ୍କ ପାଇଁ କୌଣସି ସ୍ଥାନ ନାହିଁ ଏବଂ ଯେଉଁମାନେ ଅପରାଧ କରିବାର ଯୋଜନା କରୁଛନ୍ତି ସେମାନେ ପୋଲିସ ଏନକାଉଣ୍ଟର ପାଇଁ ପ୍ରସ୍ତୁତ ରହିବା ଉଚିତ।

ରାଜ୍ୟରେ ଅପରାଧ ବିରୋଧରେ ଚାଲୁଥିବା ବିଶେଷ ଅଭିଯାନ ସମ୍ପର୍କରେ କହି ଡିଜିପି କହିଛନ୍ତି ଯେ, ବ୍ରହ୍ମପୁର ଏବଂ ସମ୍ବଲପୁରରେ ସମ୍ପ୍ରତି ଘଟିଥିବା ପୋଲିସ ଏନକାଉଣ୍ଟରରୁ ଅପରାଧୀମାନେ ଶିକ୍ଷା ନେବା ଉଚିତ। ସେ ସ୍ପଷ୍ଟ କରିଛନ୍ତି ଯେ, ଆଇନ-



ଶୃଙ୍ଖଳାକୁ ଭଙ୍ଗ କରିବାକୁ ଚେଷ୍ଟା କରୁଥିବା ଲୋକଙ୍କ ବିରୋଧରେ ପୋଲିସ ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ନେବ।

ଡିଜିପି କହିଛନ୍ତି ଯେ, ଗତ କିଛି ଦିନ ମଧ୍ୟରେ ଓଡ଼ିଶା ପୋଲିସ ସମଗ୍ର ରାଜ୍ୟରେ ଅପରାଧୀମାନଙ୍କ ବିରୋଧରେ ଅଭିଯାନକୁ ତୀବ୍ର କରିଛି। ବିଶେଷ ଅଭିଯାନ ଅଧୀନରେ ଗତ ପାଞ୍ଚ ଦିନରେ ୧,୭୦୦ରୁ ଅଧିକ ଜାମିନ ବିହୀନ ୱାରେଣ୍ଟ କାର୍ଯ୍ୟକରୀ କରାଯାଇଛି।

ସେ କହିଛନ୍ତି ଯେ, ଜାତୀୟ ସୁରକ୍ଷା ଆଇନ ଅଧୀନରେ ଛଅ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ଯେତେବେଳେ ରାଜ୍ୟବ୍ୟାପୀ ଅଭିଯାନରେ ୫୦ରୁ ଅଧିକ ଫେରାର ଅପରାଧୀଙ୍କୁ ଗିରଫ କରାଯାଇଛି। ଏହା ସହିତ ଜେଲ ଫେରନ୍ତା କଏଦୀ ଏବଂ ଅଭ୍ୟାସଗତ ଅପରାଧୀମାନଙ୍କ ଉପରେ ଗୁପ୍ତଚର ନଜରଦାରୀ ରଖାଯାଉଛି, ଯାହା ଭବିଷ୍ୟତରେ ଅପରାଧକ (ପୃଷ୍ଠା ୭ରେ)

# ଖୁବଶୀଘ୍ର ପ୍ରକାଶ ପାଇବ ଯୁକ୍ତ୨ ରେଜଲ୍ଟ

**ଭୁବନେଶ୍ୱର, ୧୭ ।୫**

**ନ୍ୟୁଜ୍ ବ୍ୟୁରୋ**

ଖୁବଶୀଘ୍ର ପ୍ରକାଶ ପାଇବ ଯୁକ୍ତ୨ ରେଜଲ୍ଟ । ଆସନ୍ତା ୨ ଦିନରେ ଘୋଷଣା ହେବ ତାରିଖ । ଏନେଇ ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ପ୍ରକାଶ ପାଇବ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ । ରେଜଲ୍ଟ ଅପେକ୍ଷାରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ । ଗତ ଫେବୃୟାରୀ ୧୮ରୁ ମାର୍ଚ୍ଚ ୨୮ ଯାଏ ହୋଇଥିଲା ପରୀକ୍ଷା ।

# ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ୯୮.୬ ଲକ୍ଷ ଉତ୍ତର ଖାତା ସ୍କାନ କରାଯାଇଥିଲା: ଶିକ୍ଷା ସଚିବ

**ନୂଆଦିଲ୍ଲୀ, ୧୭ ।୫**

ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳକୁ ନେଇ ବଢ଼ୁଥିବା ବିବାଦ ଓ ନୂଆ 'ଅନ୍-ସ୍କ୍ରିନ୍ ମାର୍କିଂ (ଓଏସ୍‌ଏମ୍)' ବ୍ୟବସ୍ଥାକୁ ତୀବ୍ର ସମାଲୋଚନା ପରେ ସ୍କୁଲ ଶିକ୍ଷା ସଚିବ ସଞ୍ଜୟ କୁମାର ମୂଲ୍ୟାୟନ ବେଳେ ତ୍ରୁଟି ରହିଥିବା ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ମାର୍କସିଟ୍ ମୂଲ୍ୟାୟନ ବେଳେ ତ୍ରୁଟି ମିଳିବା ପରେ ପାଖାପାଖି ୧୩,୦୦୦ ଉତ୍ତର ଖାତାର ଅଫ୍-ଲାଇନରେ ଯାଞ୍ଚ କରାଯାଇଥିଲା।

ସିବିଏସ୍‌ଇ ଦ୍ୱାଦଶ ବୋର୍ଡ ପରୀକ୍ଷା ଫଳ ଆସିବା ପରେ ଅନେକ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି ଯେ ସେମାନଙ୍କ ମାର୍କସିଟ ମୂଲ୍ୟାୟନ ପାଇଁ ବ୍ୟବହୃତ ନୂତନ ଡିଜିଟାଲ ଓଏସ୍‌ଏମ୍ ବ୍ୟବସ୍ଥା ଯୋଗୁ ସେମାନେ ଆଶାଠାରୁ କମ୍ ମାର୍କ ପାଇଛନ୍ତି। ଛାତ୍ରଛାତ୍ରୀମାନେ କହିଛନ୍ତି ଯେ, ସେମାନେ ଭଲ ପ୍ରଦର୍ଶନ କରିଛନ୍ତି ଓ



୯୦ ରୁ ୯୫ ପ୍ରତିଶତ ମଧ୍ୟରେ ସ୍କୋର କରିବାକୁ ଆଶା କରିଥିଲେ। କିନ୍ତୁ ସେମାନଙ୍କର ମାର୍କ ଯଥେଷ୍ଟ କମ୍ ଥିଲା। ଅନେକ ଛାତ୍ରଛାତ୍ରୀ ସୋସିଆଲ ମିଡିଆରେ ସେମାନଙ୍କର ମାର୍କସିଟ୍ ସେୟାର କରି ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍କୁଲ ଶିକ୍ଷା ଓ ସାକ୍ଷରତା ସଚିବ ସଞ୍ଜୟ କୁମାର ରବିବାର ଓଏସ୍‌ଏମ୍ ସିଷ୍ଟମକୁ ନେଇ ରହିଥିବା ଚିନ୍ତା ଦୂର କରିଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ସଞ୍ଜୟ କୁମାର କହିଛନ୍ତି, ସିବିଏସ୍‌ଇ ଏଥର ଓଏସ୍‌ଏମ୍ ଜରିଆରେ ମାର୍କିଂ କରିଥିଲା ଓ ଏହା କିଛି ଚିନ୍ତା ସୃଷ୍ଟି କରିଛି। କିଛି ଛାତ୍ରଛାତ୍ରୀ ଭାବୁଛନ୍ତି ଯେ, ପାସ୍ ହାର ହ୍ରାସ ପାଇଛି। ଗତ ବର୍ଷ ତୁଳନାରେ ଏହା ପ୍ରାୟ ୩% ହ୍ରାସ ପାଇଛି। କେତେକ ଛାତ୍ରଛାତ୍ରୀ ଭାବୁଛନ୍ତି ଯେ ସେମାନଙ୍କୁ ଅଧିକ ମାର୍କ ମିଳିବା କଥା, କିନ୍ତୁ କମ୍ ମିଳିଛି। ତେବେ ଓଏସ୍‌ଏମ୍ ସିଷ୍ଟମ୍ ନୂଆ ବିଷୟବସ୍ତୁ ନୁହେଁ କି, ପ୍ରଥମ ଥର ଲାଗୁ କରାଯାଇନାହିଁ। (ପୃଷ୍ଠା ୭ରେ)

## ପେଟ୍ରୋଲ ସଙ୍କଟରୁ ମୁକ୍ତ ହେବ ଭାରତ

# ୨୦ ହଜାର ଟନ୍ ଏଲପିଜି ଗୁଜରାଟର କାଣ୍ଡଲା ବନ୍ଦରରେ ପହଞ୍ଚିଲା

**ଗୁଜୁରାଟ, ୧୭ ।୫**

ପେଟ୍ରୋଲ ସଙ୍କଟରୁ ମୁକ୍ତ ହେବ ଭାରତ ।ପଶ୍ଚିମ ଏସିଆରେ ବଢ଼ୁଥିବା ଉତ୍ତେଜନା ଏବଂ ତୈଳ ଯୋଗାଣକୁ ବଢିଥିବା ଚିନ୍ତା ଭିତରେ ଭାରତ ପାଇଁ ଏକ ଆଶ୍ୱସ୍ତିକର ଖବର ଆସିଛି। ପ୍ରାୟ ୨୦ ହଜାର ଟନ୍ ଏଲପିଜି ଧରି ଟ୍ୟାଙ୍କର ସିମି ସୁରକ୍ଷିତ ଭାବେ ଗୁଜରାଟର କଚ୍ଛ ଜିଲ୍ଲାସ୍ଥିତ କାଣ୍ଡଲା ବନ୍ଦରରେ



ପହଞ୍ଚିଛି। ଏହି ଟ୍ୟାଙ୍କରଟି ମେ ୧୩ ତାରିଖରେ ରଣନୀତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପାର ହୋଇ ଭାରତରେ ପହଞ୍ଚିଛି।

ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଅବ୍ବାସ ଆରାଗଚି ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ଆରାଗଚି କହିଛନ୍ତି ଯେ,ବାଣିଜ୍ୟିକ ସୁରକ୍ଷା ପାଇଁ ବନ୍ଧୁ ଦେଶଗୁଡ଼ିକ ଇରାନ ଉପରେ ଭରସା ରଖିବା ଉଚିତ ।ସେ ସୋସିଆଲ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ନୂଆଦିଲ୍ଲୀରେ ସିଏନ୍‌ଜି ଗ୍ୟାସ୍ ଦର ପୁଣି ବୃଦ୍ଧି ପାଇଲା।
- ରାଜଧାନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଗଲା।
- ଆଣ୍ଡାମାନ ଅଞ୍ଚଳକୁ ନିର୍ଦ୍ଧାରିତ ସମୟରେ ପୂର୍ବରୁ ଦକ୍ଷିଣ ପଶ୍ଚିମ ମନସୁନ ପହଞ୍ଚିଲା।
- ନେଦରଲ୍ୟାଣ୍ଡରେ ପ୍ରଧାନମନ୍ତ୍ରୀଙ୍କୁ ଭାରତୀୟ ପ୍ରବାସୀମାନଙ୍କ ଭବ୍ୟ ସ୍ୱାଗତ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୬୯୩ (+୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୮୫ (+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୭୦ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୦ (+୦)

# ମଧ୍ୟସ୍ଥତା ଅଦାଲତର ରାୟକୁ ପ୍ରତ୍ୟାଖ୍ୟାନ କଲା ଭାରତ

**ନୂଆଦିଲ୍ଲୀ, ୧୭ ।୫**

ମେ ୧୫ ତାରିଖରେ ବେଆଇନ ଭାବେ ଗଠିତ କୋର୍ଟ ଅଫ୍ ଆର୍ବିଟ୍ରେସନ୍ (ସିଓଏ) ଦ୍ୱାରା ଜାରି କରାଯାଇଥିବା ରାୟକୁ ଭାରତ ପ୍ରତ୍ୟାଖ୍ୟାନ କରିଛି ଏବଂ କହିଛି ଯେ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ନିଷ୍ପତ୍ତି ଅପରିବର୍ତ୍ତିତ ରହିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ, ବେଆଇନ ଭାବେ ଗଠିତ ସିଓଏର ସମସ୍ତ ପୂର୍ବ ଘୋଷଣାକୁ ଭାରତ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଛି।

ଭାରତ କଦାପି ସିଓଏ (ପୃଷ୍ଠା ୭ରେ)

# ୟୁଏଇର ପରମାଣୁ ପ୍ଲାଣ୍ଟ ଉପରେ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ

**ୟୁଏଇ, ୧୭ ।୫**

ୟୁଏଇର ପରମାଣୁ ପ୍ଲାଣ୍ଟ ଉପରେ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ ହୋଇଛି। ସୁରକ୍ଷା ବ୍ୟବସ୍ଥାକୁ ଭେଦ କରି ୟୁଏଇର ପ୍ରସିଦ୍ଧ ବାରାକା ଆଣବିକ ଶକ୍ତି କେନ୍ଦ୍ର ଉପରେ ରବିବାର ଏକ ଡ୍ରୋନ୍ ଆକ୍ରମଣ ହୋଇଛି। ଏହି ଆକ୍ରମଣ ଯୋଗୁଁ ପ୍ଲାଣ୍ଟ ପରିସର ବାହାରେ ଥିବା ଏକ ବାହ୍ୟ ବୈଦ୍ୟୁତିକ ଜେନେରେଟରରେ ନିଆଁ ଲାଗିଯାଇଥିଲା । ସୂଚନା ଅନୁଯାୟୀ, ଆଲ୍ ଧାଫରା ଅଞ୍ଚଳରେ ଥିବା ଏହି ପ୍ଲାଣ୍ଟର ସୀମା ବାହାରେ ଘଟଣାଟି ଘଟିଥିବାରୁ ଜରୁରୀକାଳୀନ ସେବା ଟିମ୍



ତୁରନ୍ତ ନିଆଁକୁ ଆୟତ୍ତ କରିନେଇଛନ୍ତି । ଏଥିରେ କେହି ମୃତାହତ ହୋଇନଥିବା ସ୍ପଷ୍ଟ କରାଯାଇଛି।

ୟୁଏଇର ଆଣବିକ ନିୟାମକ ସଂସ୍ଥା 'ଫେଡେରାଲ୍ ଅଥରିଟି ଫର୍ ନ୍ୟୁକ୍ଲିୟର ରେଗୁଲେସନ୍' କହିଛି, ଏହି ଆକ୍ରମଣ ଯୋଗୁଁ ରେଡିଓ ଆକ୍ଟିଭ୍ ବା ବିକିରଣ ଜନିତ କୌଣସି ବିପଦ ସୃଷ୍ଟି ହୋଇନାହିଁ । ପ୍ଲାଣ୍ଟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସିଷ୍ଟମ୍ ସମ୍ପୂର୍ଣ୍ଣ ସ୍ୱାଭାବିକ ଭାବେ କାମ କରୁଛି ଏବଂ ବାରାକାରେ ଥିବା ସମସ୍ତ ୪ଟି ଯାକ ରିଆକ୍ଟର ସୁରକ୍ଷିତ ଭାବେ ଚାଲୁ ରହିଛି । ପ୍ରଶାସନ ପକ୍ଷରୁ (ପୃଷ୍ଠା ୭ରେ)




## ଏକାଳ ପଖାଳ



ପ୍ରଶାସନେ ଏଠି କିଏ କଣ କର
ମହାପ୍ରଭୁଙ୍କଠୁ କି ବଡ
ନୀତିକାନ୍ତି ସେବା ସବୁ ବିଶୃଙ୍ଖଳିତ
ଭକ୍ତିଭାବ କଥା ଛାଡ
କଥାରେ ସରଗ ଗଢ
ଦିଅଁଙ୍କ ସେବାକୁ ଠିକ୍‌ଠାକ୍ କର
ନଦେଖେଇକି ତୋଡ।

# ରାଜଧାନୀରେ ୪୫ ଡିଗ୍ରୀ ଛୁଇଁପାରେ ପାରଦ : ଆଇଏମ୍‌ଡି



**ନୂଆଦିଲ୍ଲୀ, ୧୭ ।୫**

ଦେଶର ରାଜଧାନୀ ଦିଲ୍ଲୀ ପାଇଁ ସତର୍କ ଘଣ୍ଟି। ବଢ଼ିବ ତାପମାତ୍ରା, ସିଝିବ ଦେଶର ରାଜଧାନୀ ।ଦିଲ୍ଲୀରେ ଗ୍ରୀଷ୍ମପ୍ରବାହକୁ ନେଇ ସତର୍କ କରାଇଛି ଭାରତୀୟ ପାଣିପାଗ ବିଜ୍ଞାନ ସଂସ୍ଥା। କିଛି ଦିନ ମଧ୍ୟରେ ଉତ୍ତର ଏବଂ କେନ୍ଦ୍ରୀୟ ରାଜ୍ୟ ଗୁଡିକରେ ତାପମାତ୍ରା ବୃଦ୍ଧି ହେବାର ସମ୍ଭାବନା ରହିଛି। ଦିଲ୍ଲୀ, ରାଜସ୍ଥାନ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ପଞ୍ଜାବ, ହରିୟାଣା ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ମେ ୨୨ ପର୍ଯ୍ୟନ୍ତ ପ୍ରବଳ ଗରମ ସହ ଗୁଳୁଗୁଳି ଦେଖାଦେବ। ଯାହା ଦୈନନ୍ଦିନ ଜୀବନ ଉପରେ ଚିନ୍ତା ବଢାଇଦେବ।

ଆସନ୍ତା ସପ୍ତାହରେ ଦେଶର ରାଜଧାନୀ ତାପମାତ୍ରା ୪୫ ଡିଗ୍ରୀ ପର୍ଯ୍ୟନ୍ତ ଛୁଇଁବାର ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞମାନେ କହିଛନ୍ତି ଯେ ସପ୍ତାହ ସାରା ଗରମ ସ୍ଥିତି ଗୁରୁତର ରହିବ ।ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳର ତାପମାତ୍ରା ସାଧାରଣ ସ୍ତରଠାରୁ ବହୁତ ଅଧିକ ହୁଏ, ସେତେବେଳେ ଭାରତୀୟ ପାଣିପାଗ ବିଜ୍ଞାନ ସଂସ୍ଥା ହିଟ୍‌ୱେଭ୍ ଘୋଷଣା କରେ। ଆଗାମୀ ତିନି ଦିନ ମଧ୍ୟରେ ଦିଲ୍ଲୀ ଅଧିକ ଗରମ ହେବାର ସମ୍ଭାବନା ଅଛି । ଆଇଏମଡି ଅନୁଯାୟୀ, ଆଗାମୀ ତିନି ଦିନ ମଧ୍ୟରେ ଦିଲ୍ଲୀରେ ସର୍ବାଧିକ (ପୃଷ୍ଠା ୭ରେ)

# ୫ ବର୍ଷ ଭିତରେ ତାଇୱାନ ଉପରେ ଆକ୍ରମଣ କରିପାରେ ଚୀନ୍

**ୱାଶିଂଟନ, ୧୭ ।୫**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ବେଜିଂ ଗସ୍ତ କରି ତାଙ୍କ ଚୀନ୍ ପ୍ରତିପକ୍ଷ ସି ଜିନ୍‌ପିଙ୍ଗଙ୍କୁ ଭେଟିଥିଲେ। ଆମେରିକାର ରିପବ୍ଲିକାନ ପାର୍ଟି ରାଷ୍ଟ୍ରପତିଙ୍କ ଦ୍ୱାରା ଚୀନ୍ ରାଷ୍ଟ୍ରପତିଙ୍କ ସହିତ ଏହି ସମ୍ମିଳନୀ ଖୁବ୍ ସଫଳ ଭାବେ ଗ୍ରହଣ କରାଯାଇଛି। କିନ୍ତୁ ରୁଦ୍ଧଦ୍ୱାର ବାହାରେ ଟ୍ରମ୍ପଙ୍କ ନିଜ ପରାମର୍ଶଦାତା ଏହି ସମ୍ମିଳନୀକୁ ତାଇୱାନ ପ୍ରତି ଅଧିକ ବିପଜ୍ଜନକ ହୋଇଛି ବୋଲି କହିଛନ୍ତି। ତାଇୱାନ ଦଶନ୍ଧି ଦଶନ୍ଧି ସାମ୍ନା କରୁଥିବା ବିପଦ ଆଡ଼େ ଆଉ ଅଧିକ ଗୋଟିଏ ପାଦ ଅଗ୍ରସର ହୋଇଛି ବୋଲି ସେମାନେ କହିଛନ୍ତି।

ଆମେରିକାର ଏକ ରିପୋର୍ଟ ଅନୁଯାୟୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବରିଷ୍ଠ ପରାମର୍ଶଦାତାମାନେ ବ୍ୟକ୍ତିଗତ ଭାବରେ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାମ୍ପ୍ରତିକ ଶିଖର ସମ୍ମିଳନୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ହେଉଛି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଚୀନ୍ ତାଇୱାନ ବିରୋଧରେ ପଦକ୍ଷେପ ନେବାର ବିପଦ ବୃଦ୍ଧି ପାଇଛି। ଟ୍ରମ୍ପ ଓ ଜିନପିଙ୍ଗଙ୍କ ଶିଖର ସମ୍ମିଳନୀରେ ଉଷ୍ମ ପରିବେଶ ରହିଥିଲେ ମଧ୍ୟ ଆମେରିକା ରାଷ୍ଟ୍ରପତିଙ୍କ ଘନିଷ୍ଠମାନେ ବେଜିଂର (ପୃଷ୍ଠା ୭ରେ)





# ଆସ୍ଥାର ନବ ଆଳୟ:ମନ୍ଦିର ପରିସରକୁ ଖଟା ମନା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କୁହାଯାଏ, ଯାହାର ଦେବାର ସାମର୍ଥ୍ୟ ଥାଏ ଭଗବାନ ତାଙ୍କୁ କିଛି ମହତ କରିଯିବାର ଅବକାଶ ଦିଅନ୍ତି। ସେମିତି କିଛି ଘଟିଥିଲା ଜଳସମ୍ପଦ ବିଭାଗର ପୂର୍ବତନ ମୁଖ୍ୟ ଯନ୍ତ୍ରୀ ମୁକୁନ୍ଦ ମହାପାତ୍ରଙ୍କ କ୍ଷେତ୍ରରେ। ଏକଦା ତାଙ୍କୁ ମହାଦେବ ଶିବଙ୍କର ସ୍ୱପ୍ନାଦେଶ ହୋଇଥିଲା। ୟୁନିଟ୍-୮ ଅଞ୍ଚଳରେ ଏକ ମନ୍ଦିର ପ୍ରତିଷ୍ଠାର ନିର୍ଦ୍ଦେଶ ହୋଇଥିଲା। ଏହାପରେ ସ୍ୱର୍ଗତ ମହାପାତ୍ର ମନ୍ଦିର ନିର୍ମାଣରେ ଲାଗିପଡ଼ିଥିଲେ। ସହର ମଝିରେ ୟୁନିଟ୍-୮ ଅଞ୍ଚଳରେ ଗଢ଼ି ତୋଳିଥିଲେ ଜଳେଶ୍ୱର ମହାଦେବ ମନ୍ଦିର। ଏବେ ଏହି ମନ୍ଦିରକୁ ପାଇକନଗର, ଡେଲ୍‌ଟା, ୟୁନିଟ୍-୮ ଓ ଗୋପବନ୍ଧୁ ନଗର ସହ ଆଖପାଖର ବହୁ ଶ୍ରଦ୍ଧାଳୁ ଯାଇ ଭିଡ଼ ଜମାଉଥିବା ବେଳେ ଜାଗର ଓ ରଥଯାତ୍ରା ସମୟରେ ଏଠାରେ ପାଦ ପକାଇବାକୁ ଜାଗା ନଥାଏ। ଆସନ୍ତୁ ଜାଣିବା ଏହି ମନ୍ଦିର ନିର୍ମାଣ ସମ୍ପର୍କରେ। ମନ୍ଦିରର ମୁଖ୍ୟ ପୂଜକ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ କହିବା ମୁତାବକ, ୧୯୮୦ ମସିହା କଥା। ସ୍ୱର୍ଗତ ମହାପାତ୍ର ସ୍ୱପ୍ନାଦେଶ ପାଇ ମନ୍ଦିର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଜଳସମ୍ପଦ ବିଭାଗର କିଛି ଜାଗା ଷ୍ଟୁଆର୍ଟ ସ୍କୁଲ ନିକଟରେ ସେତେବେଳେ ଖାଲିପଡ଼ିଥାଏ। ଆଖପାଖର ସ୍ଥାନୀୟ ଲୋକ ଓ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର କିଛି ଅଧିକାରୀ ଏକାଠି କିଛି ଅନୁଦାନ ରାଶି ସଂଗ୍ରହ କରି ସେଠାରେ ଏକ ମନ୍ଦିର ନିର୍ମାଣ କରିବାକୁ ପ୍ରସ୍ତୁତ ହେଲେ। ସେହି ବର୍ଷ ହିଁ ମହାଦେବ ମନ୍ଦିର ଓ ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା କରାଗଲା। ପରବର୍ତ୍ତୀ ପର୍ଯ୍ୟାୟରେ ମନ୍ଦିର ପରିସରରେ ଗଣେଶ, ଲକ୍ଷ୍ମୀନାରାୟଣ ମନ୍ଦିର, ହନୁମାନ ମନ୍ଦିର, ନବଗ୍ରହ ମନ୍ଦିର, ସାବିତ୍ରୀ, ସନ୍ତୋଷୀ, ସରସ୍ୱତୀ ଆଦି ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଏବେ ୮ ମାସ ତଳେ ମନ୍ଦିର ପରିସରରେ ବଡ଼ ଆକାରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ମନ୍ଦିର ପ୍ରତିଷ୍ଠା ହୋଇଛି। ପୂର୍ବରୁ ବି ଚତୁର୍ଦ୍ଧାମୂର୍ତ୍ତି ଏଠାରେ ରହିଥିବା ବେଳେ ଛୋଟ ମନ୍ଦିରଟିଏ ଥିଲା। ଏଣୁ ୨୩ ବର୍ଷ ହେଲା ମନ୍ଦିରରେ ରଥଯାତ୍ରା ବି ପାଳିତ ହୋଇଆସୁଛି। ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତି ନିକଟସ୍ଥ କଲୋନୀରେ ଥିବା ରାଧାକୃଷ୍ଣ ମନ୍ଦିରକୁ ମାଉସୀ ମା' ମନ୍ଦିର ଭାବେ ବିଜେ କରିଥାନ୍ତି। ପୂଜକ ଶତପଥୀ କହିଛନ୍ତି, ମନ୍ଦିର ୧ ଏକରରୁ ଟିକେ ଅଧିକ ଜାଗାରେ ନିର୍ମାଣ ହୋଇଥିବା ବେଳେ ଶିବରାତ୍ରୀ ସମୟରେ ଏଠାରେ ସର୍ବାଧିକ ଭିଡ଼ ଦେଖିବାକୁ ମିଳେ। ପ୍ରତିଦିନ ସକାଳ ୫ଟାରୁ ଏଠାରେ ମଙ୍ଗଳ ଆଳତି ହେଉଥିବା ବେଳେ ୬ଟାରେ ଶୁଖିଲି ଭୋଗ ଠାକୁରମାନଙ୍କୁ ଲାଗୁ ହୋଇଥାଏ। ଦିନ ୧୨ଟାରେ ଏଠାରେ ସମସ୍ତ ଦେବଦେବୀଙ୍କୁ ଶଙ୍କୁଡ଼ି ଭୋଗ ଲାଗିହୁଏ। ମନ୍ଦିର ପରିସରରେ ମା' ସନ୍ତୋଷୀ ବିଦ୍ୟମାନ ଥିବାରୁ ମନ୍ଦିର ପରିସରରେ କୌଣସି ପ୍ରକାର ଖଟା ବ୍ୟଞ୍ଜନ ପ୍ରସ୍ତୁତ ବା ଲାଗି ହୁଏନାହିଁ। ଏଣୁ ଶଙ୍କୁଡ଼ି ଭୋଗରେ ଅନ୍ନ, ଡାଲ୍‌ମା, ଶାଗମୁଗ ଆଦି ପ୍ରସ୍ତୁତ ହୋଇଥାଏ। ଏହା କେବଳ ମନ୍ଦିର ମଧ୍ୟରେ ଠାକୁରମାନଙ୍କୁ ହିଁ ଲାଗି ହୋଇଥାଏ।

# ପାଣି ପାଇଁ ୨ କିଲୋମିଟର ଯାଉଛନ୍ତି ଗୁଡ଼ଭେଲି ଗ୍ରାମବାସୀ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**



ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଡୁଆଝର ଗ୍ରାମପଞ୍ଚାୟତ ସ୍ଥିତ ଆଦିବାସୀ ବହୁଳ ଗୁଡଭେଲି ଗାଁରେ ଦେଖାଦେଇଛି ପାନୀୟ ଜଳ ସମସ୍ୟା। ସରକାରଙ୍କ ବସୁଧା ଯୋଜନାରେ ଏହି ଗାଁକୁ ନିକଟସ୍ଥ ସୁନ୍ଦର ନଦୀରୁ ୧୯୯୭ ମସିହାରୁ ପାଇପ୍ ଯୋଗେ ଜଳ ଯୋଗାଣ କରାଯାଇଛି ସତ, ହେଲେ ଗାଁକୁ ଗୋଟିଏ ଦିନ ଜଳ ଯୋଗାଣ ହେଲେ ତିନି ଦିନ ଜଳ ଯୋଗାଣ ବନ୍ଦ ରହୁଛି। ଏଭଳି ଖାମଖିଆଲି ଭାବରେ ଜଳ ଯୋଗାଣ ହେଉଥିବାରୁ ବୁନ୍ଦାଏ ପାଣି ପାଇଁ ଗାଁ ଲୋକେ ଏବେ ଡହଳ ବିକଳ ହେଉଥିବା ଦେଖାଦେଉଛି। ଶେଷରେ ବାଧ୍ୟ ହୋଇ ଗାଁର ମହିଳାମାନେ ଶୋଷ ମେଣ୍ଟାଇବା ପାଇଁ ୨ କି.ମି. ଦୂର ସୁନ୍ଦର ନଦୀ ପଠାରେ ଗାତ ଖୋଳି ଦୂଷିତ ପାଣିକୁ ସଂଗ୍ରହ କରି ପାନୀୟ ଜଳ ଭାବରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ଗାଁର ପାଣି ସମସ୍ୟା ପ୍ରତି ଦୃଷ୍ଟି ଦେଉନଥିବା ଗାଁର ମହିଳାମାନେ ଅଭିଯୋଗ କରିଛନ୍ତି। ଜିଲ୍ଲା ସଦର ମହକୁମା ଠାରୁ ୮୦ କି.ମି. ଦୂରତାରେ ଅବସ୍ଥିତ ଡୁଆଝର ଗ୍ରାମ ପଞ୍ଚାୟତର ଆଦିବାସୀ ବହୁଳ ଗୁଡ଼ଭେଲି ଗାଁ। ଏହି ଗାଁରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଗ୍ରୀଷ୍ମ ପ୍ରବାହରେ ଶୋଷ ମେଣ୍ଟାଇବା ପାଇଁ ଗାଁରେ ମହିଳାମାନେ ୨ କି.ମି. ଦୂରତା ସୁନ୍ଦର ନଦୀ ପଠାରେ ଗାତ ଖୋଳି ପାଣି ସଂଗ୍ରହ କରୁଥିବା ଦେଖାଦେଇଛି। ଗାଁର ମହିଳାମାନେ ଦଳ ଦଳ ହୋଇ ପ୍ରଚଣ୍ଡ ମୁଣ୍ଡଫଟା ଖରାକୁ ଖାତିରି ନକରି ବାଧ୍ୟ ହୋଇ ନଦୀ ପଠାକୁ ଯାଇ ନଦୀର ଦୂଷିତ ଜଳକୁ ସଂଗ୍ରହ କରୁଛନ୍ତି। ଏହି ପାଣି ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇଥିବା ବେଳେ, ବିକଳ୍ପ ବ୍ୟବସ୍ଥା ନପାଇ ବାଧ୍ୟ ହୋଇ ଏହି ପାଣିରେ ଶୋଷ ମେଣ୍ଟାଉଥିବା ଗାଁ ମହିଳାମାନେ ପ୍ରକାଶ କରିଛନ୍ତି। ଏହି ଗ୍ରାମରେ ବସୁଧା ଯୋଜନାରେ ୧୯୯୭ ମସିହାରେ ନିକଟସ୍ଥ ସୁନ୍ଦର ନଦୀ ତଟରେ ଗଭୀର କୂପ ଖୋଳି ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହେଉଥିଲା। ଗତ ୨୦୧୬ ମସିହା ପର୍ଯ୍ୟନ୍ତ ଗାଁ ଲୋକେ ଭଲ ଭାବରେ ପାଣି ପାଉଥିଲେ। ହେଲେ ୨୦୧୭ ମସିହାରୁ ଏହି ଜଳ ଯୋଗାଣ ପ୍ରକଳ୍ପ ସହ ସ୍ଥାନୀୟ ଡୁଆଝର ଗାଁକୁ ଯୋଡି ଦେଲା ପ୍ରଶାସନ। ଏହାପରେ ସମସ୍ୟା ଆରମ୍ଭ ହେଲା ଓ ଗୁଡଭେଲି ଗାଁକୁ ପାଣି ପହଞ୍ଚି ପାରିଲାନାହିଁ। ଗୋଟିଏ ଦିନ ଜଳ ଯୋଗାଣ ହେଲେ ତିନି ଦିନ ଜଳ ଯୋଗାଣ ବନ୍ଦ ରହିଲା। ଆଗଭଳି ପର୍ଯ୍ୟାପ୍ତ ମାତ୍ରାରେ ପାଣି ନପାଇ ଗ୍ରାମବାସୀ ସ୍ଥାନୀୟ ସୁନ୍ଦର ନଦୀରୁ ପାନୀୟ ଜଳ ସଂଗ୍ରହ କରି ବ୍ୟବହାର କରୁଥିବା ସୂଚନା ଦେଇଛନ୍ତି। ଗାଁରେ ନଳକୂପ ନଥିବା ବେଳେ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ମଧ୍ୟ ନଳକୂପ ନାହିଁ। ଯାହାଫଳରେ କୋମଳମତି ଛାତ୍ରଛାତ୍ରୀ ଜଳ କଷ୍ଟ ଭୋଗୁଛନ୍ତି। ଏପରିକି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ପାଇଁ ପାଚିକାମାନେ ଗୋଟିଏ କି.ମି. ଦୂରତାରୁ ପାଣି ସଂଗ୍ରହ କରି ରୋଷେଇ କରୁଥିବା କହିଛନ୍ତି। ତୁରନ୍ତ ସରକାର ଏହି ଆଦିବାସୀ ଗାଁ ଲୋକଙ୍କ ପାଇଁ ପୂର୍ବଭଳି ଜଳ ଯୋଗାଣ ବ୍ୟବସ୍ଥା କରନ୍ତୁ, ନଚେତ୍ ଆଗାମୀ ଦିନରେ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଗ୍ରାମର କୌଶଲ୍ୟା ଶବର, ନିଳେନ୍ଦ୍ରି ଶବର, ଧୀର ଶବର, ରେଖା ଶବର, ନୃପରାଜ ଶବରଙ୍କ ସହ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ଗୁଡଭେଲି ଗାଁକୁ ପାଣି ପହଞ୍ଚି ପାରୁନଥିବା ଘଟଣାକୁ ଖଡ଼ିଆଳ ବିଡ଼ିଓ ମିଳନ କୁମାର ଝାଙ୍କର ସ୍ୱୀକାର କରିବା ସହିତ ତଦନ୍ତ କରି ତୁରନ୍ତ ପାଣି ଯୋଗାଣ ବ୍ୟବସ୍ଥା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି।

# ସଂରକ୍ଷଣ ବ୍ୟବସ୍ଥା ନାହିଁ:ସଂକଟରେ ପିଆଜ ଚାଷୀ

**ମୁଖୀଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



ପିଆଜ ଏକ ଅର୍ଥକାରୀ ଫସଲ। ହେଲେ ଶୀତଳ ଭଣ୍ଡାର ଓ ବଜାର ବ୍ୟବସ୍ଥା ନଥିବା ଯୋଗୁଁ ଏବେ ପିଆଜ ଚାଷୀକୁ କ୍ଷତି ସହିବା ସହ ଅମଳ ହୋଇଥିବା ପିଆଜକୁ ଶାଗ ମାଛ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛି ଚାଷୀ। ଅନ୍ୟପକ୍ଷେ ଚଳିତ ବର୍ଷ ଅମଳ ପୂର୍ବରୁ ଏକାଧିକବାର କୁଆପଥର ମାଡ଼ ସହ କାଳ ବୈଶାଖୀ ବର୍ଷା ଯୋଗୁଁ ପିଆଜ ନଷ୍ଟ ହେବା ଫଳରେ ପିଆଜ ଚାଷୀ ଆଖିରେ ଲୁହ ଦେଖିବାକୁ ମିଳିଛି। ପିଆଜ ଏଭଳି ଏକ ଫସଲ କେତେବେଳେ ଦର ବୃଦ୍ଧି ହୋଇ ଖାଉଟିକୁ କନ୍ଦାଇଥାଏ ତ କେତେବେଳେ ପ୍ରାକୃତିକ ବିପର୍ଯ୍ୟୟ, ଖରା ବର୍ଷା ଯୋଗୁଁ ବିଲରେ ନଷ୍ଟ ହେଲେ ଚାଷୀକୁ କାନ୍ଦିବାକୁ ପଡ଼ିଥାଏ। ଏଭିଳି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ଚାଷୀଙ୍କ ଠାରେ। ଚଳିତ ରବି ଋତୁରେ ପିଆଜ ଚାଷ କରିଥିବା ଚାଷୀ ଏବେ ସଙ୍କଟ ମଧ୍ୟରେ ଗତି କରୁଛନ୍ତି। ଖର୍ଚ୍ଚ କରି ଚାଷ କରିଥିଲେ ଚାଷୀ ହେଲେ ଚଳିତବର୍ଷର ମାର୍ଚ୍ଚ ଓ ଏପ୍ରିଲ ମାସରେ ଏକାଧିକ ବାର କୁଆପଥର ବର୍ଷା ହୋଇ ପିଆଜ ଚାଷୀକୁ କ୍ଷତିରେ ପକାଇଛି। ଅମଳ ପରେ ଚାଷୀ ବିକ୍ରି କରିବା ପାଇଁ ଏ ବଜାରରୁ ସେ ବଜାର ବୁଲୁଥିବା ବେଳେ ପିଆଜ ବିକ୍ରି ପାଇଁ ବଜାରର ବ୍ୟବସ୍ଥା ନଥିବାରୁ ଏବେ ଶାଗ ମାଛ ଦରରେ ବିକ୍ରି କରିବା ପାଇଁ ବାଧ୍ୟ ହେଉଛି। ଗୋଟୋମୁଣ୍ଡା ଚାଷୀ ଜୟ ଶଙ୍କର ନାଗଙ୍କ କହିବା ଅନୁସାରେ, ସେ ନିଜ ୩ ଏକର ଜମିରେ ପିଆଜ ଚାଷ କରି ୧୨ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ୮୦ ହଜାର ଟଙ୍କା ଲାଭ ପାଇଥାନ୍ତେ ହେଲେ ୩୦ ହଜାର ଟଙ୍କା ପାଇବେ ବୋଲି ଆଶା ରଖିଛନ୍ତି। ସେହିପରି ନିରଞ୍ଜନ ନାଗ ଏକ ଏକର ଜମିରେ ପିଆଜ ଚାଷ କରିଥିଲେ ବର୍ଷା ଯୋଗୁଁ ପିଆଜ ନଷ୍ଟ ହୋଇଥିବା ବେଳେ ଅମଳ ପିଆଜକୁ ରଖିବାକୁ ବ୍ୟବସ୍ଥା ନଥିବା ବେଳେ ୫୦ କେଜି ବସ୍ତାକୁ ୫ ଶହ ଟଙ୍କାରେ ବିକ୍ରୀ କରୁଛନ୍ତି। ଜୟଶଙ୍କର କେତକୀଙ୍କ କହିବା ଅନୁସାରେ, ପିଆଜ ଚାଷ ପାଇଁ ୫୦ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି ୨ ଲକ୍ଷ ଲାଭ ହେବ ବୋଲି ଆଶା ରଖିଥିଲେ ପିଆଜ ନଷ୍ଟ ଯୋଗୁଁ ୧ ଲକ୍ଷ ଟଙ୍କା କ୍ଷତି ସହିବେ ବୋଲି ପ୍ରକାଶ କରିଛନ୍ତି। ସେହିପରି ଠୁଟିବର ଗାଁର ଚାଷୀ ବିଶିକେଶନ ଗୋପାଳ ୩ ଏକର ପିଆଜ ଚାଷ କରୁଥିଲେ ସେ ମଧ୍ୟ ଲକ୍ଷାଧିକ ଟଙ୍କା କ୍ଷତି ସହିବେ ବୋଲି କହିଛନ୍ତି। ରେମତି ନାଏକ ମଧ୍ୟ ୫୦ ଡିସ୍‌ମିଲ୍ ଚାଷ କରିଥିଲେ ତାଙ୍କର ପିଆଜ ମଧ୍ୟ କୁଆପଥର ମାଡରେ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, କୋକସରା ବ୍ଲକରେ ଚଳିତ ବର୍ଷ ରବିଋତୁରେ ୭୦ ହେକ୍ଟର ଜମିରେ ପିଆଜ ଚାଷ କରିଛନ୍ତି ଚାଷୀ ଡିସେମ୍ବର ମାସରେ ଧାନ ଅମଳ ପରେ ପାଗ ଅନୁକୂଳ ଦେଖି ଚାଷ ଜମିରେ ପ୍ରଥମେ ଚାରା ପ୍ରସ୍ତୁତ ପରେ କିଆରୀରେ ରୋପଣ କରି ଯତ୍ନ ନେଇଥିଲେ ଆଶା କରିଥିଲେ। ଭଲ ଅମଳ ହେବ ବୋଲି ହେଲେ ମାର୍ଚ୍ଚ ଓ ଏପ୍ରିଲରେ ଏକାଧିକବାର କାଳବୈଶାଖି ଓ ଅଦିନିଆ ବର୍ଷା ଯୋଗୁଁ ପିଆଜ ଚାଷକୁ ନଷ୍ଟ କରି କ୍ଷତିରେ ପକାଇଛି। ଏବେ ଅମଳ ବେଳେ ପିଆଜ କିଆରିରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ପିଆଜ ନଷ୍ଟ ହୋଇ ବିଲରେ ଫିଙ୍ଗାଯାଉଛି। ବର୍ଷା ଯୋଗୁଁ ବିଲ ମାନଙ୍କରେ ପିଆଜ ନଷ୍ଟ ହୋଇଥିବା ବେଳେ ଅମଳ ମଧ୍ୟ କମିଯାଇଛି ଫଳରେ ଚାଷୀ ଲାଭ ପାଇବାରୁ ବଞ୍ଚିତ ହେବା ପ୍ରକାଶ କରିଛନ୍ତି। ବ୍ଲକର ଅଣ ଜଳସେଚିତ ଅଞ୍ଚଳରେ ଥିବା ଗୋଟୋମୁଣ୍ଡା, ସାନପୋଡ଼ାଗୁଡା ନେଗିଗୁଡା, ଥୁଟିବର, ଟେମରା, ବରାଡଙ୍ଗା, ସିଉନି, କାଶୀବାହାଲ, ଫୁପଗାଁ ଆଦି ଗ୍ରାମର ଚାଷୀମାନେ ଖରିଫ ଧାନ ଅମଳ ପରେ ପିଆଜ ବିହନକୁ ତଳି ପକାଇ ପରବର୍ତ୍ତୀ ସମୟରେ ରୋପଣ କରିଥିଲେ। ଚାଷ ଠିକ୍ ଥିଲା ହେଲେ ଅମଳ ବେଳକୁ କୁଆପଥର ବର୍ଷାର ପ୍ରଭାବରେ ନଷ୍ଟ ହୋଇଯାଇଛି। ବାକି ଅମଳ ପିଆଜକୁ ଧରି ଚାଷୀ ଗାଁ ଗାଁ ବିକ୍ରି ପାଇଁ ନେଉଥିବା ବେଳେ ଶାଗ ମାଛ ଦରରେ ବିକ୍ରି କରୁଛି। ଚାଷୀଙ୍କ ପାଇଁ ପିଆଜ ରଖିବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା ନଥିବାରୁ ଅମଳ ପରେ ତୁରନ୍ତ ୫୦ କେଜିକୁ ୫୦୦ ଶହରୁ ୬ ଶହ ଟଙ୍କାରେ ବିକ୍ରି କରି କ୍ଷତି ସହୁଛନ୍ତି। ଏନେଇ ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀଙ୍କୁ ପଚାରିବାରୁ କାଳବୈଶାଖୀ ବର୍ଷାରେ ଚାଷୀଙ୍କ ପିଆଜ ଚାଷ ନଷ୍ଟ ହୋଇଥିବା ଅଭିଯୋଗ ଆସିବା ପରେ ବିଭାଗୀୟ କର୍ମଚାରୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଚାଷୀ ମାନଙ୍କୁ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କରିବା ପାଇଁ କୁହାଯାଇଛି। ଚାଷୀଙ୍କ ଅଭିଯୋଗ ପରେ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଚିକିତ୍ସା ଖୋଜୁଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସିଟି ସ୍କାନ ବିଭାଗ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଅନେକ ସମୟରେ ବିବାଦ ଘେରକୁ ଟାଣି ହୋଇ ଆସୁଛି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ୧୯୧୨ରେ ନିର୍ମିତ ଏହି ଚିକିତ୍ସାଳୟ କେନ୍ଦୁଝର ଇତିହାସର ମୁକ ସାକ୍ଷୀ ହୋଇ ଅନେକ ଉତ୍‌ଥାନ ପତନ ଦେଇ ଗତି କରିଥିବାବେଳେ ଏହି ଚିକିତ୍ସାଳୟ ଉପରେ କେନ୍ଦୁଝର ଜିଲ୍ଲା ଛଡା ପଡୋଶୀ ଜିଲ୍ଲା ମୟୁରଭଞ୍ଜର କରଞ୍ଜିଆ ଓ ଅନୁଗୁଳ ଜିଲ୍ଲାର ପାଲଲହଡା ସୁନ୍ଦରଗଡ଼ ଜିଲ୍ଲାର ବଣେଇ ଉପଖଣ୍ଡର ତଥା ପଡୋଶୀ ରାଜ୍ୟ ଝାଡ଼ଖଣ୍ଡର ଜୟନ୍ତଗଡ ଓ ଆଖପାଖ ଅଞ୍ଚଳର ରୋଗୀ ନିର୍ଭର କରୁଥିବା ବେଳେ ଅନେକ ସମୟରେ ପରିଚାଳନା ଗତ ତ୍ରୁଟି ପାଇଁ ଅନେକ ସମୟରେ ରୋଗୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅନେକ ସମୟରେ ଦେଖିବା ପାଇଁ ମିଳିଥାଏ। ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସିଟି ସ୍କାନ୍ ବିଭାଗ ଏକ ପ୍ରକାର ସଙ୍କଟ ଦେଇ ଗତି କରୁଛି। କେତେବେଳେ ଡାକ୍ତର ଅଭାବ ତ କେତେବେଳେ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ନେଇ ଅନେକ ସମୟରେ ବିବାଦରେ ରହିଥିବାବେଳେ ପ୍ରତିଦିନ ବିଦ୍ୟୁତ ବିଭାଗ ଦ୍ୱାରା ରକ୍ଷଣ ବେକ୍ଷଣ ପାଇଁ ସକାଳ ୫ଟାରୁ ୧୦ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହୁଥିବାରୁ ମୁଖ୍ୟ ଡାକ୍ତରଖାନାରେ ସିଟି ସ୍କାନ୍ ଏକ ପ୍ରକାର ଅଚଳ ହୋଇପଡିଛି। ଏହି ସମୟରେ ପ୍ରାୟ ରୋଗୀଙ୍କ ଭିଡ଼ ରହୁଥିବା ବେଳେ ପ୍ରବଳ ଗରମ ସତ୍ତ୍ୱେ ରୋଗୀ ପଡ଼ିରହିଥିବା ଦେଖିବା ପାଇଁ ମିଳିଛି। ଏପଟେ ଧରଣୀଧର ମେଡିକାଲ କଲେଜରୁ ରୋଗୀ ବୁହା ହୋଇ ଆସୁଛନ୍ତି। ଡିଜି ସେଟ୍ ଏଠାରେ କେବେଠୁ ଖରାପ ଅଛି ହେଲେ କର୍ତ୍ତୃପକ୍ଷଙ୍କ ନଜର ନାହିଁ। ନିଜ ସମ୍ପର୍କୀୟ ଗୁରୁତର ଥିବାବେଳେ ଏଠି ଆସି ଦେଖୁଛୁ ଯେ ଲାଇନ୍ ନଥିବା ଯୋଗୁଁ ସିଟି ସ୍କାନ୍ ବନ୍ଦ ପଡିଛି। ଫଳରେ ବହୁତ ହଇରାଣ ହେଉଛୁ ବୋଲି ପ୍ରକାଶ କରିଛନ୍ତି ରୋଗୀର ସମ୍ପର୍କୀୟ ଏମ୍.ଡି ସମସେର। ସୁଦୂର ମୟୁରଭଞ୍ଜ ଜିଲ୍ଲା ଯଶିପୁରରୁ ନିଜ ପୁଅର ସିଟି ସ୍କାନ୍ କରିବାକୁ ଆସି ହଇରାଣ ହେଉଥିବା ପ୍ରକାଶ କରିଛନ୍ତି କମଳିନୀ ମହାନ୍ତ। ଦୂରରୁ ଆସି ଏଭଳି ଅସୁବିଧା ହୋଇ କୁଆଡେ ଯିବୁ ବୋଲି ପ୍ରକାଶ କରିଛନ୍ତି କମଳିନୀ। ଏ ସମ୍ପର୍କରେ ସିଡିଏମ୍‌ଓ ଡ଼ ବିନୋଦ ବିହାରୀ ମିଶ୍ରଙ୍କୁ ପଚାରିବାରୁ ରକ୍ଷଣାବେକ୍ଷଣ ପାଇଁ ବିଦ୍ୟୁତ୍ ସ୍ୱରଃ ବନ୍ଦ ରହିଥିବାରୁ ବିକଳ୍ପ ପନ୍ଥା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଅତିକମ୍‌ରେ ଏହାପାଇଁ ଏବେ ଦୁଇଟି ନୂଆ ଡିଜି ସେଟ୍ ଦରକାର ଥିବାବେଳେ ପ୍ରଶାସନର କେବେ ନଜର ପଡୁଛି ଦେଖିବା ପାଇଁ ବାକିରହିଲା। ତେବେ ମୁଖ୍ୟ ମନ୍ତ୍ରୀଙ୍କ ଜିଲ୍ଲାରେ ଏପରି ଅବ୍ୟବସ୍ଥାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

## କନ୍ଧମାଳର ଲୋକପ୍ରିୟ ଓ ସ୍ୱାଦିଷ୍ଟ ମାଳ ଆଳୁର ଚାହିଦା ଯଥେଷ୍ଟ

# ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ନାହିଁ



**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲାରେ ଅନେକ ଆଞ୍ଚଳିକ ଚାଷ ଉତ୍ପାଦନ ରହିଛି ସେଥିରୁ ଅତି ସ୍ୱାଦିଷ୍ଟ ମାଳ ଝୁଡ଼ଙ୍ଗ, ମାଳ ବିନ୍ସ ଏବଂ ମାଳ ଆଳୁ ଅନ୍ୟତମ। ଶୀତ ଋତୁର ଆରମ୍ଭରେ ଏହି ସବୁର ଉତ୍ପାଦନ ହୋଇଥାଏ। ସେଥିମଧ୍ୟରୁ ବିନ୍ସ ଓ ଝୁଡ଼ଙ୍ଗ ଅତି ଅଳ୍ପ ପରିମାଣର ଏବଂ କମ୍ ସମୟ ମଧ୍ୟରେ ଆଦାୟ ହୁଏ ଯାହା ଆଞ୍ଚଳିକ ଲୋକଙ୍କ ସମେତ ବାହାର ଜିଲ୍ଲା ଲୋକେ ମଧ୍ୟ ସଂଗ୍ରହ କରିଥାଆନ୍ତି। ହେଲେ ମାଳ ଆଳୁ ପୂର୍ବରୁ ଅଧିକ ପରିମାଣରେ ଉତ୍ପାଦନ ହେଉଥିଲା। ଏହାର ବିଶେଷତ୍ୱ ହେଲା ଏହି ଆଳୁ ଅନ୍ୟ ଆଳୁ ତୁଳନାରେ ଅଧିକ ଦିନ ଧରି ଗଚ୍ଛିତ ରଖାଯାଇପାରିବ। ଏଥିସହିତ ଏହାର ସ୍ୱାଦ ମଧ୍ୟ ଅନ୍ୟ ଆଳୁ ତୁଳନାରେ ଅଧିକ ସ୍ୱାଦିଷ୍ଟ ଅଟେ। ବିଶେଷଜ୍ଞଙ୍କ ମତରେ ଏହି ଆଳୁ ଡାଏବେଟିସ୍ ରୋଗୀ ମଧ୍ୟ ଖାଇପାରିବେ। ତେଣୁ ଏହାର ଚାହିଦା ଜିଲ୍ଲା ସମେତ ସମଗ୍ର ରାଜ୍ୟରେ ରହିଛି। ଯେଉଁମାନେ ଏହି ଆଳୁ ଥରେ ଖାଇଛନ୍ତି ସେମାନେ ପର ବର୍ଷ ପୁଣି ଏହାର ଉତ୍ପାଦନ ଋତୁରେ ପୁଣି ଖୋଜିଥାଆନ୍ତି। ଜିଲ୍ଲାର ଏହି ବିରଳ ଉତ୍ପାଦନର ଯଥେଷ୍ଟ ଅଧିକ ଚାହିଦା ଥିବାବେଳେ ସେହି ଅନୁପାତରେ ଏହାର ଉତ୍ପାଦନ ହୋଇପାରୁନାହିଁ। ଏହା ବାବଦରେ ବଡବଡିଆଙ୍କ ସମେତ ସମସ୍ତ ସ୍ତରର ଲୋକେ ଏହାର ସ୍ୱାଦ ନେଇଛନ୍ତି। ଏହା କନ୍ଧମାଳର ମାଟିରେ ହିଁ ଭଲ ଏବଂ ଅଧିକ ଉତ୍ପାଦନ ହୋଇଥାଏ। କାରଣ ପୂର୍ବରୁ କେତେକ ପରିବା ପ୍ରେମୀମାନେ ଏଠାରୁ ଏହାର ବିହନ ସଂଗ୍ରହ କରି ନିଜ ବଗିଚା ଓ ଜମିରେ ଚାଷ କରିବା ପାଇଁ ଚେଷ୍ଟା କରୁଛନ୍ତି। ଅତୀତରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଆଳୁର ଚାଷ ପାଇଁ ପ୍ରୋତ୍ସାହନ ଯୋଜନା କରିଥିବା ନେଇ ସୂଚନା ମିଳିଥିଲା। ହେଲେ ପରବର୍ତ୍ତୀ ସମୟରେ ଏଥିରେ ଶିଥିଳତା ସୃଷ୍ଟି ହୋଇଛି। ତେଣୁ ଜିଲ୍ଲାର ଏହି ସ୍ୱତନ୍ତ୍ର ଉତ୍ପାଦନକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ପୋଷଣ କରିଛନ୍ତି।

# ବିଲୁପ୍ତ କମାରଶାଳକୁ ସଂଗ୍ରହାଳୟରେ ଦେଖିବେ ଆଗାମୀ ପିଢ଼ି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ସହରି ସଭ୍ୟତାର ମୋହରେ ଗାଁ ଗହଳିର ସଭ୍ୟତା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ଏହାଛଡ଼ା ସରକାରୀ ପ୍ରୋତ୍ସାହନ ଅଭାବରୁ ନିଜ କୌଳିକ ବୃତ୍ତିକୁ ଛାଡୁଛନ୍ତି ଗାଁ ଲୋକ। ଏହାର ଏକ ଉଦାହରଣ ହେଉଛି ଗଞ୍ଜାମ ଜିଲ୍ଲା ଶେରଗଡ଼ର ବିଭିନ୍ନ ସ୍ଥାନରେ ଗଢ଼ି ଉଠିଥିବା କମାରଶାଳ। ପୂର୍ବରୁ ଗ୍ରାମାଞ୍ଚଳରୁ ଅନେକ ଲୋକ ବିଭିନ୍ନ କୌଳିକ ବୃତ୍ତିକୁ ଆପଣାଇ ଚଳୁଥିଲେ। କିନ୍ତୁ ସମୟକ୍ରମେ ତାହା ଲୋପ ପାଇଯାଉଛି। ଆଜିର ଦିନରେ ଲୋକମାନେ ଅତ୍ୟାଧୁନିକ ମେସିନାରୀକୁ ଆଦରି ନେଉଥିବା ବେଳେ କମାରଶାଳରେ ତିଆରି ଜିନିଷର ଉଚିତ୍ ମୂଲ୍ୟ କାରିଗରମାନେ ପାଉନାହାନ୍ତି। ସହରର ଆଖପାଖରେ ଥିବା ଗାଁ ଗୁଡ଼ିକ ଏବେ ସହର ପାଲଟି ଯାଇଛି। ଆଗରୁ ଚାଷ ହେଉଥିବା ଜମିରେ ଗଢ଼ି ଉଠିଛି ବଡ଼ ବଡ଼ ଅଟ୍ଟାଳିକା। ତେଣୁ ଚାଷ କରିବା ଆବଶ୍ୟକ ପଡୁନି। ଅନ୍ୟପଟେ ସହରରେ ଯେଉଁଠି ବି ଚାଷ ଜମି ଅଛି ସେଥିରେ ବିଭିନ୍ନ ପ୍ରକାରର ଯନ୍ତ୍ର ବ୍ୟବହାର ହେଉଛି। ବ୍ୟବହାର ଜମି ଯାଇଥିବାରୁ ରୋଜଗାର ବି କମିଗଲାଣି। ଧୀରେ ଧୀରେ କମାରମାନେ ପେଟ ପୋଶିବାକୁ ବିକଳ୍ପ ରାସ୍ତା ବାଛିନେଲେ। ଏପଟେ କମାରଶାଳର ସ୍ଥାନ ନେଉଛି ଯାଯାବର କମାଶାଳ। ଅର୍ଥାତ୍ ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶରୁ ଆସୁଥିବା ଏହି ଯାଯାବର କମାରମାନେ ରାସ୍ତାକଡ଼ରେ ଶାଳ ବସାଇ ବିଭିନ୍ନ ଲୁହା ଉପକରଣ ତିଆରି ସାଙ୍ଗକୁ ମରାମତି ବି କରୁଛନ୍ତି। ଦା, କାତି, କୋଦାଳ ଠାରୁ ଆରମ୍ଭ କରି ପନିକି, କୁରାଢ଼ୀ, କଟୁରୀ ଆଦି ତିଆରି କରି ବିକ୍ରି କରୁଛନ୍ତି। ଉଭୟ ପୁରୁଷ ଓ ମହିଳା ଏଥିରେ ଲାଗି ପଡୁଛନ୍ତି। ପୁରୁଷମାନେ ବିଭିନ୍ନ ସାମଗ୍ରୀ ତିଆରି କରୁଥିବାବେଳେ ମହିଳାମାନେ ରାସ୍ତା କଡ଼ରେ ବସି ବିକ୍ରି କରୁଛନ୍ତି। ଏନେଇ ଗୋଟିଏ ଗ୍ରାମର ବରିଷ୍ଠ କାରିଗର କୁହନ୍ତି ଆଗରୁ କମାରଶାଳରେ ଏତେ ଭିଡ଼ ହେଉଥିଲା ଲୋକମାନେ ଆମକୁ ଜଗି ବସୁଥିଲେ। ମାତ୍ର ଆଜି କି ସମୟ ହେଲା, ଆଉ କମାରଶାଳ ନାହିଁ। ଗାଁ ଗହଳିରେ କେଉଁଠି କେମିତି ଅଛି। ମୁଁ କମାରଶାଳ କରିଥିଲି, ମୋର ପୁଅ ଏ ବୃତ୍ତିକୁ ଛାଡ଼ି ଦେଲେ। ଆମ ପରେ ଆଉ କମାରଶାଳ ଦେଖିବାକୁ ମିଳିବନି। ଦିନ ଆସିବ ଆଗାମୀ ପିଢ଼ି ସଂଗ୍ରହାଳୟରେ କମାରଶାଳ ସାଙ୍ଗକୁ ବିଭିନ୍ନ କୌଳିକ ବୃତ୍ତିକୁ ଦେଖିବାକୁ ପାଇବେ। ଆମ ପରେ ଏହି କମାରଶାଳ ପ୍ରାୟ ବିଲୁପ୍ତ ହୋଇଯିବ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ କୌଳିକ ବୃତ୍ତି ଗୁଡ଼ିକୁ ବଞ୍ଚାଇ ରଖିବା ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

## 'ବନ୍ଦେ ମା' ତରମ୍' ରାଷ୍ଟ୍ରୀୟ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବନ୍ଦେ ମାତରମ୍ ରାଷ୍ଟ୍ରୀୟ ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବାରିପଦା ପୌରପାଳିକା ତରଫରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଓ ବାରିପଦା ପୌରକାର୍ଯ୍ୟାଳୟ କନ୍‌ଫରେନ୍ସ ହଲ୍‌ରେ ଏକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ବିଭିନ୍ନ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ଓ ଉକ୍ତ କାର୍ଯ୍ୟଟି ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ କାଉନସିଲର ଭାଗ୍ୟଲକ୍ଷ୍ମୀ ନାୟକ, ସୁକେଶିନୀ ସେଠି, ପ୍ରଭାତୀ ପୃଷ୍ଟି , ଜିତା ସିଂ, ସୁଧୀର ବାରିକ ଓ ଦିଗ ବିଜୟ ହାଁସଦା ପ୍ରମୁଖ ମଞ୍ଚାସିନ ଥିଲେ ଓ ଉକ୍ତ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ, ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସବ୍-ଜୁନିୟର ବର୍ଗରେ ଦେବାଶିଷ ଗିରି, କୃଷ୍ଣପ୍ରିୟା ପାତ୍ର ଓ ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି, ଜୁନିୟର ବର୍ଗରେ ସାଇ ଜ୍ୟୋତି, ସାଇ ପ୍ରୀତି ଓ ମନୀଷା ଦାଶ, ସିନିୟର ବର୍ଗରେ ସ୍ୱାଗତ ରଞ୍ଜନ ଶୋ, ପ୍ରଥମେଶ ପୃଷ୍ଟି ଓ ଲଳିତ କୁମାର ନାୟକ ପୁରସ୍କୃତ ହୋଇଥିଲେ। ଏହା ସହିତ ଜିଜ୍ଞାସା ସିଂ, ଆଦ୍ୟାଶା ଦାସ, ନବଜିତ ଶାସମଲ, ସ୍ମୃତିରେଖା ପୁଟି ଓ ଭଗବାନ ଧଡ଼ା ଆଦି ମଧ୍ୟ ସମ୍ମାନିତ ହୋଇଥିଲେ। ପୌରପାଳିକା କାର୍ଯ୍ୟାଳୟର କର୍ମଚାରୀ ସଞ୍ଜୟ କୁମାର ଦାଶ, କୁନିଆ ସାହୁ, ଯଶବନ୍ତ ନାରାୟଣ ପାତ୍ର ଓ ଅନ୍ୟମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ଏପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି ସହ ତାଙ୍କର ଅନ୍ତର୍ନିହିତ ପ୍ରତିଭା ବିକାଶରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି।

# ସାପ୍ତାହିକ ବଜାର କାଦୁଅ ପଚପଚ:ଲୋକେ ହଟହଟା

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା ସ୍ଥିତ ସାପ୍ତାହିକ ବଜାର ଅଞ୍ଚଳରେ ସାମାନ୍ୟ ପାଣି ପଡିଲେ କି ଅସରାଏ ବର୍ଷା ହେଲେ କାଦୁଅ ପଚପଚ ହେଉଛି। ଯଦ୍ୱାରା ଯାତାୟାତରେ ବାଧା ଦେଖାଯାଉଛି। ବଜାର ପରିସରରେ ପ୍ରାୟ ୧ କୋଟି ୮୧ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ ଅଟକଳରେ ନିର୍ମାଣ ହେଉଥିବା କଂକ୍ରିଟ ରାସ୍ତାରେ ଜଳ ନିଷ୍କାସନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଯାହା ଠିକାଦାରଙ୍କ ଦାୟିତ୍ୱହିନତାକୁ ସ୍ପଷ୍ଟ କରୁଛି। ଡ୍ରେନ୍ ଅଭାବରୁ ସାମାନ୍ୟ ବର୍ଷାରେ ସମଗ୍ର ବଜାର ଅଞ୍ଚଳ କାଦୁଅ ପଚପଚ ହେଉଥିବାବେଳେ ପୋଖରୀ ସଦୃଶ ଜମି ରହୁଛି। ଅଧିକ ବର୍ଷା ହେଲେ ଲୋକଙ୍କ ଘର ଓ ଦୋକାନ ଭିତରକୁ ମଧ୍ୟ ପାଣି ପଶିଯାଇଛି। ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

# ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁନାହିଁ:ବାଉଁଶ ଶିଳ୍ପର ଚାହିଦା କମୁଛି

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**



ଦିନ ଥିଲା ନିଜ ଅଞ୍ଚଳରେ କମାର ଜାତିର ପୁରୁଷ ମହିଳାଙ୍କ ଦ୍ୱାରା ବାଉଁଶରୁ ହାତ ତିଆରି କୁଲା, ଟୋପା, ଭୋଗା, ଧୁକନା, ଚାଙ୍ଗରୀ, ଭୁରକି ଆଦି ଘର ଉପକରଣ କିଣି ବ୍ୟବହାର କରୁଥିଲେ। ସେତେବେଳେ ବିକଳ୍ପ ବ୍ୟବସ୍ଥା ନଥିଲା ହେଲେ ଆଧୁନିକ ଯୁଗର ପଦାର୍ପଣ ପରେ ଏବେ ବଜାରରେ ପ୍ଲାଷ୍ଟିକ୍ ତିଆରି ସବୁ ପ୍ରକାର ସାମଗ୍ରୀ ମିଳିବା ଆରମ୍ଭ ହେବାପରେ ବାଉଁଶ ତିଆରି ସାମଗ୍ରୀରୁ ଲୋକେ ମୁହଁ ଫେରାଇବା ଆରମ୍ଭ କଲେଣି। ଫଳରେ ବାଉଁଶ ଶିଳ୍ପକୁ ନେଇ ପରିବାର ପ୍ରତିପୋଷଣ କରୁଥିବା ନୂଆପଡ଼ା ଜିଲ୍ଲାର କମାର ଜାତି ପରିବାର ଦୁର୍ଦ୍ଦିନରେ ଦିନ କାଟୁଥିବା ଦେଖିବାକୁ ମିଳିଛି। ନୂଆପଡା ଜିଲ୍ଲାର ୫ଗୋଟି ବ୍ଲକରେ ବସବାସ କରୁଥିବା କମାର ସମ୍ପ୍ରଦାୟର ଲୋକେ ବାଉଁଶ ତିଆରି ସାମଗ୍ରୀକୁ ବିକ୍ରୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଏହି ଜାତିର ଲୋକେ ନିକଟସ୍ଥ ବଣ ପାହାଡ, ଜଙ୍ଗଲରୁ କଞ୍ଚା ବାଉଁଶ ଗଛ ସଂଗ୍ରହ କରି ବାଉଁଶରେ ବିଭିନ୍ନ ସାମଗ୍ରୀ କୁଲା, ଚାଙ୍ଗରୀ, ଭୁଗା, ଧୁଜନା, ବେଲା, ସିଙ୍କୁନ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ସୂକ୍ଷ୍ମ କାରିଗରୀ ସହ ସାମଗ୍ରୀକୁ ଅଧିକ ଆକୃଷ୍ଟ କରିବା ପାଇଁ ମଝିରେ ମଝିରେ ବିଭିନ୍ନ ରଙ୍ଗ ବୋଳା ବାଉଁଶ ପତି ମଧ୍ୟ ଖଞ୍ଜିଥାନ୍ତି। ସାମଗ୍ରୀ ପ୍ରସ୍ତୁତ ହେଲାପରେ ତାକୁ ବିଭିନ୍ନ ସ୍ଥାନକୁ ଯାଇ ବୁଲି ବୁଲି ବିକ୍ରୟ କରିଥାନ୍ତି। ପୁଣି ଏହି ସାମଗ୍ରୀକୁ ବିଭିନ୍ନ ବଜାର ମାନଙ୍କରେ ଯାଇ ବିକ୍ରୟ କରିଥାନ୍ତି। ଆଗ୍ରହୀ ଗ୍ରାହକମାନେ ବାଉଁଶ ତିଆରି ସାମଗ୍ରୀ କିଣି ଘରକୁ ନେଇଥାନ୍ତି। କିଛି ଗ୍ରାହକ ମୂଲଚାଲ କରି ସାମଗ୍ରୀ କିଣିଥାନ୍ତି। ତେବେ ଆଧୁନିକତାର ପ୍ରଭାବ ସହ ଲୋକଙ୍କ ଚାଲିଚଳଣି ବଦଳିବାରେ ଲାଗିଥିବା ଯୋଗୁଁ ଆୟ କମାର ସଂପ୍ରଦାୟର ବର୍ତ୍ତମାନ ଦୁର୍ଦ୍ଦିନରେ ଗତି କରୁଛି ବୋଲି ଖଡିଆଳ ବ୍ଲକ ବରଗାଁ କମାରପଡାର ଇନ୍ଦ୍ର ପହରିଆ ପ୍ରକାଶ କରିଛନ୍ତି। ତା' ବଦଳରେ ସୁନ୍ଦର ଦେଖାଯାଉଥିବା ପ୍ଲାଷ୍ଟିକ୍ ସାମଗ୍ରୀକୁ କିଣି ଘରକୁ ଆଣୁଛନ୍ତି। ପ୍ଲାଷ୍ଟିକ୍ ସାମଗ୍ରୀ ସୁନ୍ଦର ଦେଖାଯିବା ସହ ଅଧିକ ଦିନ ଧରି ବ୍ୟବହୃତ ହେଉଥିବା ବେଳେ ବାଉଁଶ ସାମଗ୍ରୀ କମ୍ ଦିନ ମଧ୍ୟରେ ଖରାପ ହୋଇଥାଏ। ଫଳରେ ଲୋକେ ପ୍ଲାଷ୍ଟିକ୍ ସାମଗ୍ରୀକୁ ଅଧିକ ମାତ୍ରାରେ କିଣି ବ୍ୟବହାର କରିଥାନ୍ତି। ହେଲେ ପୂର୍ବଭଳି ଚାହିଦା ନଥିଲେ ମଧ୍ୟ ନୂଆପଡ଼ା ଜିଲ୍ଲା ସହ ପଶ୍ଚିମ ଓଡ଼ିଶାର ଲୋକେ ବିବାହ, ବ୍ରତ ମାନଙ୍କରେ ବାଉଁଶ ତିଆରି ସାମଗ୍ରୀ କିଣି ବ୍ୟବହାର କରୁଛନ୍ତି। ଅନ୍ୟପକ୍ଷରେ ବାଉଁଶ ତିଆରି କରୁଥିବା କାରିଗରମାନଙ୍କୁ ସରକାରୀ ପ୍ରୋତ୍ସାହନ ମିଳୁନଥିବା ଅଭିଯୋଗ କରୁଛନ୍ତି। ଯେଉଁ ମାତ୍ରାରେ ଏମାନଙ୍କ ପରିଶ୍ରମ ରହିଛି ସେହି ମାତ୍ରାରେ ସେମାନଙ୍କୁ ପାରିଶ୍ରମିକ ମିଳୁନଥିବା ଜଣାପଡିଛି। ହେଲେ ଏହି ସଂପ୍ରଦାୟର କୌଳିକ ବୃତ୍ତି ରୂପେ ପରିଚିତ ବାଉଁଶ କାମ ଛାଡିବାକୁ କିଛି ପରିବାର ଅମଙ୍ଗ ହୋଇପଡିଛନ୍ତି। ପୁଣି କିଛି ପରିବାର ବାଉଁଶ ସାମଗ୍ରୀର ଚାହିଦା ଦିନକୁ ଦିନ କମିଯାଉଥିବାରୁ ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳିଛି। ସରକାର କମାର ସମ୍ପ୍ରଦାୟଙ୍କୁ ଆର୍ଥିକ ସହଯୋଗ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।



# ରବି ଫସଲ କିଣିବା ପାଇଁ ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ତରଫରୁ ଚଳିତ ବର୍ଷ ରବି ଋତୁରେ ଉତ୍ପାଦିତ ହୋଇଥିବା ମୁଗ, ବିରି, ସୂର୍ଯ୍ୟମୁଖୀ ଓ ସୋରିଷ ଚାଷିମାନଙ୍କ ଠାରୁ କିଣିବା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଏ.ଆର୍.ସି.ଏସ୍, ଡି.ଆର୍.ସି.ଏସ୍, ମାର୍କଫେଡ୍‌ର ଗୋଦାମ୍ ପରିଚାଳକ ଏଫ୍.ପି.ଓ ଓ ଜିଲ୍ଲାର ସମସ୍ତ ବ୍ଲକସ୍ତରୀୟ କୃଷି ଅଧିକାରୀ ଉପସ୍ଥିତ ଥିଲେ। ଚଳିତ ଋତୁରେ ମୁଗ ୪ ହଜାର ୭୦ ଟନ୍ କିଣାଯିବାର ବ୍ୟବସ୍ଥା କରାଯାଇଛି। ବିରି ୧୨୯୨ ଟନ୍, ବାଦାମ ୯୮ ଟନ୍, ସୂର୍ଯ୍ୟମୁଖୀ ୩୧ ଟନ୍ ଏବଂ ସୋରିଷ ୨ ଟନ୍ କିଣାଯିବାର ବ୍ୟବସ୍ଥା କରାଯାଇଛି। ଏଥିରେ ବିଭିନ୍ନ ବ୍ଲକରେ କୃଷି ସମବାୟ ସମିତି ଓ ଏଫ୍.ପି.ଓ କିଣାରେ ସହଯୋଗ କରିବେ। ମୁଗ କ୍ୱିଣ୍ଟାଲ୍ ପିଛା ୮ହଜାର ୭୬୮ ଟଙ୍କା, ବିରି କ୍ୱିଣ୍ଟାଲ୍ ପିଛା ୭ହଜାର ୮୦୦ ଟଙ୍କା, ବାଦାମ ୭ ହଜାର ୨ଶହ ୬୩ , ସୂର୍ଯ୍ୟମୁଖୀ ୭ ହଜାର ୭ ଶହ ୨୧, ସୋରିଷ ୬ ହଜାର ୨ଶହ କ୍ୱିଣ୍ଟାଲ୍ ମୂଲ୍ୟରେ କିଣାଯିବାର ଧାର୍ଯ୍ୟ ରଖାଯାଇଛି।

# ଅପମୃତ୍ୟୁ ମାମଲା ରୁଜୁ କରି ବସିଛି ଜିଆରପି ପୁଲିସ : ରେଳଧାରଣାରୁ ମିଳିଲାଣି ୪୬୬ ମୃତଦେହ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ



କିଏ ରେଳଧାରଣାରେ ତ ପୁଣି କିଏ ଟ୍ରେନ୍ ଉପରେ ଷ୍ଟଣ୍ଟ୍ କରି ଜୀବନକୁ ବାଜି ଲଗାଇ ମୃତ୍ୟୁକୁ ଆମନ୍ତ୍ରଣ କରୁଛନ୍ତି। ଖାଲି ଏତିକି ନୁହେଁ, କେହି କେହି ରେଳଧାରଣାକୁ ଆତ୍ମହତ୍ୟାପାଇଁ ବାଛି ନେଉଛନ୍ତି। ଦୁର୍ଘଟଣା ହେଉ କି ଆତ୍ମହତ୍ୟା, ଗତ ୫ ବର୍ଷ ମଧ୍ୟରେ ରେଳଧାରଣାରୁ ୪୬୬ ଜଣ ମୃତ୍ୟୁ ବରଣ କରିଛନ୍ତି। କିନ୍ତୁ ଜିଆରପି ଏହି ୪୬୬ଟି ମୃତକଙ୍କ ମୃତ୍ୟୁ କାରଣ ଖୋଜି ପାଇପାରି ନାହିଁ। କେବଳ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ହାତବାନ୍ଧି ବସିଥିବା ଅଭିଯୋଗ ହୋଇଛି। ଏହି ମାମଲାରୁ ପ୍ରାୟ ୨୦ ପ୍ରତିଶତ ମାମଲା ରହସ୍ୟଜନକ ଭାବେ ମୃତ୍ୟୁ ହୋଇଥିଲେ ସୁଦ୍ଧା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ହୋଇ ବସିଛି। ସୂଚନା ଅନୁସାରେ ଲିଙ୍ଗରାଜ ଷ୍ଟେସନଠାରୁ ମଞ୍ଚେଶ୍ୱର ରେଳଷ୍ଟେସନ ହାଇସିକ୍ୟୁରିଟି ଜୋନ୍ ଭାବେ ପରିଗଣିତ ହେଉଛି। ଏହି ଜୋନ୍‌ରେ ୨୦୨୧ ମସିହାରେ ୭୨ଟି ମୃତଦେହ ମିଳିଥିବା ବେଳେ ୨୦୨୨ ରେ ୯୫ଟି, ୨୦୨୩ରେ ୯୫ଟି, ୨୦୨୪ରେ ୯୨ଟି, ୨୦୨୫ ୯୦ଟି ଓ ୨୦୨୬ରେ ଏପ୍ରିଲ ମାସ ସୁଦ୍ଧା ୨୨ଟି ମୃତଦେହ ଜବତ କରାଯାଇଛି। ଚଳିତ ବର୍ଷ ମିଳିଥିବା ମୃତଦେହ ମଧ୍ୟରୁ ୨ଟି ମାମଲାରେ ପରିବାର ଲୋକେ ହତ୍ୟା ପରେ ରେଳ ଧାରଣାରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଲିଙ୍ଗରାଜ ଷ୍ଟେସନ ରୋଡ୍‌ଠାରୁ ମଞ୍ଚେଶ୍ୱର ମଧ୍ୟରେ ହାଇସିକ୍ୟୁରିଟି ଜୋନ୍‌ରେ ବାରମ୍ବାର ମୃତଦେହ ମିଳୁଛି। ରେଳଧାରଣା କଡ଼ରେ ଥିବା ବସ୍ତି ଲୋକ ରେଳଧାରଣା ଦେଇ ଅସାବଧାନତାରେ ପାରି ହେଉଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାବ୍ୟତୀତ ହତ୍ୟା ପରେ ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ରେଳଧାରଣା ଉପରକୁ ଫିଙ୍ଗାଯାଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ପୁଲିସ କେବଳ ଅପମୃତ୍ୟୁ ମାମଲା ରୁଜୁ କରି ଫାଇଲ ବନ୍ଦ କରିଦେଉଛି। ଅନ୍ୟ କେତେକ କ୍ଷେତ୍ରରେ କମିସନରେଟ ପୁଲିସ ଅନ୍ତର୍ଗତ ବିଭିନ୍ନ ଥାନା ଓ ଜିଆରପି ମଧ୍ୟରେ ସୀମା ବିବାଦ କାରଣରୁ ଖଣ୍ଡ ବିଖଣ୍ଡିତ ଶବ ମଧ୍ୟ ରେଳଧାରଣାରୁ ଉଠିପାରୁନାହିଁ। ଥାନା ମଧ୍ୟରେ ସମନ୍ୱୟ ଅଭାବରୁ ସାଧାରଣ ଲୋକ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଏନେଇ ଜିଆରପି ଥାନା ଅଧିକାରୀ କହିଛନ୍ତି ଯେ ଯେଉଁ ମାମଲାରେ ହତ୍ୟା ଅଭିଯୋଗ ଆସୁଛି ଆମେ ଏହାର ତଦନ୍ତ କରୁଛୁ। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯିବା ସହିତ ସମସ୍ତ ତଦନ୍ତ ପ୍ରକ୍ରିୟା କରାଯାଉଛି। ଜବତ ମୃତଦେହ ମଧ୍ୟରୁ ଅଧିକାଂଶ ଟ୍ରେନରୁ ପଡ଼ି କିମ୍ବା ଆତ୍ମହତ୍ୟା କରୁଛନ୍ତି। କିଭଳି ରେଳଧାରଣାରେ ମୃତ୍ୟୁକୁ ରୋକାଯାଇପାରିବ, ସେଥିପାଇଁ ଆରପିଏଫ୍ ସହଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଜରିମାନା ମଧ୍ୟ ଆଦାୟ କରାଯାଉଛି।

# ସୋର ରେଳ ଷ୍ଟେସନରୁ ୨୭ ଛାତ୍ରଛାତ୍ରୀ ଉଦ୍ଧାର

ସୋର, ନ୍ୟୁଜ ବ୍ୟୁରୋ



ସୋର ରେଳଷ୍ଟେସନରୁ ଅନୁଗୁଳ ଅଭିମୁଖେ ଯାଉଥିବା ୨୭ ଜଣ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିଛି ରେଳବାଇ ପୁଲିସ। ସୂଚନା ଅନୁସାରେ, ଶନିବାର ସଂଧ୍ୟାରେମୟୂରଭଞ୍ଜଜିଲ୍ଲା କପ୍ତିପଦା ଥାନା ଟୁଲୁଗଡ଼ିଆ ଅଞ୍ଚଳରୁ ଏକ ବସ୍‌ରେ ୨୭ ଜଣ ଛାତ୍ରଛାତ୍ରୀଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ଅନୁଗୁଳର ଏକ ସଭାରେ ଯୋଗଦେବାକୁ ଆସିଥିଲେ। ଅନୁଗୁଳ ଅଭିମୁଖେ ଯିବାକୁ ସୋର ଷ୍ଟେସନରେ ଟ୍ରେନ୍‌କୁ ଅପେକ୍ଷା କରିଥିବାବେଳେ ରେଳବାଇ ପୁଲିସ ପକ୍ଷରୁ ସେମାନଙ୍କ ପରିଚୟ ଯାଞ୍ଚ କରାଯାଇଥିଲା ।

୯ରୁ ୧୫ ବର୍ଷ ବୟସର ୧୯ ଜଣ ଝିଅ ଓ ୮ ଜଣ ପୁଅ ତିନିଦିନ ପାଇଁ କୌଣସି ଧର୍ମସଭାରେ ଯୋଗଦେବାକୁ ଯାଉଥିବା ସୂଚନା ମିଳିଛି। ଉକ୍ତ ଛାତ୍ରଛାତ୍ରୀମାନେ ଔପଦା, ଢେଙ୍କାନାଳ ଓ କପ୍ତିପଦା ଆଦି ବିଭିନ୍ନ ଅଞ୍ଚଳର ହୋଇଥିବାବେଳେ ବିନା ଟିକଟରେ ସେମାନଙ୍କୁ ନିଆଯାଉଥିବାରୁ ସେମାନଙ୍କୁ ଅଟକ ରଖାଯାଇ ପଚାରାଉଚୁରା କରାଯାଇଥିଲା। ଏହି ସମୟରେ ସେମାନଙ୍କୁ ଏକ ସମାବେଶରେ ମହାପୁରୁଷଙ୍କ ଗାଥା ଶୁଣିବା ସହିତ ପ୍ରାର୍ଥନା ପାଇଁ ନିଆଯାଉଥିବା କହିଥିଲେ। ଖବରପାଇ ସୋର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ବାଲେଶ୍ୱର ଚାଇଲ୍ଡ ହେଲ୍ପଲାଇନର ସଦସ୍ୟ ସମସ୍ତଙ୍କୁ ଉଦ୍ଧାର କରିଛି। ପିଲାମାନଙ୍କୁ ନେଉଥିବା ବ୍ୟକ୍ତିଙ୍କୁ ଅଟକ ରଖିଛି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# କାଳବୈଶାଖୀ ପ୍ରଭାବରେ ଭାଙ୍ଗିଲା ଘର : ବିଦ୍ୟୁତ୍ ଯୋଗାଣ ଠପ୍

ରାଇଘର, ନ୍ୟୁଜ ବ୍ୟୁରୋ

ରାଇଘର ବ୍ଲକ କୁମୁଲି (ଡିଏନକେ)ରେ କାଳବୈଶାଖୀ ପ୍ରଭାବରେ ଝଡ଼ ତୋଫାନ ଏବଂ କୁଆପଥର ବର୍ଷା ହୋଇଛି। ଫଳରେ ବହୁ ଲୋକଙ୍କ ଘର ଛପର ଉଡ଼ିଯାଇଥିବା ବେଳେ ଗଛ ପଡ଼ି ଘର ଭାଙ୍ଗିବା ସହିତ ମକା ଓ ପରିବା ଚାଷ ନଷ୍ଟ ହୋଇଥିବା ଜଣାପଡ଼ିଛି। ଆଜି ମକା ଏବଂ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ଗ୍ରାମବାସୀ ମନୋତାଶ ଥଲବରୀଙ୍କ ୩ ଏକର ମକା ଫସଲ, ରାଜକୁମାର ଦାସଙ୍କ ୨ ଏକର ଫୁଲକୋବି ଏବଂ ଅଧା ଏକର ଲଙ୍କା ଚାଷ ନଷ୍ଟ ହୋଇଥିବା ସୂଚନା ମିଳିଛି। ସରଗୁଲି (ଡିଏନକେ) ଗ୍ରାମରେ ମଧ୍ୟ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଆଜିର କାଳବୈଶାଖୀ ଯୋଗୁଁ ରାଇଘର ବ୍ଲକରେ ବିଦ୍ୟୁତ ଯୋଗାଣ ଠପ୍ ହୋଇପଡ଼ିଛି। ଅପରାହ୍ନ ୪ଟା ସମୟରେ ମାତ୍ର ୨୦ ମିନିଟ୍ ମଧ୍ୟରେ ଏହି ଝଡ଼ ତୋଫାନ ଛାରଖାର କରିଦେଇଥିଲା। କୁମୁଲି ଶିବ ପଦ ହାଲଦର୍ ଘର ଉପରେ ଆମ୍ବ ଗଛ ପଡ଼ି ଲାଟିନ, ବାତରୁମ ରହିବା ଘର ଆଜବେଷ୍ଟ ନଷ୍ଟ ହୋଇଥିବା ଜଣାପଡ଼ିଛି। ଗ୍ରାମର ତାରକ ରାୟଙ୍କ ଆଜବେଷ୍ଟ ଛାତ ଉଡ଼ିଯାଇଥିବା ବେଳେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଥିଲେ। ଅଭିଜିତ ସରକାର ଓ କାର୍ତ୍ତିକ ମଣ୍ଡଳଙ୍କ ଘର ଉପରେ ଗଛ ପଡ଼ିଯିବାରୁ ଘର ନଷ୍ଟ ହୋଇଥିବା ଜଣାପଡ଼ିଛି। ସେହିପରି ଉମରକୋଟରୁ ରାଇଘରକୁ ଆସିଥିବା ୩୩ କେଭିର ୪ଟି ବିଦ୍ୟୁତ୍ ପୋଲ ବଙ୍କା ହୋଇଯାଇଛି। ଫଳରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ। ଠପ୍ ହୋଇପଡ଼ିଛି। ଏହାକୁ ସଜାଡ଼ିବା ସହ ବିଦ୍ୟୁସ୍ୱା। ଭାବିକ କରିବାକୁ ୨୪ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗିବ। ସରଗୁଲି ଗ୍ରାମରେ ୮ଟି ଏବଂ କୁମୁଲି ଗ୍ରାମରେ ୪ଟି ଖୁଣ୍ଟ ଭାଙ୍ଗି ଯାଇଥିବାରୁ ସଜାଡ଼ିବା ପାଇଁ ୩୬ଘଣ୍ଟା ଲାଗିବ। ଆସନ୍ତାକାଲି ସନ୍ଧ୍ୟା ପୂର୍ବରୁ ବିଦ୍ୟୁତ୍ ସ୍ୱାଭାବିକ କରାଯିବ ବୋଲି ବିଦ୍ୟୁତ୍ ବିଭାଗର ଅଧିକାରୀମାନେ କହିଛନ୍ତି।

# ଚୌଦ୍ୱାର ଜେଲ୍‌ରେ ମହିଳା କଏଦୀ ପାଳିଲେ ସାବିତ୍ରୀ ବ୍ରତ



ଚୌଦ୍ୱାର, ନ୍ୟୁଜ ବ୍ୟୁରୋ

ପବିତ୍ର ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ଅଞ୍ଚଳର ପୁରପଲ୍ଲୀରେ ସଧବା ମହିଳା ମାନେ ସ୍ୱାମୀ ମାନଙ୍କ ଦୀର୍ଘାୟୁ କାମନା କରି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ସକାଳରୁ ମହିଳା ମାନେ ବିଭିନ୍ନ ଦେବାଦେବୀ ମନ୍ଦିର ମାନଙ୍କରେ ପହଞ୍ଚି ଫଳମୂଳ ଓ ପୂଜା ସାମଗ୍ରୀ ଅର୍ପଣ ପୂର୍ବକ ଦେବାଦେବୀଙ୍କ ପୂଜାର୍ଚ୍ଚନା କରି ବ୍ରତ ଧାରଣ କରିଛନ୍ତି। ଏହି ଅବସରେ ଚୌଦ୍ୱାର ସର୍କଲ ଜେଲରେ କଏଦୀ ଭାବେ ରହୁଥିବା ମହିଳା ଅନ୍ତେବାସୀ ମାନେ ମଧ୍ୟ ନିଷ୍ଠାର ସହ ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ବ୍ରତ କରିଥିବା ଏହି ମହିଳା କଏଦୀ ମାନଙ୍କ ପାଇଁ ଜେଲ ତରଫରୁ ଆବଶ୍ୟକ ବ୍ୟବସ୍ଥା କରାଯିବା ସହିତ ନୂତନ ଶାଢ଼ୀ, ଶଙ୍ଖା, ସିନ୍ଦୁର ସହିତ ବିଭିନ୍ନ ପ୍ରକାର ଫଳମୂଳ ଓ ପୂଜା ସାମଗ୍ରୀ ଯୋଗାଇ ଦିଆ ଯାଇଥିଲା । ଜେଲ ପରିସରରେ ଥିବା ଶିବ ପାର୍ବତୀ ମନ୍ଦିରରେ ପୁରୋହିତଙ୍କ ମନ୍ତ୍ର ପାଠ ମଧ୍ୟରେ ମହିଳାମାନେ ପୂଜାର୍ଚ୍ଚନା କରିବା ସହିତ ଠାକୁରଙ୍କୁ ଭୋଗ ଲଗାଇ ନିଜ ନିଜର ସ୍ୱାମୀ ମାନଙ୍କ ଶୁଭ ମନାସି ସେମାନଙ୍କ ଦୀର୍ଘାୟୁ କାମନା କରିଥିଲେ। ସେହିପରି ଜେଲରେ ସଜା କାଟୁଥିବା ବହୁ ପୁରୁଷ କଏଦୀଙ୍କ ସ୍ତ୍ରୀ ମାନେ ମଧ୍ୟ ଜେଲକୁ ଆସି ସ୍ୱାମୀ ମାନଙ୍କୁ ମୁଲାକାତ୍ କରି ଅର୍ଶୀବାଦ ଭିକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ଚୌଦ୍ୱାର ଅଞ୍ଚଳରେ ଥିବା ସମସ୍ତ ଦେବାଦେବୀ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ସକାଳରୁ ଭିଡ଼ ଜମିଥିଲା ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମିଳୁନି ବେଡ୍ ତଳେ ଶୋଇ ଛଟପଟ ହେଉଛନ୍ତି ରୋଗୀ

କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦିନକୁ ଦିନ କର୍ମଚରୀଙ୍କ ଅରାଜକତା ବଢିବାରେ ଲାଗିଛି। ଷ୍ଟ୍ରେଚର ବାହକମାନଙ୍କ ଦୌରାତ୍ମ୍ୟ ଓ ଦିଦିମାନଙ୍କ ଅସହଯୋଗକୁ ନେଇ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଡିକାଲରେ ଯେ କୌଣସି ରୋଗୀଟି ପହଁଚିବା ପରେ ଘଣ୍ଟା ଘଣ୍ଟା ଧରି ଯନ୍ତ୍ରଣାରେ ଛଟପଟ ରହୁଛନ୍ତି। ମହାକାଳପଡା ବ୍ଲକ ଅନ୍ତର୍ଗତ ତିଖିରି ଅଂଚଳର ୮୫ ବର୍ଷୀୟା ବୃଦ୍ଧା ରୋଗୀ କେଳୁଚରଣ ମହାନ୍ତି ଆଡମିଶନ୍ ପରେ ଖାଲି ପଡିଥିବା ବେଡ୍ ତାଙ୍କୁ ନ ଦେଇ ଏକ ଘଣ୍ଟା ପର୍ଯ୍ୟନ୍ତ ତଳେ ପକାଇଥିଲେ। ଏହି ବୃଦ୍ଧ ଜଣକ ଗୁରୁତର ଥିବାବେଳେ ତାଙ୍କୁ ଜରୁରୀକାଳୀନ ଚିକିତ୍ସା ନ ଦେଇ ଜୋର ଜବରଦସ୍ତ ଷ୍ଟ୍ରେଚର ବାହକଙ୍କ ହାତରେ ଏ ୱାର୍ଡରୁ ସେ ୱାର୍ଡ ଘଣ୍ଟା ଘଣ୍ଟା ଧରି ବୁଲାଇ ନୟାନ୍ତ କରିଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଅଭିଯୋଗ ହୋଇଛି। ଅଭିଯୋଗ ପରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସଚ୍ଚିଦାନନ୍ଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଚାରି ମହଲାରେ ଥିବା ଭେଷଜ ବିଭାଗର ବେଡ୍ ନଂ ୧୭୧ ରେ ଦୀର୍ଘ ସମୟ ରଖାଯାଇ ଚିକିତ୍ସା କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରି ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚ଼ାଳନା ପ୍ରସ୍ତୁତି ବୈଠକ

# ବନ୍ୟା ସମୟରେ ଗୃହପାଳିତ ପଶୁଙ୍କ ପାଇଁ ଆବଶ୍ୟକ ଖାଦ୍ୟ ଓ ଔଷଧ ମହଜୁଦ ରଖିବାକୁ ଗୁରୁତ୍ୱ

ବୌଦ୍ଧ, ନ୍ୟୁଜ ବ୍ୟୁରୋ



ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚ଼ାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବିଧାୟକ, ବୌଦ୍ଧ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କାମାଳ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ କହ୍ନାଇ ଚ଼ରଣ ଡାଙ୍ଗ ଯୋଗଦେଇଥିଲେ। କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚ଼ନ୍ଦ୍ର ଦଣ୍ଡସନା, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ବୌଦ୍ଧଗଡ଼ ଏନଏସି ଅଧକ୍ଷ ମୃତ୍ୟୁୟ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ସମୀକ୍ଷାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ସଭାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ ପୂର୍ବକ ସବୁପ୍ରକାର ବିପର୍ଯ୍ୟର ମୁକାବିଲା କରାଯାଇପାରିବ ଏବଂ ଏଥିପାଇଁ ଆମେ ସର୍ବଦା ପ୍ରସ୍ତୁତ ହୋଇ ରହିବା ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଜିଲ୍ଲାରେ ସମ୍ଭାବ୍ୟ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ସମ୍ପର୍କରେ ସଭାକୁ ଅବଗତ କରାଇଥିଲେ। ବିଶେଷକରି ଆଗାମୀ ବର୍ଷା ଋତୁରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭିନ୍ନ ସରକାରୀ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି ଓ ପ୍ରତିକାରମୂଳକ ପଦକ୍ଷେପ ବିଷୟରେ ସେ ବିସ୍ତୃତ ତଥ୍ୟ ଦେଇଥିଲେ। ବୈଠକରେ ଡ୍ରେନେଜ ବ୍ୟବସ୍ଥା, ବନ୍ୟା ସର୍କଲ୍ ଗୁଡ଼ିକର ଦାୟିତ୍ୱ ବନ, ବର୍ଷାମାପକ କେନ୍ଦ୍ରର କାର୍ଯ୍ୟପ୍ରଣାଳୀ, କଣ୍ଟ୍ରୋଲରୁମ୍ ଡ୍ୟୁଟି, ଦୈନିକ ପରିସ୍ଥିତି ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରେରଣ, ପାଣିପାଗ ସୂଚ଼ନା, ସତର୍କବାଣୀ ଓ ବନ୍ୟା ବୁଲେଟିନ୍ ଜାରି, ଖାଦ୍ୟ ସାମଗ୍ରୀ ମହଜୁଦ, ଶୃଙ୍ଖଳା ଖାଦ୍ୟ ସଂଗ୍ରହ ପାଇଁ ପୂର୍ବ ଚୁକ୍ତି ବ୍ୟବସ୍ଥା, ସୁରକ୍ଷିତ ପାନୀୟ ଜଳ ଯୋଗାଣ, ଖାଦ୍ୟ ଆଶ୍ରୟ କେନ୍ଦ୍ର ଓ ବନ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତି, ଉଦ୍ଧାର ଓ ସ୍ଥାନାନ୍ତରଣ ଯୋଜନା, ଓଡ୍ରାଫ୍ ଓ ଏନଡିଆରଏଫ୍ ଟିମ୍‌ର ନିୟୋଜନ, ହେଲିପ୍ୟାଡ୍‌ର ଉପଲବ୍ଧତା, ରିଲିଫ୍ ପାର୍ଟି ଗଠନ ଏବଂ ବନ୍ୟା ରିଲିଫ୍‌ରେ ନିୟୋଜିତ କର୍ମଚ଼ାରୀଙ୍କ ପ୍ରଶିକ୍ଷଣ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚ଼ନା କରାଯାଇଥିଲା। ଜିଲ୍ଲାରେ ପାନୀୟ ଜଳ ସମସ୍ୟାର ସମାଧାନ ସହ ନଦୀକୂଳ ଅଞ୍ଚଳର ଗ୍ରାମ ଗୁଡ଼ିକରେ ବନ୍ୟାଆଶ୍ରୟସ୍ଥଳ ନିର୍ମାଣ ପାଇଁ ଗୁରୁତ୍ୱ ଦେଇଥିଲେ। ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ବୌଦ୍ଧ ସହର ପାଇଁ ଶୀଘ୍ର ଏକ ରିଙ୍ଗ ରୋଡ଼ ନିର୍ମାଣର ଆବଶ୍ୟକତା ଉପସ୍ଥାପନ କରିଥିଲେ। ସେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆବଶ୍ୟକ ଖାଦ୍ୟ ସାମଗ୍ରୀ, ଔଷଧ ଓ ରିଲିଫ୍ ସାମଗ୍ରୀ ପୂର୍ବରୁ ମହଜୁଦ ରଖିବା ପାଇଁ ସମସ୍ତ ବିଭାଗକୁ ପରାମର୍ଶ ଦେଇଥିଲେ। ବନ୍ୟା ସମୟରେ ଗୃହପାଳିତ ପଶୁମାନଙ୍କ ପାଇଁ ଆବଶ୍ୟକ ଖାଦ୍ୟ ଓ ଔଷଧ ମହଜୁଦ ରଖିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପ୍ରଶାସନର ସମସ୍ତ ବିଭାଗ ନିଜ ନିଜ ଆବଶ୍ୟକତା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପୂର୍ବରୁ ଅବଗତ କରାଇ ସମସ୍ତ ପ୍ରକାର ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ରହିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଜ୍ୟୋତିରନ ଭୋଇ ସଭା ଆୟୋଜନ କରିଥିବାବେଳେ ଜିଲ୍ଲା ସୂଚ଼ନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସଭା ସଂଯୋଜନା କରିଥିଲେ ।

# ନିଟ୍ ପରୀକ୍ଷା ପ୍ରଶ୍ନ ପତ୍ର ଲିକ୍ ତଥା ପେଟ୍ରୋଲ ଓ ଡିଜେଲ, ରନ୍ଧନ ଗ୍ୟାସ ଦରବୃଦ୍ଧିରେ ବିଜେଡିର ପ୍ରତିବାଦ



ବରଗଡ, ନ୍ୟୁଜ ବ୍ୟୁରୋ

ଦେଶ ରେ ବାରମ୍ବାର ବିଭିନ୍ନ ପରୀକ୍ଷା ର ପ୍ରଶ୍ନ ପତ୍ର ଲିକ୍ ହୋଇ ପରୀକ୍ଷା ବାତିଲ ହେଉଥିବା ବେଳେ କିଛି ଦିନ ତଳେ ନିଟ୍ ପରୀକ୍ଷାର ପ୍ରଶ୍ନ ପତ୍ର ଲିକ୍ ହୋଇଛି । ଏଥିରେ ଦେଶର ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇ ଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅପାରଗତା ଯୋଗୁଁ ଏଭଳି ଘଟଣା ଘଟିଥିବାରୁ ବରଗଡ଼ ବିଜେଡି ପକ୍ଷରୁ ଏହି ଘଟଣାକୁ ଦୃଢ଼ ନିନ୍ଦା କରାଯିବା ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଛି । ଏଥି ସହିତ ଦେଶରେ ଡିଜେଲ ପେଟ୍ରୋଲ ଓ ଜାଳେଣି ଗ୍ୟାସ ର ସଙ୍କଟ ତଥା ଅହେତୁକ ଦର ବୃଦ୍ଧି ହେଉଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ଏହି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇବାରେ ବିଫଳ ହେବା ସହ ସାଧାରଣ ଜନତାଙ୍କ ଉପରେ ଦର ବୃଦ୍ଧି ବୋଝ ଲଦି ଦେଇଥିବା ପ୍ରତିବାଦ ରେ ବରଗଡ଼ ଜିଲ୍ଲା ବିଜେଡି ପକ୍ଷରୁ ଜିଲ୍ଲା ସଭାପତି ସୁଶାନ୍ତ ମହାପାତ୍ର ଜିଲ୍ଲା ଯୁବ ବିଜେଡ଼ି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଜିଲ୍ଲା ଛାତ୍ର ବିଜେଡି ସଭାପତି କରନ ସିକନ୍ଦରଙ୍କ ତତ୍ତ୍ୱାବଧାନରେ ଓ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବରଗଡ଼ ଗାନ୍ଧୀ ଛକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ , ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇ ଅପାରଗ କେନ୍ଦ୍ର ସରକାର ବିରୋଧରେ ଦୃଢ଼ ପ୍ରତିବାଦ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରଗଡ଼ ପୌର ଅଧକ୍ଷା କଳ୍ପନା ମାଝୀ, ଉପାଧକ୍ଷ ରାଜେଶ ଅଗ୍ରୱାଲ, ରାଜ୍ୟ ଯୁବ ବିଜେଡି ଉପ ସଭାପତି ଅମର ନାଥ ଭୋଇ, ବିଜେଡି ଜିଲ୍ଲା ଉପ ସଭାପତି କିଶୋର ମିଶ୍ର , ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଚନ୍ଦନ ଗୁପ୍ତା, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ଆଲୋକ ପ୍ରଧାନ ରାଜ୍ୟ ଯୁବ ବିଜେଡି ଉପ ସଭାପତି ସୁବ୍ରତ ସିଂ ବରଗଡ଼ ଟାଉନ ବିଜେଡି ସଭାପତି ଅନୁପ ସତପଥି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ ବ୍ଲକ ଉପାଧକ୍ଷ ଉମେଶ ପଣ୍ଡା, ଉମା ଚରଣ ରାଉତ କମଳ ତାଣ୍ଡି, ସୁନନ୍ଦା ପଣ୍ଡା, ଜ୍ୟୋତ୍ସ୍ନା ପାଇକ, ଶୈଳେଶ ନାୟକ, ଅବିନାଶ ମଲ୍ଲିକ, ନିର୍ମଳ କୁଅଁର, ଉପେନ୍ଦ୍ର ମହାପାତ୍ର, ମହେଶ ଗଡ଼ତିଆ, ଖିତେଶ୍ୱର୍ କୁମ୍ଭାର, ସମୀର ବାରିକ, ଏମଡି ଜମିର ପ୍ରମୁଖ ଙ୍କ ସମେତ ଶତାଧିକ ବିଜେଡି କର୍ମୀ କେନ୍ଦ୍ର ସରକାର ଙ୍କ ବିରୁଦ୍ଧାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନ ମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ପେଟ୍ରୋଲିୟମ୍ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

### ଉଦୟକାଳୀନ ଗ୍ରହଚକ୍ର

| | | |
|---|---|---|
| ଲିଃରାଚନ୍ଦ୍ରୁ / ୨ ବୃହୀ | ୧୨ମ | ଶୁ୧ ୧ / ୧୦ରା |
| ୩ | ୪ / ୨ | ୯ |
| ୪କେ / ୫ | ୬ | ୮ / ୭ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, (ମଳ) ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୮।୦୫।୨୦୨୬, ଜ୍ୟୈଷ୍ଠ ଦି୪ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୧୧।୪୦** **ଚନ୍ଦ୍ରୋଦୟ- ପ୍ରାଘ ୬।୦୨।୪୮**

**ଦ୍ୱିତୀୟା-** ସଂଘ ୫।୫୫ ପର୍ଯ୍ୟନ୍ତ, ରୋହିଣୀ ନକ୍ଷତ୍ର ଦିଘ ୧୧।୩୪ ପର୍ଯ୍ୟନ୍ତ। **ବୃଷ ଚନ୍ଦ୍ର-** ରାଘ ୧୦।୦୭ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର। ରାଘ ୧୦।୦୭ ଗତେ ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** ବିଛା ରାଶିର। ରାଘ ୧୦।୦୭ ଗତେ କନ୍ୟା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ବୋଇତାଳୁ ସଂଘ ୫।୫୫ ଗତେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୩ ଗତେ ଦିଘ ୧୦।୨୭ ମଧ୍ୟେ।



**ମେଷ:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଠକାମିର ଶିକାର ହୋଇପାରନ୍ତି। ଘରେ ସୁଖ ଲାଭ ହେବ। ଦୂରକୁ ଯାତ୍ରା କରି ସଫଳତା ହାସଲ କରିବେ।



**ବୃଷ:** ଶାରୀରିକ ସୁସ୍ଥତା ଦେଖାଦେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ ଲାଭ କରିବେ। ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ପାଇବ। ରୋଜଗାର ଭଲ ହେବ। ପାରିବାରିକ ଜୀବନ ସୁଖମୟ ହେବ।



**ମିଥୁନ:** ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବ। ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ଅଯଥାରେ ଦୂରକୁ ଯାତ୍ରା କରିପାରନ୍ତି।



**କର୍କଟ:** ଶତ୍ରୁ ନାଶ ହେବେ। ହଠାତ୍ ଶୁଭ ଖବର ପାଇପାରନ୍ତି। ସାମାଜିକ ସ୍ତରରେ ମାନ ସମ୍ମାନ ବଢ଼ିବ। ଆୟର ପରିମାଣ ବଢ଼ିବ। ପାରିବାରିକ ଜୀବନରେ ଶାନ୍ତିର ଆଗମନ ହେବ।



**ସିଂହ:** ବ୍ୟବସାୟରେ କ୍ଷତିର ସମ୍ଭାବନା। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ବନ୍ଧୁବାନ୍ଧବଙ୍କ ସହ ମନୋମାଳିନ୍ୟ ସୃଷ୍ଟି ହୋଇପାରେ। ଗୃହେ ଅଶାନ୍ତି।



**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ସାନ୍ନିଧ ଲାଭ କରି ଉପକୃତ ହେବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ରୋଜଗାର ଭଲ ହେବ। ଘରେ ଶାନ୍ତିର ବାତାବରଣ ରହିପାରେ।



**ତୁଳା:** ଲକ୍ଷ୍ୟ ହାସଲ କରିବେ। ସାମାଜିକ ସ୍ତରରେ ମାନସମ୍ମାନ ବୃଦ୍ଧି ପାଇବ। ପାରିବାରିକ ଶାନ୍ତି ପ୍ରାପ୍ତ ହେବ। ଭ୍ରମଣ ଯୋଗ ରହିଛି। କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟର ପରିମାଣ ବଢ଼ିବ।



**ବିଛା:** ଚାକିରୀ କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ମାନସିକ ଅଶାନ୍ତି ଦେଖାଦେବ। ପାରିବାରିକ କଳହ ବଢ଼ିପାରେ। ମହିଳାମାନେ କାର୍ଯ୍ୟ ବ୍ୟସ୍ତ ରହିବେ।



**ଧନୁ:** ଶତ୍ରୁଙ୍କ ପରିମାଣ ବଢ଼ିବ। ଏଣୁ ସାବଧାନତା ଶ୍ରେୟସ୍କର। ଅଯଥାରେ ଖର୍ଚ୍ଚାନ୍ତ ହୋଇପାରନ୍ତି। ପରିବାରେ ପିଲାଙ୍କୁ ନେଇ ଚିନ୍ତିତ ରହିବେ। ବନ୍ଧୁ ସହ ମତାନ୍ତର ଦେଖାଦେବ। ମନ ଅସ୍ଥିର ରହିବ।



**ମକର:** ଆୟର ପରିମାଣ ବଢ଼ିବ। ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ସମସ୍ତ କାର୍ଯ୍ୟରେ ସଫଳତା ହାସଲ ହେବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



**କୁମ୍ଭ:** ଶତ୍ରୁ ଉପରେ ବିଜୟ ହାସଲ କରିବେ। ଦେହ ଓ ମନ ଭଲ ରହିବ। ପାରିବାରିକ ଶାନ୍ତି ମିଳିବ। ଆୟରେ ଉନ୍ନତି ଦେଖାଦେବ। ବନ୍ଧୁଙ୍କ ସହଯୋଗ ଲାଭ କରି କାର୍ଯ୍ୟ ହାସଲ କରିବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ।



**ମୀନ:** ବ୍ୟବସାୟରେ କ୍ଷତିର ସମ୍ଭାବନା। କୁ-ଭୋଜନ କରି ଉଦରପୀଡ଼ା ଦେଖାଦେବ। ମହିଳାମାନେ ଗର୍ବୀ ହେବେ। ଗୃହେ ଅଶାନ୍ତି ଦେଖାଦେବ। ଖର୍ଚ୍ଚର ମାତ୍ରା ଅଧିକ ହେବ। ମନ ଅସ୍ଥିର ରହିବ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, (ମଳ) ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୯।୦୫।୨୦୨୬, ଜ୍ୟୈଷ୍ଠ ଦି୫ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୧୧।୨୧** **ଚନ୍ଦ୍ରୋଦୟ- ପ୍ରାଘ ୭।୧୮।୩୬**

**ତୃତୀୟା-** ଦିଘ ୨।୨୦ ପର୍ଯ୍ୟନ୍ତ, ମୃଗଶିରା ନକ୍ଷତ୍ର ଦିଘ ୮।୪୩ ପର୍ଯ୍ୟନ୍ତ। **ମିଥୁନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। **ଘାତଚନ୍ଦ୍ର-** କନ୍ୟା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୨।୨୦ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୫ ଗତେ ଦିଘ ୬।୫୩ ମଧ୍ୟେ ଦିଘ ୯।୩୫ ଗତେ ଦିଘ ୧୨।୦୧ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ଯୁଦ୍ଧବିରତି

ଉତ୍ତେଜନା ସତ୍ତ୍ୱେ ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ଯୁଦ୍ଧବିରତି ବଢ଼ିଛି । ଦୁଇ ଦେଶ ମଧ୍ୟରେ ୪୫ ଦିନିଆ ଅସ୍ତ୍ରବିରତି ଉପରେ ସହମତି ହୋଇଛି । ଆଲୋଚନା ମଧ୍ୟସ୍ଥତା କରିବା ପରେ ଆମେରିକା ବୈଦେଶିକ ମନ୍ତ୍ରୀ ଏ ବାବଦରେ ସୂଚନା ଦେଇଛନ୍ତି । ୱାଶିଂଟନ ଡିସିରେ ଆଉ ଏକ ପର୍ଯ୍ୟାୟ ଆଲୋଚନା ପରେ ଇସ୍ରାଏଲ ଏବଂ ଲେବାନନ ୪୫ ଦିନ ପାଇଁ ସେମାନଙ୍କର ଅସ୍ତ୍ରବିରତି ବୃଦ୍ଧି କରିବାକୁ ରାଜି ହୋଇଛନ୍ତି । ଆମେରିକାର ବୈଦେଶିକ ବିଭାଗ ମୁଖପାତ୍ର ଟମି ପିଗଟ୍ କହିଛନ୍ତି ଯେ, ଏହା ଦୁଇଟି ଫଳପ୍ରଦ ଦିନର ଆଲୋଚନା ପରେ ହୋଇଛି ଏବଂ ଏହା ପରେ ଜୁନ୍ ୨-୩ ତାରିଖରେ ଆହୁରି ଆଲୋଚନା ହେବ । ଯୁଦ୍ଧବିରତି ୪୫ ଦିନ ପାଇଁ ବୃଦ୍ଧି କରିବାକୁ ରାଜି- ଇସ୍ରାଏଲ ଏବଂ ଲେବାନନର ହିଜବୋଲା ଆତଙ୍କବାଦୀ ଗୋଷ୍ଠୀ ମଧ୍ୟରେ ଥିବା ଅସ୍ଥିର ଶାନ୍ତି ଚୁକ୍ତିନାମା ରବିବାର ଶେଷ ହେବାକୁ ଯାଉଛି । ପିଗଟ୍ ସୋସିଆଲ ମିଡିଆରେ କହିଛନ୍ତି କି, 'ଆମେ ଆଶା କରୁଛୁ ଯେ ଏହି ଆଲୋଚନା ଦୁଇ ଦେଶ ମଧ୍ୟରେ ସ୍ଥାୟୀ ଶାନ୍ତି, ପରସ୍ପରର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ପୂର୍ଣ୍ଣ ସ୍ୱୀକୃତି ଏବଂ ସେମାନଙ୍କର ସହଭାଗୀ ସୀମାରେ ପ୍ରକୃତ ସୁରକ୍ଷା ପ୍ରତିଷ୍ଠା କରିବ ।' ରିପୋର୍ଟ ଅନୁସାରେ, ଆମେରିକାର ବୈଦେଶିକ ବିଭାଗ ଶୁକ୍ରବାର ରିପୋର୍ଟ କରିଛି ଯେ, ଇସ୍ରାଏଲୀ ଆକ୍ରମଣ ମଧ୍ୟରେ ଇସ୍ରାଏଲ ଏବଂ ଲେବାନନ ଆଉ ୪୫ ଦିନ ପାଇଁ ଯୁଦ୍ଧବିରତି ବୃଦ୍ଧି କରିବାକୁ ରାଜି ହୋଇଛନ୍ତି । ଆମେରିକାର ବୈଦେଶିକ ବିଭାଗ ମୁଖପାତ୍ର ଟମି ପିଗଟ୍ ଶୁକ୍ରବାର ୱାଶିଂଟନରେ ଅନୁଷ୍ଠିତ ଶାନ୍ତି ଆଲୋଚନାକୁ ସଫଳ ବୋଲି ବର୍ଣ୍ଣନା କହି ଜୋର ଦେଇଛନ୍ତି କି ଏବଂ ଜୁନ୍ ୨ ଏବଂ ୩ ରେ ଆଲୋଚନା ଜାରି ରହିବ । ଦୁଇ ଦେଶ ମଧ୍ୟରେ ସ୍ଥାୟୀ ଶାନ୍ତି- ମେ' ୨୯ ତାରିଖରେ ପେଣ୍ଟାଗନରେ ଏକ ସୁରକ୍ଷା ଅଧିବେଶନ ଆରମ୍ଭ ହେବ, ଯେଉଁଥିରେ ଇସ୍ରାଏଲ ଏବଂ ଲେବାନନ ଉଭୟର ଅଧିକାରୀମାନେ ଉପସ୍ଥିତ ରହିବେ। ଆଲୋଚନାଗୁଡ଼ିକ ଦୁଇ ଦେଶ ମଧ୍ୟରେ ସ୍ଥାୟୀ ଶାନ୍ତି, ପରସ୍ପରର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାକୁ ପୂର୍ଣ୍ଣ ସ୍ୱୀକୃତି ଏବଂ ସେମାନଙ୍କର ସହଭାଗୀ ସୀମାରେ ପ୍ରକୃତ ସୁରକ୍ଷା ପାଇଁ ନେତୃତ୍ୱ ନେବେ ବୋଲି ରିପୋର୍ଟରେ କୁହାଯାଇଛି । ରିପୋର୍ଟ ଅନୁସାରେ ଶୁକ୍ରବାର ଦିନ ଦକ୍ଷିଣ ଲେବାନନରେ ଇସ୍ରାଏଲ ନୂଆ ଆକ୍ରମଣରେ ୭ ଜଣଙ୍କୁ ହତ୍ୟା କରିବା ପରେ ଏହି ପଦକ୍ଷେପ ନିଆଯାଇଛି । ଦେଶର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ମାର୍ଚ୍ଚ ୨ ତାରିଖରୁ ଇସ୍ରାଏଲୀ ଆକ୍ରମଣରେ ମୋଟ ୨,୯୫୧ ଜଣଙ୍କର ମୃତ୍ୟୁ ହୋଇଛି। ଚାଲିଥିବା ଶାନ୍ତି ଆଲୋଚନା ମଧ୍ୟରେ, ହିଜବୋଲା ବୁଧବାର ଦକ୍ଷିଣ ଲେବାନନରେ ଇସ୍ରାଏଲୀ ସାମରିକ ସ୍ଥାନ, ବାହିନୀ ଏବଂ ଯାନବାହନକୁ ଟାର୍ଗେଟ କରି ୧୭ଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଆମ୍ଭୁସ୍ ଆକ୍ରମଣରେ ୮ଟି ଡ୍ରୋନ୍ ଆକ୍ରମଣ, ୫ଟି କ୍ଷେପଣାସ୍ତ୍ର ଗୋଟିଏ ଗାଇଡେଡ୍ କ୍ଷେପଣାସ୍ତ୍ର ସାମିଲ । ହିଜବୋଲା ଦୁଇଟି ସାମରିକ ଯାନ, ଦୁଇଟି ମର୍କଭା ଟ୍ୟାଙ୍କ, ଗୋଟିଏ ସଶସ୍ତ୍ର ଯାନକୁ ଟାର୍ଗେଟ କରିଥିଲା । ଏହି ଗୋଷ୍ଠୀ ଏହା ମଧ୍ୟ ଦାବି କରିଛି ଯେ, ଏହାର ଯୋଦ୍ଧାମାନେ ପୂର୍ବ ଯୋଜନାବଦ୍ଧ ବିସ୍ଫୋରକ ସହିତ 'ହାଲୁକା ଏବଂ ଭାରୀ ଅସ୍ତ୍ରଶସ୍ତ୍ର ଏବଂ ତୋପ ଗୁଳି' ବ୍ୟବହାର କରି ହଦାଥା ସହର ଉପକଣ୍ଠ ନିକଟରେ ଇସ୍ରାଏଲୀ ସୈନିକଙ୍କ ଉପରେ ଆକ୍ରମଣ କରିଥିଲେ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ପାଠକେ ଭିତରକୁ ନିଅ, ସନାତନ ଧର୍ମର ନୀତି, ନିୟମ, ଆଦର୍ଶ କେବଳ ଜୀବଜଗତ ପାଇଁ, ସେଥିରେ ଛୁଆଁ ଅଛୁଆଁ ପ୍ରଶ୍ନ କେଉଁଠି ଅଛି । ତେଣୁ ସନାତନ ଧର୍ମ କହେ ମାଛ ଖାଅ କି ମାଂସ ଖାଅ ସବୁତ ଖାଦ୍ୟ, କିନ୍ତୁ ଆମିଷ ଖାଅନାହିଁ । ଏହାର ତାତ୍ପର୍ଯ୍ୟ ହେଉଛି, କାମ, କ୍ରୋଧ, ଲୋଭ, ମୋହ ମଦ, ମାତ୍ସର୍ଯ୍ୟ ଏହି ଷଡ ଅରୀ ହେଲେ ଆମିଷ, ତୁମେ ପ୍ରଥମେ ଏହାକୁ ତୁମ ଭିତରୁ ଦୂରେଇଛତ ? ଆଉ ଦ୍ୱିତୀୟ କଥା ହେଲା ହାଡି, ପାଣକୁ ଛୁଅଁ ନାହିଁ, ଆରେ ସେତ ମନୁଷ୍ୟ ଶ୍ରେଷ୍ଠ ପ୍ରାଣୀ ତାକୁ କିପରି ତୁମେ ଘୃଣା ଚକ୍ଷୁରେ ଦେଖୁଛ ଅଛୁଆଁ ପ୍ରକୃତରେ ହେଉଛି ତୁମର ଅହଙ୍କାର, ଗର୍ବ, କ୍ରୋଧ ଏହି ତିନି ଦ୍ରବ୍ୟ ଯାହା ପାଖରେ ଅଛି ସେହିଁ ପ୍ରକୃତରେ ଅଛୁଆଁ, ତାକୁ ତୁମେ ଛୁଅଁନାହିଁ । ସାବଧାନ ନଚେତ ଠକି ଯିବଟି । ହରିଓଁ ।

## ଦରକାରୀ

ଶ୍ରଦ୍ଧେୟ ଭକ୍ତବୃନ୍ଦ, ଏ ସଂସାରରେ କିଛି ଅଦରକାରୀ ନୁହେଁ। ସବୁ ଦରକାରୀ । ନିଜକୁ ହୀନ ମଣୁଥିବା ବ୍ୟକ୍ତି ଅନ୍ୟକୁ ଅଦରକାରୀ ବୋଲି ଭାବିଥାଏ । ସେ ଜାଣି ପାରି ନଥାଏ ଯେ ତା ଭିତରେ ସେଇ ଏକ ଚୈତନ୍ୟ ଶକ୍ତି ଅଛି ବୋଲି । କାରଣ କଥାରେ ଅଛି କାଷ୍ଠ ପାଷାଣ ତରୁତୃଣ, ଶରୀରେ ହୃଦେ ନାରାୟଣ, ଏହାହିଁ ନିରାଟ ସତ୍ୟ । କିନ୍ତୁ ଆମର ଜ୍ଞାନ ଯେଉଁ ପର୍ଯ୍ୟନ୍ତ ପ୍ରଭାବିତ ହୋଇଥାଏ ଆମେ ତାକୁ ଦରକାରୀ ବୋଲି କହିଥାଉ । କିନ୍ତୁ ତା ପରେ ଯାହାକିଛି ଆମେ ତାକୁ ଜାଣିନାହୁଁ । ତେଣୁ ଆମେ ତାକୁ ଅଦରକାରୀ ବସ୍ତୁ ଭାବି ଫିଙ୍ଗି ଦେଇଥାଉ । ତେଣୁ ଜ୍ଞାନକୁ ଆହୁରି ସରଳୀକରଣ କରି ବିସ୍ତାର କର, ତାହେଲେ ତୁମେ ତୁମର ପ୍ରାପ୍ୟ ନିଶ୍ଚୟ ପାଇପାରିବ । ସୂକ୍ଷ୍ମରୁ ସୂକ୍ଷ୍ମ ଦେଖିବ ତୁମର ପ୍ରତ୍ୟେକ କାର୍ଯ୍ୟ ସେଇ ଇଶ୍ୱର ହିଁ କରି ଚାଲିଛନ୍ତି । ତୁମେ ନୁହଁ । ହରିଓଁ ।

## ଧନ୍ୟ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏ ସଂସାରରେ ସମସ୍ତେ ଧନ ରୋଜଗାର ପାଇଁ ବ୍ୟସ୍ତ, ମାନ ସମ୍ମାନ ପାଇଁ ବ୍ୟସ୍ତ, କିନ୍ତୁ ଧନ୍ୟ କେତେଜଣ ହୋଇପାରିଛନ୍ତି ?(ପରୋପକାରାୟଃ ସ୍ୱର୍ଗାୟଃ)ଧନ୍ୟ ସେହି ଲୋକ ଯେ ପରର ଉପକାର ପାଇଁ ସର୍ବଦା ଚେଷ୍ଟିତ ହୋଇଥାଏ ସେ ଧନ ପଛରେ ଗୋଡାଏ ନାହିଁ ଧନ ତା ପଛରେ ଗୋଡାଏ । ମାନ ସମ୍ମାନ ତା ପଛରେ ଗୋଡାଇଥାଏ । କିନ୍ତୁ ସେଥିପ୍ରତି ଦୃଷ୍ଟି ନ ଦେଇ ପରମ ସେବାରେ ନିଜକୁ ହଜାଇ ମଜାଇ ଦେଇଥାଏ । ସେ ହିଁ ଧନରୁ ଧନ୍ୟ ହୋଇଯାଇଥାଏ । ସେ ରିକ୍ସାବାଲା ହେଉ କି ରାଷ୍ଟ୍ରପତି ହେଉ କର୍ତ୍ତବ୍ୟରେ ଯେ ନିଷ୍ଠା ରଖି ସମାଜ ପାଇଁ କିଛି ସ୍ମୃତି ଛାଡିଯାଏ ସେ ଆପେ ଆପେ ପ୍ରଭୁଙ୍କ ଦରବାରରେ ଧନ୍ୟ ହୋଇଯାଏ । ତେଣୁ ଧର୍ମ ପାଇଁ ଧକ୍କା ସହିବାକୁ ପଡେ, ଆଉ ଯିଏ ଧକ୍କା ସହେ ସେହିଁ ଧୈର୍ଯ୍ୟବାନ୍ ବ୍ୟକ୍ତି । ସେହି ଧନ୍ୟ, କାରଣ ସେ ପିଟା ସୁନା । ସେ ଜନ୍ମର ମୂଲ୍ୟକୁ ବୁଝିପାରିଥାଏ । ସୃଷ୍ଟିର ରହସ୍ୟ କୁ ଭେଦି ପାରିଥାଏ । କାରଣ ଶୂନ୍ୟ ହିଁ ପୂର୍ଣ୍ଣ । ଆଗ ଶୂନ୍ୟ ହେବା ପାଇଁ ଚେଷ୍ଟା କର । କାରଣ କଥାରେ ଅଛି-

କସି କସାଇ ଧନ ଦେବ
ନହେଲେ ବାହୁଡାଇ ଦେବ । (କ୍ରମଶଃ...)

# ପଶୁଠାରୁ ପଶୁ ମଣିଷ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଜୀବନଟା । ନିରାଶାର ବାଲି ନୁହେଁ; ସ୍ନେହ, ପ୍ରେମ, ପ୍ରତ୍ୟୟ, ବିଶ୍ୱାସ, ଭ୍ରାତୃପ୍ରେମ - ଏ ନୁହେଁ ମରୁ ମରୀଚିକା। ମାନବିକତା ବିନା ଜୀବନ ମୂଲ୍ୟହୀନ। ସୃଷ୍ଟିର ସବୁଠାରୁ ବୁଦ୍ଧିଆ ଏଇ ମଣିଷ। ସେ ଅମୃତସ୍ୟ ପୁତ୍ର। ପରମପିତାଙ୍କ ଦ୍ୱାରା ଆଦିଷ୍ଟ। ଜୀବନରେ ସତ୍‌କର୍ମ ଲୋଡ଼ା; ମାତ୍ର ସଂସାର ମଧ୍ୟରେ ସେ ଛନ୍ଦିମନ୍ଦି ହୁଏ। ପାରିପାର୍ଶ୍ୱିକ ସ୍ଥିତିର ଗୋଲାମ ପାଲଟେ। ଆସୁରିକ ପ୍ରବୃତ୍ତି ବଢ଼ି ବଢ଼ି ଚାଲେ। ଟଙ୍କା ପଛରେ ସେ ସଦା ପ୍ରଧାବିତ। କାମିନୀ, କାଞ୍ଚନ, ପଦପଦବୀର ମୋହ। ସେ ହୋଇଯାଏ ଦିଗଭ୍ରଷ୍ଟ। ଲାଳସାର କାରାଗାରରେ ମାନବିକତା ଆଜି ବନ୍ଦୀ। ମଣିଷ ପଣିଆର ଆତ୍ମହତ୍ୟା। ବୋଧଶକ୍ତି, ବିଚାରଶକ୍ତି; 'ସୁ', 'କୁ' ମଧ୍ୟରେ ପ୍ରାର୍ଥକ୍ୟ ମଣିଷ ବାରିପାରେ। ଆହାର, ନିଦ୍ରା, ମୈଥୁନ; ଉଭୟ ମଣିଷ ଆଉ ପଶୁ ଏଥିରେ ଅଭ୍ୟସ୍ତ; ମାତ୍ର ମଣିଷ ସମ୍ଭ୍ରମବୋଧ, ଲଜ୍ଜାର ଅଧୀନ। ସେଇଥିପାଇଁ ସେ ଭଦ୍ର, ସାମାଜିକ; ମାତ୍ର ତା' ଅବଚେତନ ମନରେ ହିଂସ୍ରତା, ପାଲଟେ ପଶୁଠାରୁ ଆହୁରି ହୀନ। ସେଇଥିପାଇଁ ଭଦ୍ର ମଣିଷର ଭିତିରି ରୂପ ପଶୁପ୍ରବୃତ୍ତି। ତାହା ଅରଣା, ଆଦିମ। କୌଣସି ଗୁଣରେ ପଶୁମାନଙ୍କ ଠାରୁ ସେ ଭିନ୍ନ ନୁହେଁ। ନିଷ୍ଠୁର ମଣିଷ। ପାଣି ନ ଥିବା କୁମ୍ଭୀର, ଜଙ୍ଗଲ ନ ଥିବା ବାଘ।

ଏ ପରିପ୍ରେକ୍ଷୀରେ ପଶୁମାନଙ୍କ ସ୍ନେହ, ପ୍ରେମ, ଭଲପାଇବା; ମନ କିଣିନିଏ। ପୋଷା କୁକୁର ପାଦ ଚାଟେ। ସିଂହ ଶିକାର କରେ। ପାଖରେ ଥିବା ଗଣ୍ଡା ଅବା ଜଳହସ୍ତୀ। ସିଂହ କବଳରୁ ବଞ୍ଚେଇ ଦିଅନ୍ତି ଶିକାରକୁ। ହରିଣ ଶାବକ, କରୁଣ ଚାହାଣି। ବାଘ, ସିଂହ ଆକ୍ରମଣରୁ ରକ୍ଷାପାଏ, ରକ୍ଷାକରେ ଦନ୍ତାହସ୍ତୀ। ଏମିତି ବହୁ ନଜିର। ସୋସିଆଲ ମିଡ଼ିଆରେ ପ୍ରସାରିତ। ଏ ପ୍ରସଙ୍ଗରେ ଛୋଟ ଗପଟିଏ। ମା' ଛେଉଣ୍ଡ ଦୁଇ ସିଂହ ଶାବକ, ହରିଣୀ ତାଙ୍କୁ କ୍ଷୀରପାନ କରାଇଲା। ଲାଳନ ପାଳନ ବି। ଶାବକ ବଡ଼ହେଲେ। ସୁସ୍ଥ ସବଳ; ମା' ହରିଣୀ ସାଙ୍ଗରେ ତାଙ୍କର ବୁଲାବୁଲି। ଦେଖିଲେ ଅନ୍ୟ ସିଂହମାନେ, ହରିଣୀ, ସିଂହ; ଖାଦ୍ୟ ଖାଦକ। ମାତ୍ର ମା' ହରିଣୀ ନିଦକ। ଅନ୍ୟ ସିଂହମାନେ ଆଚମ୍ଭିତ। ସୁବିଧା ଉଣ୍ଡି ମା' ହରିଣୀ ଉପରେ କଲେ ଲମ୍ଫ ପ୍ରଦାନ; ହରିଣୀର କରୁଣ ଚିତ୍କାର। ତା' ପାଳିତ ସିଂହ ଶିଶୁଙ୍କ କାନରେ ପଡ଼ିଲା। ତତ୍‌କ୍ଷଣାତ୍ ଆକ୍ରମଣକାରୀ ସିଂହର ନିଧନ ହେଲା, ପ୍ରତିପାଦନ କରିଦିଏ ମା' କ୍ଷୀରର ମୂଲ। ଭଲପାଇବାର ସାର୍ଥକତା। ହୁଏତ ଏହା ଗପ ହୋଇପାରେ; ମାତ୍ର ଗୋଟିଏ କଥା ଦିବାଲୋକ ପରି ସ୍ପଷ୍ଟ। ପଶୁର ଭଲପାଇବା ଛଳନାଶୂନ୍ୟ, ଅନାବିଳ; ମାତ୍ର ମଣିଷ ଠାରେ ଅନେକତ୍ର ତାହା ବିପରୀତ। ଏମିତି ଏକ ପ୍ରସଙ୍ଗ। ଜମିଦାରଙ୍କ କୁକୁର ଡୋରା, ତାଙ୍କ ପାଳିତା ଜଲି - ହରିଣ ଛୁଆ। ଏଇ ଦୁଇଙ୍କ ଭଲ ପାଇବାକୁ ନେଇ ଗପଟିଏ 'ମାଂସର ବିଳାପ'। ଏଥିରେ ସ୍ୱୟଂ ଜମିଦାର, ଇଂରେଜ ସାହେବଙ୍କ, ଅମଣିଷ ପଣିଆ, ନିଷ୍ଠୁରତା, କ୍ରୂରତାର ଚିତ୍ର ଅତି ସ୍ପଷ୍ଟ। ଦୁଇ ପଶୁ ଜଲି, ଡୋରାଙ୍କ ଠାରୁ ସେ କେତେ ନ୍ୟୂନ; ତାହା ଗଳ୍ପଟିରେ ପ୍ରତିପାଦିତ। ସତରେ ସେମାନେ ପଶୁଠାରୁ ପଶୁ!

ପଶୁ ଦିଓଟି - ଜଲି, ଡୋରା ଜମିଦାରଙ୍କ ବଡ଼ ପ୍ରିୟ। କୁକୁରଟି ବିଲାତରୁ ରପ୍ତାନୀ; ତା'ର ଇଂରାଜୀ ନାମ ଡୋରା। ହରିଣ ଛୁଆଟି ଡୋରାର ଅତି ପ୍ରିୟ - ସେଥିପାଇଁ ତା'ର ଇଂରାଜୀ ନାଁ ଜଲି। ଜମିଦାରଙ୍କ କର୍ମକ୍ଳାନ୍ତ ଦିବସ। କଚେରି ସମ୍ମୁଖସ୍ଥ ବିସ୍ତୀର୍ଣ୍ଣ ପଡ଼ିଆ। ସେଇଠି ସାନ୍ଧ୍ୟ ଭ୍ରମଣ। ଜଲି-ଡୋରା ତାଙ୍କରି ପଛେପଛେ। ପରସ୍ପରରେ କ୍ରୀଡ଼ା କୌତୁକ। ବିହ୍ୱଳ ଜମିଦାର। ତାଙ୍କ ଅନ୍ତରଟିରେ ଅଫୁରନ୍ତ ଆନନ୍ଦ। ଜମିଦାର ଶିକାରକୁ ଯାଆନ୍ତି। ସାଙ୍ଗରେ ଡୋରା, ଜଲିର ବା କି ଆବଶ୍ୟକତା? ତଥାପି ଯାଏ ଜମିଦାରଙ୍କ କର୍ମ ପ୍ରବାହ; ତା'ରି ଭିତରେ ଜଲିର ଟିକେ ସ୍ଥାନ। ଜମିଦାରଙ୍କ ଆନନ୍ଦର ସେ ମୁଖ୍ୟ କାରଣ।

ଡୋରା, ଜଲି - ପରସ୍ପରରେ ନିବିଡ଼ ସ୍ନେହ, ଶ୍ରଦ୍ଧା। ଦୁହିଁଙ୍କ ମଧ୍ୟରେ ଛାଡ଼ବାଡ଼ ନାହିଁ। ଜଲି ଅସୁସ୍ଥ, ଡୋରା ପାଖ ଛାଡ଼େନି, ଅହର୍ନିଶ ଜଗିରହେ। ଡୋରାର ଦେହ ଖରାପ, ଜଲି ତାକୁ ଛାଡ଼ି ଯାଏନି। ତା' ସର୍ବାଙ୍ଗ ଲେହନ ପରେ। ଶୁଶ୍ରୂଷାରେ ନାହିଁ ହେଳା। ଡୋରା ଗୋଟିଏ ଇଂଲିଶ ଗ୍ରେ-ହାଉଣ୍ଡ। ଜଲି ଓଡ଼ିଶା ଗଡ଼ଜାତ ଜଙ୍ଗଲର କୃଷ୍ଣସାର। ଡୋରା ମାଂସାଶୀ, ଜଲି ନିରାଟ ସାକାହାରୀ; ହେଲେ ଦୁହିଁଙ୍କର ସଦ୍ଭାବ ପିଲାଦିନରୁ। ଜଲି ନିରୀହ। ତା' ଉପରେ ଅନ୍ୟ କୁକୁରଙ୍କ ଲୋଲୁପ ଦୃଷ୍ଟି, ସେ ଭୀତତ୍ରସ୍ତା। ଜମିଦାରଙ୍କ ଦୁଇପାଦ ମଧ୍ୟରେ ମୁଣ୍ଡ ରଖିଦିଏ; ସାହାଯ୍ୟ ପାଇଁ ତା'ର କାତର ଦୃଷ୍ଟି। ଡୋରା ବୁଝିପାରେ। ଯୁଦ୍ଧ ପାଇଁ ସେ ପ୍ରସ୍ତୁତ। ତା' ସ୍ୱଜାତିମାନଙ୍କର ପୃଷ୍ଠ ପ୍ରଦର୍ଶନ ପୂର୍ବକ ପଳାୟନ ପର୍ବ। ଡୋରା ଏକ ପ୍ରକାର ଜଲିର ରକ୍ଷାକବଚ।

ଜମିଦାରଙ୍କ ଶିକ୍ଷା ରାୟପୁରରେ ସମାପ୍ତ। ସେ ମିଷ୍ଟଭାଷୀ, ଶିଷ୍ଟ, ଭଦ୍ର ମଧ୍ୟ। ଦେହରେ କୁର୍ତ୍ତା, ଚାଦର, ଦେଶୀ ଲୋକଙ୍କ ମଧ୍ୟରେ ତାଙ୍କର ଏଇ ବେଶପୋଷାକ, ବିଲାତ ଲୋକଙ୍କ ମଧ୍ୟରେ ବିଲାତ ପୋଷାକ ପିନ୍ଧା। କେବଳ ଜଲି, ଡୋରା ନୁହଁନ୍ତି। ଜାତି ଜାତିର ପକ୍ଷୀ, ମର୍କଟ, ଭଲ୍ଲୁକ, ମତ୍ସ୍ୟ - ଏମାନେ ଜମିଦାରଙ୍କ ପୋଷା - ଯେମିତି ଛୋଟ ଚିଡ଼ିଆଖାନାଟିଏ; କିନ୍ତୁ ଡୋରା, ଜଲି ତାଙ୍କର ପାର୍ଶ୍ୱଚର। ଜମିଦାରଙ୍କ ଆଉ ଗୋଟେ ଭଲଗୁଣ। ସାହେବମାନଙ୍କ ସହ ଢେର୍ ମିଳାମିଶା; ମାତ୍ର ଦେଶୀ ଲୋକଙ୍କ ପ୍ରତି ହତାଦର ନାହିଁ। ବହୁ ପଦସ୍ଥ ବ୍ୟକ୍ତିଙ୍କର ଆଗମନ; ଜମିଦାରଙ୍କ ଚର୍ଚ୍ଚାରେ ନାହିଁ ତ୍ରୁଟି। ବୁଢ଼ାବୁଢ଼ୀଙ୍କ ଆଖିରେ ସେ ବିଧର୍ମାଚାରୀ। କାହାରି କାହାରି ପାଇଁ ବହୁବ୍ୟୟୀ, ପ୍ରଜାପୀଡ଼କ, ବିଲାତୀଙ୍କ ଗହଣରେ ପୂରା ସାହେବ ଠାଣିମାଣି। ଓଡ଼ିଆ ଘରର ସଂସ୍କାର, ସଂଜମତା ପରିଲକ୍ଷିତ ହୁଏନି। ତଥାପି ଜଲି, ଡୋରା ତାଙ୍କର ପ୍ରାଣ। ସେମାନଙ୍କ ପ୍ରତି ଶ୍ରଦ୍ଧା ସଦାସର୍ବଦା ଅତୁଟ।

ବସନ୍ତ ଲେଉଟେ, ଫୁଲଗନ୍ଧ ଚହଟେ। ଜଲି, ଡୋରା - ଦକ୍ଷିଣାଭିମୁଖୀ, ଇତସ୍ତତଃ ଧାଁଦୌଡ଼, କ୍ରୀଡ଼ା। କୌତୁକ, ଦୁହିଁଙ୍କର ଦୌଡ଼ା ଭଙ୍ଗୀରେ ବିଶେଷ ପାର୍ଥକ୍ୟର, ସୌନ୍ଦର୍ଯ୍ୟ କଳା ବି ଭିନ୍ନ। ଡୋରାର ତୀକ୍ଷ୍ଣ ଦୃଷ୍ଟି, କ୍ଷୀପ୍ର ଗତି, ଜଲିର ଭଙ୍ଗୀମା ଭିନ୍ନ - ଯେପରି ପ୍ୟାରିସ ଡାନ୍‌ସ। ଗୋଡ଼ ତଳେ ଲାଗେନା; ସତେ ଯେମିତି ଶୂନ୍ୟେ ଶୂନ୍ୟେ ନାଚିଯାଏ। ଏଇ ମନଜିଣା ଦୃଶ୍ୟ; ଜମିଦାର ପାଆନ୍ତି ପରମତୃପ୍ତି।

ଦିନ ବଦଳେ, ବଦଳିଯାଏ ମଣିଷର ଭାଗ୍ୟ। ସୁଖର ଦିନ ସରିଯାଏ। ଦୁଃଖର ପାହାଡ଼ ଲଦି ହେଇଯାଏ। ଏଥିରୁ କେହି ବାଦ୍ ପଡ଼ିନାହାନ୍ତି। ସେମିତି ଡୋରା, ଜଲିର ଭାଗ୍ୟାକାଶରେ ଘୁମର, କଳାହାଣ୍ଡିଆ ବାଦଲ। ଏକ କରୁଣ ପରିଣତି ପାଇଁ ଅପେକ୍ଷା ମାତ୍ର। ସେ ସମୟ ଶୀତ ଋତୁ, ଛୁଟିଦିନ। ପୁଲିସ ବିଭାଗର ଡି.ଆଇ.ଜି। ଆସିଲେ ଶିକାର ଉଦ୍ଦେଶ୍ୟରେ। ଆତିଥ୍ୟ ପ୍ରଦାନ କରିବେ ଜମିଦାର, ଡି.ଆଇ.ଜିଙ୍କ ସାଥିରେ ତାଙ୍କର ସ୍ତ୍ରୀ, ପିଲା। ଚାକର, ବେଠିଆ, ଟହଲିଆ ସମସ୍ତେ ବ୍ୟସ୍ତ। ସାହେବଙ୍କ ସାମାନ୍ୟ ସେବାରେ ତ୍ରୁଟି, ଜମିଦାରଙ୍କ ସମ୍ମାନ ମାଟିରେ ମିଶିଯିବ। ଏଥିପାଇଁ ଜମିଦାର ବ୍ୟସ୍ତ, ବିବ୍ରତ। ଡି.ଆଇ.ଜିଙ୍କର ରହଣି ଅତିଥିଶାଳାରେ। ନୈଶ୍ୟଭୋଜନର ବ୍ୟବସ୍ଥା। ପରଦିନ ପ୍ରାତଃ ଭୋଜନ; ତା' ପରେ ଶିକାର ସ୍ଥଳୀକୁ ଯାତ୍ରା।

ଶିକାର ସ୍ଥଳୀକୁ ଜମିଦାର - ଭବନରୁ ବାର ଚୌଦ ମାଇଲ ରାସ୍ତା। ନିପଟ ଜଙ୍ଗଲ, ପାଖରେ ନାହିଁ ଗାଁ ଗଣ୍ଡା। ଚାକର, ବେଠିଆ, ଖାନ୍‌ସାମା ଆଗରୁ ପ୍ରସ୍ତୁତ। ସାହେବଙ୍କ ସହ ଜମିଦାର, ତାଙ୍କ ପରିବାର ସଦସ୍ୟ; ତାଙ୍କ ଦୁଇ ଶିକାରୀ, ସେମାନଙ୍କ ସହ ଜଲି ଆଉ ଡୋରା। 'ମେରୀ ଖ୍ରୀଷ୍ଟମାସ୍'ର ଆନନ୍ଦ; ପାଞ୍ଚଦିନ ବିତିଲା। ଜଙ୍ଗଲ ଜାଗା। ଏହାସତ୍ତ୍ୱେ ସାହେବଙ୍କ ମନ ମୁତାବକ ସବୁ ଜିନିଷ। ଯୋଗାଇବାରେ ତ୍ରୁଟି ନାହିଁ। ସେଦିନ ମଧ୍ୟାହ୍ନ ଭୋଜନ ଶେଷ। ସାହେବ ବାହାରିଲେ ଶିକାରକୁ; ସାଥିରେ ଜମିଦାର। ହାତଶୂନ୍ୟ। ତଥାପି ଚେଷ୍ଟା ଜାରି। ଲକ୍ଷ୍ୟ ହରିଣ ଶିକାର। ତମ୍ବୁଠାରୁ ତିନିମାଇଲ ଦୂର। ଏ ଜଙ୍ଗଲରୁ ସେ ଜଙ୍ଗଲ। କେତେ ଖୋଜା ଚାଲିଲା। ନିକଟବର୍ତ୍ତୀ ପାହାଡ଼। ସୂର୍ଯ୍ୟଦେବତା ମୁହଁ ଲୁଚାଇଲେ, ଅନ୍ଧାର ମାଡ଼ି ଆସୁଛି। ପୂର୍ବ ଦିଗରେ କଳାହାଣ୍ଡିଆ ମେଘ। ବର୍ଷା ହେବାର ସୂଚନା। ସମସ୍ତେ ଅସ୍ତବ୍ୟସ୍ତ। ଦୁଇବନ୍ଧୁଙ୍କର ମିଲିଟାରୀ ମାର୍ଚ୍ଚ। ନିରାପଦରେ ତମ୍ବୁରେ ପହଞ୍ଚିବାକୁ ହେବ। ଆରମ୍ଭ ହେଲା ଭୟଙ୍କର ବର୍ଷା। ବହୁ କଷ୍ଟରେ ତମ୍ବୁରେ ସେମାନେ ପହଞ୍ଚିଲେ।

ସାହେବଙ୍କ ନୈଶଭୋଜନ, ନାହିଁ କିଛି ଆୟୋଜନ। ମାଂସ ମିଳିବାର ସମ୍ଭାବନା ନାସ୍ତି। ଜମିଦାର ବ୍ୟତିବ୍ୟସ୍ତ। ସାହେବଙ୍କ ଆଖି ଜଲି ଉପରେ। ହରିଣଟିର କୋମଳ ମାଂସ।, ସୁନ୍ଦର ଆହାର ଯୋଗ୍ୟ। ଜଙ୍ଗଲରୁ ତ ଢେର୍ ସେମିତି ହରିଣ ମିଳିବେ। ତାକୁ ଦେବାରେ ଅସୁବିଧାଟା କ'ଣ? - ଏ ଥିଲା ସାହେବଙ୍କ କଥାର ସାରମର୍ମ। ସମ୍ଭ୍ରାନ୍ତ ଅତିଥି; ତାଙ୍କ କଥାକୁ ଯଥାମାନ୍ୟ। ଜମିଦାର ପ୍ରସ୍ତାବରେ ହଁ ଭରିଲେ; ମାତ୍ର ମାନସିକ ସନ୍ତୁଳନ ହରାଇଲେ। ସତେ ଯେମିତି ତାଙ୍କ କଲିଜାଟାକୁ କିଏ କାଢ଼ି ନେଉଛି? ମନେପଡ଼ି ଯାଉଛି ସେଦିନର ଘଟଣା। ବିଦେଶୀୟ ଶିକାରୀଙ୍କ ସହ ଜମିଦାର। ଆପଣାର ପାରିବାପଣ ଦେଖାଇଲେ। ଜଲି ନିର୍ବୋଧ ଶିଶୁ। ତା' ମା'ଠାରୁ ସ୍ତନ୍ୟପାନ କରୁଥାଏ। ଜମିଦାରଙ୍କ ବନ୍ଧୁକର ଗୁଳିରେ ମା' ଟଳିପଡ଼ିଲା। ଛୁଆଟି ପୂରା ନିଃଶବ୍ଦ। ଚାକରମାନେ ଧରିବାକୁ ଗଲେ। ସେମିତି ଠିଆ ହୋଇଛି; ଛଳଚଳ ଆଖି, ଜମିଦାରଙ୍କ କଠୋର ପ୍ରାଣ, ବାତ୍ସଲ୍ୟ ମମତାରେ ଦ୍ରବୀଭୂତ। ହରିଣ ଶିଶୁଟିକୁ ପାଳିଲେ। ତା'ଠାରେ ସାହେବଙ୍କ ଶ୍ରଦ୍ଧା ଠିକ୍ ନିଜ କନ୍ୟାପରି। ନାଁ ଦେଇଥିଲେ ଜଲି।

ଜଲିକୁ ହତ୍ୟା କରିବାର ସମସ୍ତ ବନ୍ଦୋବସ୍ତ ଶେଷ। ସାହେବ ଜଲିର ବେକ କାଟିବାକୁ ଉଦ୍ୟତ। ସେ ବଡ଼ ନିଷ୍ଠୁର। ଯୁଦ୍ଧରେ ତାଙ୍କର ବିଶେଷ କରାମତି। ବହୁ ଲୋକ ମାରିଛନ୍ତି। ଶିକାରରେ ତାଙ୍କର ପ୍ରାଥମିକତା। ନ ମିଳିଲେ ପାଗଳ ପ୍ରାୟ। କିଛି ନ ହେଲେ ପାଳିତ କୁକ୍କୁଟ ଅବା ଆଉ କିଛି ବଧ କରନ୍ତି। ମୁଣ୍ଡ ଅଣ୍ଡାପଡ଼େ। ଏକଦା ଶିକାର ମିଳିଲାନି। ସାହେବ ନିଜ ବେକ କାଟିବାକୁ ଉଦ୍ୟତ। ଏ କଥା ତାଙ୍କ ସ୍ତ୍ରୀ କହନ୍ତି। ସେଦିନ ଜଲିର ଅନ୍ତିମ ସମୟ ଉପଗତ। ଜଲିର ମୁହଁ ଡୋରା କୋଳରେ। ନିଦକରେ ଶୋଇଛି। ଜମିଦାରଙ୍କ ଇଙ୍ଗିତ। ମାଧିଆ ଚାକର ଆଣିଲା ଜଲିକୁ। ଏଣେ ଡୋରା ଉତ୍‌କ୍ଷିପ୍ତ। ସେ ଜାଣିଗଲା ଜଲିକୁ ନେବାର ଉଦ୍ଦେଶ୍ୟ। ସାହେବଙ୍କ ହାତରେ ତୀକ୍ଷ୍ଣ ଛୁରି। ଆଲୋକରେ ଝଲସୁଛି। ଜଲିର ଗୋଡ଼ଗୁଡ଼ିକ ଶକ୍ତ ଭାବରେ ବନ୍ଧା। ଚାହାଣିରେ ନାହିଁ ଶଙ୍କା। ଦୃଷ୍ଟି ଜମିଦାରଙ୍କ ଉପରେ। ଡୋରା ତ ତା'ର ରକ୍ଷାକବଚ! ଜମିଦାର ଅନ୍ୟମନସ୍କ। କ୍ଷମା କରିପାରୁ ନାହାନ୍ତି ନିଜକୁ। ମନସ୍ତାପ, ଆପଣାକୁ ଲୁଚେଇଦେଲେ ତମ୍ବୁ ମଧ୍ୟରେ। ଡୋରା ପଶୁ। ସେ ଦେଖିଛି ସେ ସ୍ଥାନର ବୀଭତ୍ସ ଦୃଶ୍ୟ। କେତେ କେତେ ଛେଳି, କୁକୁଡ଼ା। ରକ୍ତରଞ୍ଜିତ ସେଇ ସ୍ଥାନ। କାଳ କ୍ଷେପଣ ନାହିଁ; ଏକା ଲମ୍ଫରେ ସାହେବ, ଚାକର, ଖାନସାମଙ୍କୁ ଆକ୍ରମଣ। ପ୍ରାଣ ବିକଳରେ ସମସ୍ତେ ତମ୍ବୁରେ। ଡୋରାକୁ ଶକ୍ତଭାବରେ ବାନ୍ଧି ଦିଆଗଲା; ତା' ପରେ ସବୁ ଶେଷ। ଜଲିକୁ ସାହେବ ହତ୍ୟାକଲେ।

ଜମିଦାରଙ୍କ ମାନସପଟରେ ଉଙ୍କିମାରୁଛି ସେଦିନର ଦୃଶ୍ୟ। ମା' ଛେଉଣ୍ଡ ଜଲି। ଟିକିଏ ହଲଚଲ ନାହିଁ; ସତେ ଯେମିତି ଜମିଦାର ତା' ମା', ବାପା ସବୁ। ସେଦିନ ହରିଣ ଶିଶୁର ଜୀବନ ଭିକ୍ଷା। ମନୁଷ୍ୟ ଭାଷାରେ ତାହା - "ମୁଁ ପରା ମୋ ମା'କୁ ଛାଡ଼ି ତମକୁ ଆଶ୍ରୟ ଧରିଥିଲି ?" ଜମିଦାର ପାଗଳ ପ୍ରାୟ। ତା' ପରଦିନ ସାହେବ ଚାଲିଗଲେ। ଡୋରା ଆହାର ଛାଡ଼ିଦେଲା। ସମସ୍ତ ଅଜଣାତରେ ଚାଲିଗଲା ଜଙ୍ଗଲକୁ। ଆଉ ମିଳିଲାନି। ଘଞ୍ଚ ଜଙ୍ଗଲ। ରୁଦ୍ଧ ପଶୁର କଣ୍ଠର ଗୋଟିଏ କରୁଣ ଆତ୍ମାର ବିଳାପ। ବହୁବାର ଶୁଣିଛନ୍ତି କାଠୁରିଆମାନେ - ଏକଥାଟି କୁହାକୁହି।

ଜମିଦାର ଅନୁତପ୍ତ। ଜ୍ଞାନଶୂନ୍ୟ କୁକୁରଟା। ତା' ପାଦତଳେ ପଡ଼ି କ୍ଷମାଭିକ୍ଷା କରିବେ। ସତରେ ସେ ତା' ଠାରୁ କେତେ ନିମ୍ନ। ମାଂସାଶୀ କୁକୁରଠାରୁ ସେ ହୀନ, ସଂସାରରେ କ'ଣ ଦୁର୍ବଳଙ୍କର ନାହିଁ ସ୍ଥାନ? ସେମାନଙ୍କୁ ଅଧୀନରେ ରଖି, ଆତ୍ମସାତ୍ କରି, ଉଦରସାତ୍ କରିବେ ସବଳମାନେ। ଜମିଦାର ସେଇ ମଣିଷ; ସାହେବ ସେଇ ଅମଣିଷ ତ। ସେମାନେ କ'ଣ ବୁଦ୍ଧିମାନ ନା ବିବେକହୀନ। ସତରେ! ପଶୁମାନେ ଏମାନଙ୍କଠାରୁ ଢେର୍ ଭଲ, ଭାରି ଭଲ। ହିଂସ୍ର ମଣିଷ ଆଜି ଗୋଟେ ଗୋଟେ ଜାନୁଆର - ଏହା ଦିବାଲୋକ ପରି ସତ୍ୟ।

# ପ୍ରଧାନମନ୍ତ୍ରୀଙ୍କ ନିବେଦନର ନିହିତାର୍ଥ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:- ୯୪୩୮୪୮୫୦୯୪

ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଏକ ବର୍ଷ ପାଇଁ ତୈଳ ପେଟ୍ରୋଲିୟମ ପଦାର୍ଥର ଉପଯୋଗ କମ୍ କରିବା ଏବଂ ସୁନାର ଅନାବଶ୍ୟକ କ୍ରୟ ନକରିବା ପାଇଁ ନିବେଦନ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ନିବେଦନ କେବଳ ଏକ ଆର୍ଥିକ ପରାମର୍ଶ ନୁହେଁ ବରଂ ଏଥିରେ ଭାରତର ଅର୍ଥ ବ୍ୟବସ୍ଥା। ବିଶ୍ୱ ରାଜନୀତି, ଶକ୍ତି (ତୈଳ) ସୁରକ୍ଷା, ବିଦେଶୀ ମୁଦ୍ରା/ପ୍ରବନ୍ଧନ ଏବଂ ସାମାଜିକ ବ୍ୟବହାର ପରିବର୍ତ୍ତନର ଏକ ବ୍ୟାପକ ରଣନୀତି ଛପି ରହିଛି । ବିଶ୍ୱସ୍ତରରେ ଆର୍ଥୀକ ଅସ୍ଥିରତା, ଯୁଦ୍ଧ, ବିଶ୍ୱସ୍ତରୀୟ ଯୋଗାଣ ସଙ୍କଟ ଏବଂ ଦରଦାମ ବୃଦ୍ଧି ଭଳି ସମୟରେ ପ୍ରଧାନମନ୍ତ୍ରୀଙ୍କ ଏହି ନିବେଦନର ଅଧିକ ଗୁରୁତ୍ୱ ମଧ୍ୟ ରହିଛି । ପେଟ୍ରୋଲିୟମ ପଦାର୍ଥ ଏବଂ ସୁନାର ଆମଦାନୀ ବିଦେଶ ମୁଦ୍ରା ଭଣ୍ଡାରକୁ ସିଧା ସଳଖ ପ୍ରଭାବିତ କରିଥାଏ। ଭାରତ ହେଉଛି ବିଶ୍ୱର ଏକ ପ୍ରମୁଖ ତୈଳ ଆମଦାନୀକାରୀ ଦେଶ। ଦେଶରେ ଆବଶ୍ୟକ ପଡୁଥିବା ପେଟ୍ରୋଲିୟମ ପଦାର୍ଥର ୮୫ ପ୍ରତିଶତ ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରାଯାଇଥାଏ। ଅନ୍ୟପକ୍ଷରେ ଭାରତୀୟ ସମାଜରେ ସୁନା କେବଳ ଆଭୂଷଣ ନୁହେଁ ବରଂ ସାମାଜିକ ପ୍ରତିଷ୍ଠା, ସୁରକ୍ଷା ଏବଂ ନିବେଶର ପାରମ୍ପରିକ ମାଧ୍ୟମ ଅଟେ। ଯେତେବେଳେ ବି ବିଶ୍ୱସ୍ତରରେ ଅନିଶ୍ଚିତତା ବୃଦ୍ଧି ପାଇଥାଏ ସେତେବେଳେ ଭାରତରେ ଲୋକେ ଅଧିକ ସୁନା କିଣିଥାନ୍ତି। କିନ୍ତୁ ପେଟ୍ରୋଲିୟମ ପଦାର୍ଥ ଏବଂ ସୁନାର ଆମଦାନୀ ପାଇଁ ଅଧିକ ନିର୍ଭରତା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରାଥାଏ। ପ୍ରଧାନମନ୍ତ୍ରୀଙ୍କ ନିବେଦନ ଏହି ପ୍ରଭାବକୁ କମ୍ କରିବାର ପ୍ରୟାସ ବୋଲି ମନେହୁଏ। ପ୍ରଧାନମନ୍ତ୍ରୀ ଖାଇବା ତେଲର ଉପଯୋଗ କମ୍ କରିବା ଓ ବିଦେଶ ଗସ୍ତ ନ କରିବା ପାଇଁ ମଧ୍ୟ ନିବେଦନ କରିଛନ୍ତି। ରାଜନୈତିକ ଦୃଷ୍ଟି କୋଣରୁ ଦେଖିଲେ ପ୍ରଧାନମନ୍ତ୍ରୀଙ୍କ ଏହି ନିବେଦନ ଆର୍ଥୀକ ଚାଲେଞ୍ଜକୁ ଜନ ଭାଗିଦାରୀ ମାଧ୍ୟମରେ ନିୟନ୍ତ୍ରିତ କରାଯିବାର ଉଦ୍ୟମ ବୋଲି ଜଣାପଡ଼େ । ସ୍ୱଚ୍ଛ ଭାରତ ଅଭିଯାନ ହେଉ ବା ଜଳ ସଂରକ୍ଷଣ ପ୍ରସଙ୍ଗ ଏପରିକି ଲୋକାଲ ଫର ଭୋକାଲର ସ୍ଲୋଗାନରେ ସରକାର ବାରମ୍ବାର ଜନତାଙ୍କୁ ସହଭାଗି କରି ରାଷ୍ଟ୍ରୀୟ ଲକ୍ଷ ହାସଲ କରିବାର ଉଦ୍ୟମ କରିଛନ୍ତି । ପେଟ୍ରୋଲିୟମ ପଦାର୍ଥ ଓ ସୁନାର ବ୍ୟବହାର କମ୍ କରିବା ପାଇଁ ଏବେର ନିବେଦନ ମଧ୍ୟ ଜନ ସହଭାଗିତା ପାଇଁ ଉଦ୍ୟମ। ଆଲୋଚକଙ୍କ ଯୁକ୍ତି ହେଉଛି ଏହି ନିବେଦନ ସରକାରଙ୍କ ଆର୍ଥିକ ନୀତିର ବିଫଳତାକୁ ସ୍ପଷ୍ଟ ଭାବେ ସୂଚୀତ କରୁଛି । ବିରୋଧିଙ୍କ ମତରେ ଯଦି ପ୍ରକୃତରେ ସରକାର ପେଟ୍ରୋଲିୟମ ପଦାର୍ଥର ବ୍ୟବହାର କମ୍ କରିବା ଚାହୁଁଛନ୍ତି ତେବେ ପେଟ୍ରୋଲ-ଡିଜେଲ ଉପରେ ଲଗାଯାଉଥିବା ଟିକସକୁ କମ୍ କରିବା ଉଚିତ୍ । ସାର୍ବଜନିକ ପରିବହନ ବ୍ୟବସ୍ଥାକୁ ଅଧିକ ସୁଲଭ ଏବଂ ଆଧୁନିକ କରିବା ପାଇଁ ମଜଭୁତ ଆଧାରଭୁତ ଢାଞ୍ଚା ପ୍ରସ୍ତୁତ କରିବା ଆବଶ୍ୟକ। କେବଳ ଜନତାଙ୍କୁ ନିବେଦନ କରିବା ପର୍ଯ୍ୟପ୍ତ ନୁହେଁ। ସେହିପରି ସୁନା ନକିଣିବା ପାଇଁ ପରାମର୍ଶକୁ ଲୋକେ ସେ ପର୍ଯ୍ୟନ୍ତ ଗ୍ରହଣ କରି ନପାରନ୍ତି ଯେ ପର୍ଯ୍ୟନ୍ତ ଲୋକଙ୍କ ପାଇଁ ସୁରକ୍ଷିତ ଏବଂ ଭରଷାଯୋଗ୍ୟ ବିକଳ୍ପ ନିବେଶ ବ୍ୟବସ୍ଥା। ନକରାଯାଇଛି । ସାମାଜିକ ସ୍ତରରେ ଏହି ନିବେଦନ ଭାରତୀୟ ମାନସିକତା ସହ ଜଡ଼ିତ ଏବଂ ଭାରତରେ ବିବାହ, ଉତ୍ସବ ଏବଂ ପାରିବାରିକ ପରମ୍ପରାରେ ସୁନାର ବିଶେଷ ମହତ୍ୱ ରହିଛି। ଅନେକ ପରିବାର ସୁନାକୁ ଆର୍ଥୀକ ସୁରକ୍ଷାର ପ୍ରତୀକ ବୋଲି ଗ୍ରହଣ କରିଥାନ୍ତି । ବିଶେଷ କରି ଗ୍ରାମାଞ୍ଚଳର ଲୋକେ ଏବଂ ମଧ୍ୟମ ବର୍ଗର ଲୋକଙ୍କ ପାଇଁ ସୁନା ଅସୁବିଧା ସମୟରେ କାମ ଦେଇଥାଏ। ଏଣୁ ସୁନା ନକିଣିବା ପାଇଁ ନିବେଦନ କେବଳ ଆର୍ଥୀକ ପ୍ରସଙ୍ଗ ନୁହେଁ ସାମାଜିକ ବ୍ୟବହାରରେ ପରିବର୍ତ୍ତନ ପାଇଁ ଆହ୍ୱାନ ଅଟେ। ସରକାର ମଧ୍ୟ ଏକଥା ବୁଝିବା ଉଚିତ୍ ଯେ ସାମାଜିକ ବିଶ୍ୱାସ କେବଳ ନିବେଦନରେ ବଦଳି ପାରେ ନାହିଁ ଏଥିପାଇଁ ଦୀର୍ଘକାଳୀନ ଆର୍ଥୀକ ସାକ୍ଷରତା ଏବଂ ନିବେଶ ସୁରକ୍ଷା ଆବଶ୍ୟକ।

ପ୍ରଧାନମନ୍ତ୍ରୀଙ୍କ ନିବେଦନର ଉଦ୍ଦେଶ୍ୟ ବିଦେଶୀ ମୁଦ୍ରା ଭଣ୍ଡାରର ସୁରକ୍ଷା। ପେଟ୍ରୋଲିୟମ ପଦାର୍ଥ ଏବଂ ସୁନା ଆମଦାନୀ ପାଇଁ ଅରବ ଅରବ ଡ଼ଲାର ଖର୍ଚ୍ଚ ହୋଇଥାଏ। ଆନ୍ତର୍ଜାତୀୟ ସ୍ତରରେ ଆଶୋଧିତ ତୈଳର ମୂଲ୍ୟ ବଢ଼ିଲେ ଦରଦାମ ବୃଦ୍ଧି ହୋଇଥାଏ। ଅତ୍ୟଧିକ ସୁନା ଆମଦାନୀ ମଧ୍ୟ ବିଦେଶୀ ମୁଦ୍ରା ଭଣ୍ଡାରକୁ ପ୍ରଭାବିତ କରିଥାଏ। ସରକାର ଜାଣିଛନ୍ତି ଯେ ବିଶ୍ୱସ୍ତରରେ ଆର୍ଥୀକ ସଙ୍କଟ ବଢ଼ିବ ତେବେ ଭାରତ ଉପରେ ଏହାର ପ୍ରଭାବ ପଡିବ। ଏଣୁ ଆଗାମୀ ଦିନରେ ପଡିବାକୁ ଥିବା ପ୍ରଭାବର ନିୟନ୍ତ୍ରଣ ପାଇଁ ଏହି ନିବେଦନ କରିଛନ୍ତି ପ୍ରଧାନମନ୍ତ୍ରୀ। ସରକାର ଏ ଦିଗରେ ମଧ୍ୟ କେତେକ ପଦକ୍ଷେପ ନେଇଛନ୍ତି। ଏଥେନଲ ମିଶ୍ରଣ, ବ୍ୟାଟେରୀ ଚାଳିତ ବାହାନକୁ ପ୍ରୋତ୍ସାହନ, ସୌର ଶକ୍ତିର ବିସ୍ତାର, ହରିତ ଉର୍ଜା ନିବେଶ ଭଳି ପୟାସ ପେ୍ରଟୋଲିୟମ ପଦାର୍ଥ ଉପରେ ନିର୍ଭରତାକୁ କମ୍ କରିବାର ପ୍ରୟାସ ଅଟେ। ସେହିପରି ସୁନାର ଆମଦାନୀକୁ ରୋକିବା ପାଇଁ ଗୋଲଡ଼୍ ବଣ୍ଡ ଯୋଜନା, ଗୋଲଡ଼ ମୋନେଟାଇଜେସନ ସ୍କିମ ଏବଂ ଆମଦାନୀ ଶୁଳ୍କରେ ପରିବର୍ତ୍ତନ ଭଳି ପଦକ୍ଷେପ ନିଆଯାଇଛି । କିନ୍ତୁ ଏହି ଯୋଜନାର ସଫଳତା ସୀମିତ ରହିଛି କାରଣ ଲୋକେ ସୁନା ଉପରେ ଅଧିକ ଭରଷା କରୁଛନ୍ତି। ଯଦି ଶେୟାର ବଜାର, ମ୍ୟୁଚୁଆଲ ଫଣ୍ଡ ଏବଂ ସରକାରୀ ସଞ୍ଚୟ ଯୋଜନା ଲୋକଙ୍କର ଭରସା ଜିତିପାରିବ ତେବେ ଲୋକେ ସୁନାରେ ନିବେଶକୁ କମ୍ କରିବେ ନିଶ୍ଚୟ।

ଦୁର୍ଭାଗ୍ୟ ଯେ ଭାରତୀୟ ରାଜନୀତିରେ ଅନେକ ବାର ଗମ୍ଭୀର ଆର୍ଥୀକ ପ୍ରସଙ୍ଗ କେବଳ ଅଭିଯୋଗ- ପ୍ରତିଅଭିଯୋଗରେ ସିମୀତ ହୋଇ ରହିଯାଉଛି । ସାଧାରଣ ଲୋକଙ୍କ ଭୂମିକା ଏସବୁ ବିମର୍ଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପକ୍ଷ ଅଟେ। ପେଟ୍ରୋଲିୟମ ପଦାର୍ଥର ସଞ୍ଚୟ କେବଳ ସରକାରଙ୍କ ଦାୟୀତ୍ୱ ନୁହେଁ, ଏହା ମଧ୍ୟ ସମପରିମାଣରେ ଲୋକଙ୍କ ଦାୟୀତ୍ୱ। ଅନ୍ତତଃ ପ୍ରଧାନମନ୍ତ୍ରୀଙ୍କ ଏହି ନିବେଦନ କେବଳ ପେଟ୍ରୋଲିୟମ ପଦାର୍ଥ ଓ ସୁନାର ଉପଯୋଗ କମ୍ କରିବା ପାଇଁ ନିବେଦନ ନୁହେଁ ବରଂ ଏହା ଆର୍ଥୀକ ଚାଲ ମଧ୍ୟରେ ଆତ୍ମନିର୍ଭରତା, ସଂସାଧନ ପ୍ରବନ୍ଧନ ଏବଂ ନାଗରିକ ଦାୟୀତ୍ୱର ପରୀକ୍ଷା ଅଟେ। ଏହି ନିବେଦନର ସଫଳତା କେବଳ ଭାବନାତ୍ମକ ରାଷ୍ଟ୍ରବାଦରେ ମିଳିବ ନାହିଁ । ଏଥିପାଇଁ ସରକାରଙ୍କ ବିଶ୍ୱସନୀୟତା, ପାରଦର୍ଶିତା ଏବଂ ବିକଳ୍ପ ବ୍ୟବସ୍ଥା ମଧ୍ୟ ଜରୁରୀ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Manchesawar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୮ ମଇ ୨୦୨୬ ସୋମବାର





# କାଗଜପତ୍ରରେ ଚାଲିଛି ଗାଁ କଲ୍ୟାଣ ସମିତି

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ସରକାରୀ ଅନୁଦାନକୁ ହଡ଼ପ କରିବା ପାଇଁ ମିଥ୍ୟା ବିଲ୍ ଏବଂ ଫଟୋ ସର୍ବସ୍ୱ କାର୍ଯ୍ୟକ୍ରମ ଏବେ ଧାମନଗର ବ୍ଲକରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଗଠିତ 'ଗାଁ କଲ୍ୟାଣ ସମିତି' ଏବଂ 'ରୋଗୀ କଲ୍ୟାଣ ସମିତି' ନିଜର ଲକ୍ଷ୍ୟ ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ୱାର୍ଡ ମେମ୍ବର, ଅଙ୍ଗନବାଡ଼ି କର୍ମୀ ଏବଂ ଆଶା କର୍ମୀଙ୍କ ମଧ୍ୟରେ ଲାଗି ରହିଥିବା ଅନ୍ତଃକନ୍ଦଳ ଓ ସମନ୍ୱୟର ଅଭାବ ଯୋଗୁଁ ସରକାରୀ ଯୋଜନା ବାଟବଣା ହେଉଥିବା ବେଳେ ସାଧାରଣ ଲୋକେ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେଉଛନ୍ତି। ଅଭିଯୋଗ ହେଉଛି ଯେ, ବ୍ଲକର ଅଧିକାଂଶ ଗାଁ କଲ୍ୟାଣ ସମିତିରେ କୌଣସି ବାସ୍ତବ କାର୍ଯ୍ୟ ହେଉନାହିଁ। କେବଳ କେତୋଟି ସ୍ଥାନରେ ଫଟୋ ଉଠାଇ ଏବଂ ନକଲି କାଗଜପତ୍ର ପ୍ରସ୍ତୁତ କରି ବାର୍ଷିକ ୧୦,୦୦୦ ଟଙ୍କାର ଅନୁଦାନ ହରିଲୁଟ୍ କରାଯାଉଛି। ଧାମନଗର ବ୍ଲକର ୩୧୬ଟି ସମିତି ପାଇଁ ଆସିଥିବା ପ୍ରାୟ ୩୧ ଲକ୍ଷ ଟଙ୍କା କେଉଁ କାମରେ ଲାଗୁଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗାଁର ନାଳନର୍ଦ୍ଦମା ସଫା କିମ୍ବା ବ୍ଲିଚିଂ ପାଉଡର ପକାଇବା ପାଇଁ ଉଦ୍ଦିଷ୍ଟ ଅର୍ଥକୁ କେବଳ ଚା' ଜଳଖିଆ ଏବଂ ମିଥ୍ୟା ବୈଠକ ଦର୍ଶାଇ ଖର୍ଚ୍ଚ କରାଯାଉଛି। ସମିତିର ତିନି ମୁଖ୍ୟ ସ୍ତମ୍ଭ-ସଭାପତି (ୱାର୍ଡ ମେମ୍ବର), ସମ୍ପାଦିକା (ଅଙ୍ଗନବାଡ଼ି କର୍ମୀ) ଏବଂ ସମନ୍ୱୟକାରୀ (ଆଶା କର୍ମୀ)ଙ୍କ ମଧ୍ୟରେ ଅଧିକାର ଓ ଅର୍ଥ ଖର୍ଚ୍ଚକୁ ନେଇ ବିବାଦ ତୀବ୍ର ହୋଇଛି। ଅନେକ ସ୍ଥାନରେ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ମଧ୍ୟରେ ପଡୁନଥିବାରୁ ବୈଠକ ବସିପାରୁନାହିଁ। ଏପରିକି ୱାର୍ଡ ମେମ୍ବରଙ୍କ ଅଜାଣତରେ ବିଲ୍ ପାସ୍ କରାଯାଉଥିବା ବେଳେ କେଉଁଠି ୱାର୍ଡ ମେମ୍ବରମାନେ ଅନୁଦାନ ଅର୍ଥ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚେଷ୍ଟା କରୁଛନ୍ତି। ଏହି ତ୍ରିକୋଣୀୟ ଲଢ଼େଇ ଯୋଗୁଁ ଗାଁର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସେହିପରି ଡାକ୍ତରଖାନା ଗୁଡ଼ିକରେ ରୋଗୀଙ୍କ ସୁବିଧା ପାଇଁ କାର୍ଯ୍ୟ କରୁଥିବା 'ରୋଗୀ କଲ୍ୟାଣ ସମିତି' ମଧ୍ୟ ନାମକୁ ମାତ୍ର ଚାଲିଛି। ଡାକ୍ତରଖାନାର ଭିତ୍ତିଭୂମି ବିକାଶ, ବିଶୁଦ୍ଧ ପାନୀୟ ଜଳ ଏବଂ ସଫେଇ ପାଇଁ ଲକ୍ଷ ଲକ୍ଷ ଟଙ୍କାର କର୍ପସ ଫଣ୍ଡ ରହିଥିଲେ ମଧ୍ୟ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫ୍ୟାନ୍ ମରାମତି ଠାରୁ ଆରମ୍ଭ କରି ବେଡ୍‌ସିଟ୍ ବଦଳାଇବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ସଠିକ୍ ସମୟରେ ହେଉନାହିଁ। ଅପରିଷ୍କାର ପରିବେଶ ଓ ଔଷଧର ଅଭାବ ଏହି ସମିତିର ବିଫଳତାକୁ ପଦାରେ ପକାଇଛି। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ମନ୍ମୟ ସାମନ୍ତସିଂହାର ଏହି ସମସ୍ୟା ଉପରେ ତଦନ୍ତ କରିବେ ବୋଲି କହୁଥିଲେ ମଧ୍ୟ ବାସ୍ତବରେ କୌଣସି ସମିତି ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଇନାହିଁ। ଯଦି ତୁରନ୍ତ ଏହି ମିଥ୍ୟା ବିଲ୍ କାରବାରର ଅଡିଟ୍ କରାଯାଏ ଏବଂ ନିଷ୍କ୍ରିୟ ସମିତିଗୁଡ଼ିକୁ ଭଙ୍ଗ କରାଯାଏ, ତେବେ ହିଁ ସରକାରୀ ଅର୍ଥର ସଠିକ୍ ବିନିଯୋଗ ହୋଇପାରିବ।

# ଚମ୍ପୁଆ-ରିମୁଳି ୨୦ନମ୍ବର ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ରତ୍ନଗର୍ଭା କେନ୍ଦୁଝର ଜିଲ୍ଲା ଓଡ଼ିଶା ରାଜ୍ୟ ରାଜକୋଷର ମେରୁଦଣ୍ଡ କୁହାଯାଉଥିବା ବେଳେ ଏହି ଜିଲ୍ଲାରେ ବସବାସ କରୁଥିବା ଲୋକମାନଙ୍କୁ ମୌଳିକ ସୁବିଧା ଟିକେ ମଧ୍ୟ ମିଳି ପାରୁନଥିବା ଦେଖିବାକୁ ମିଳୁଛି। ସରକାରଙ୍କ ଯୋଜନା ଉପରେ ଯୋଜନା ରାସ୍ତା କଡରେ ଥିବା ହୋର୍ଡିଂ ଓ ବ୍ୟାନର ଭିତରେ ରହି କେନ୍ଦୁଝରବାସୀଙ୍କୁ ଉପହାସ କରୁଛି। ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଚମ୍ପୁଆ। ଚମ୍ପୁଆ ଉପଖଣ୍ଡ ଏକ ଖଣି ଅଞ୍ଚଳ ହୋଇଥିବା ବେଳେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଧାୟକ ମଧ୍ୟ ଜଣେ ବାହୁବଳୀ ବିଧାୟକ ଭାବେ ସାରା ଓଡ଼ିଶାରେ ପରିଚିତ। ତଥାପି ଟିକିଏ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି ଚମ୍ପୁଆ ବାସୀ। ଏଠି ସକାଳ ପାହିଲେ ମରଣକୁ ଆମନ୍ତ୍ରଣ କରେ ୨୦ ନମ୍ବର ଜାତୀୟ ରାଜପଥ। ଚମ୍ପୁଆ - ରିମୁଳି ୨୦ ନମ୍ବର ଜାତୀୟ ରାଜପଥ ଚମ୍ପୁଆ ଠାରୁ ରଜିଆ ପର୍ଯ୍ୟନ୍ତ ସାତ କି. ମି. ରାସ୍ତା ଦୀର୍ଘ ଦିନରୁ ଠାଏଁ ଠାଏଁ ଭାଙ୍ଗି ମରଣ ଯନ୍ତା ପାଲଟିଥିଲେ ବି ଏଥିପ୍ରତି ନା ଅଛି ବିଭାଗୀୟ ନଜର, ନା ଅଛି ପ୍ରଶାସନର ନଜର, ନା ଅଛି ସ୍ଥାନୀୟ ନେତା, ରାଜନେତାଙ୍କ ନଜର। ଏହି ଜାତୀୟ ରାଜପଥ ଦେଇ ଦୈନିକ ହଜାର ହଜାର ଲୌହ ବୋଝେଇ ଟ୍ରକ, ଟ୍ରଲର ଆଦି ବଡ଼ ବଡ଼ ଭାରୀଯାନ ଯିବା ଆସିବା କରିଥାଏ। ଚମ୍ପୁଆ ଉପଜିଲ୍ଲାପାଳଙ୍କ ଠାରୁ ନେଇ ସମସ୍ତ ବଡ଼ ବଡ଼ିଆ ଅଧିକାରୀ ଏହି ରାସ୍ତାରେ ଦୈନିକ କେନ୍ଦୁଝର ଜିଲ୍ଲା ମୁଖ୍ୟାଳୟକୁ ଯିବା ଆସିବା କରିଥାନ୍ତି। ଚମ୍ପୁଆ ବଜାରର ଜନ ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସକାଳ ସାତଟାରୁ ଦିନ ଏଗାର ଏବଂ ଅପରାହ୍ନ ତିନିଟାରୁ ରାତି ନଅଟା ପର୍ଯ୍ୟନ୍ତ ନୋ ଏଣ୍ଟ୍ରି ଲାଗୁ କରାଯାଇଛି। ତେବେ ନୋ ଏଣ୍ଟ୍ରି ଲାଗୁ କରି ଦେଇ ପ୍ରଶାସନ ନିଜର ଦାୟିତ୍ୱ ସାରିଦେଇଥିବା ବେଳେ ଦୀର୍ଘ ଦିନରୁ ଭାଙ୍ଗି ଖାଲ ଖମାରେ ଭରି ମରଣଯନ୍ତା ପାଲଟିଥିବା ଏହି ରାସ୍ତା ମରାମତି ପ୍ରତି କାହାରି ନଜର ପଡୁନାହିଁ। ଫଳରେ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାର ନଜିର ରହିଛି। ସାଧାରଣ ଲୋକ ସାଇକେଲ ମୋଟର ସାଇକେଲରେ ଯିବା ଆସିବା କରିବା ସମୟରେ ପ୍ରତି ମୁହୂର୍ତ୍ତରେ ବିପଦକୁ ସାମ୍ନା କରୁଛନ୍ତି। ଏହି ଜାତୀୟ ରାଜପଥ ଚାରି ଥାକ ରାସ୍ତା ହେବା ପାଇଁ ବହୁ ଦିନରୁ ସର୍ଭେ ସରିଥିଲେ ମଧ୍ୟ ରାସ୍ତା ନିର୍ମାଣର କୌଣସି ବାସ୍ନା ନଥିବା ବେଳେ ବିଭାଗ ପକ୍ଷରୁ ରାସ୍ତା ମରାମତି କରିବାର ମଧ୍ୟ ନାମ ଧରୁନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ପୁରୁଣାଗଡ଼ରେ ଲୁକ୍କାୟିତ ଐତିହ୍ୟକୁ ଉନ୍ମୋଚନ ପାଇଁ ଆରମ୍ଭ ହେଲା ଭୂ-ଖନନ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ରେଢ଼ାଖୋଲ ସ୍ଥିତ ପୁରୁଣାଗଡ଼ରେ ଆନୁଷ୍ଠାନିକ ଭାବରେ ଉତ୍‌ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ବ୍ୟୋମକେଶ ତ୍ରିପାଠି ଏବଂ ରେଢ଼ାଖୋଲର ଉପ ଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ ଯୋଗ ଦେଇଥିଲେ। ଉତ୍‌ଖନନ ନିର୍ଦ୍ଦେଶକ ଡ. ଅତୁଲ କୁମାର ପ୍ରଧାନଙ୍କ ପ୍ରାରମ୍ଭିକ ଭାଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେ ଉତ୍‌ଖନନ ପ୍ରକଳ୍ପର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ। ସେ କହିଥିଲେ ଯେ ପୁରୁଣାଗଡ଼ ଉତ୍‌ଖନନର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସ୍ଥାନର ସାଂସ୍କୃତିକ କ୍ରମ ଏବଂ ଐତିହାସିକ ଗୁରୁତ୍ୱକୁ ବୁଝିବା। ସମାବେଶକୁ ସମ୍ବୋଧିତ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ତ୍ରିପାଠୀ କହିଛନ୍ତି ଯେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଗବେଷଣା ଏବଂ ପ୍ରନ୍ତତାତ୍ତ୍ୱିକ ତଦନ୍ତ ମାଧ୍ୟମରେ ରେଢ଼ାଖୋଲ ଅଞ୍ଚଳର ଲୁକ୍କାୟିତ ଐତିହ୍ୟକୁ ଅନୁସନ୍ଧାନ ଏବଂ ଡକ୍ୟୁମେଣ୍ଟେସନ୍ କରିବା ପାଇଁ ପ୍ରତିବଦ୍ଧ। ଏହି ଅବସରରେ ପ୍ର. ତ୍ରିପାଠୀ ମଧୁପୁର ଏବଂ କନ୍ଧରା ସମେତ ପ୍ରସିଦ୍ଧ ସନ୍ଥକବି ଭୀମ ଭୋଇଙ୍କ ସହ ଜଡ଼ିତ ପବିତ୍ର ସ୍ଥଳ ପରିଦର୍ଶନ କରିଥିଲେ। ଏହି ଅବସରରେ ଅନେକ ସମାଜସେବୀ, ସ୍ଥାନୀୟ ବାସିନ୍ଦା, ଗବେଷକ ବିଦ୍ୱାନ ଏବଂ ଛାତ୍ର ଉପସ୍ଥିତ ଥିଲେ।



# ହାଇସ୍କୁଲ୍ ପରିସରରେ ଗ୍ରାମାଞ୍ଚଳ ହାଟ ଗୃହ ନିର୍ମାଣକୁ ବିରୋଧ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତରେ ବିଭିନ୍ନ ସ୍ଥାନରେ ଅନେକ ଗୁଡିଏ ସରକାରୀ ଜମି ଥିବାବେଳେ ବାଲିଆ ବଜାର ପାଖରେ ଥିବା ହାଇସ୍କୁଲ୍ ପରିସରରେ ବିନା ଅନୁମତିରେ ଗ୍ରାମାଞ୍ଚଳ ହାଟ ନିର୍ମାଣକୁ କେତେକ ଗ୍ରାମବାସୀ ବିରୋଧ କରି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ବିଷୟରେ ହାଇସ୍କୁଲର ପ୍ରଧାନ ଶିକ୍ଷକ କିମ୍ବା ସ୍କୁଲ୍ କମିଟି କେହି ଅନୁମତି ଦେଇନଥିବାବେଳେ କିଭଳି ଭାବରେ ହାଇସ୍କୁଲ୍ ପରିସରରେ ଗ୍ରାମୀଣ ହାଟ ଗୃହ ନିର୍ମାଣ କରାଯାଉଛି ତାହା ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ହାଇସ୍କୁଲର ପ୍ରଧାନ ଶିକ୍ଷକ ଏ ବିଷୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କାମ ଚାଲୁ ରହିଛି। ଏ ନେଇ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଜିଲ୍ଲାପାଳଙ୍କୁ ଭେଟି ବେଆଇନ୍ ଭାବରେ ପଞ୍ଚାୟତ ତରଫରୁ ନିର୍ମାଣ ହେଉଥିବା ହାଇସ୍କୁଲ୍ ପରିସରରେ ଗ୍ରାମୀଣ ହାଟଗୃହକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ସରପଞ୍ଚ ଧରଣୀଧର ଦାସ, ଜିତେନ୍ଦ୍ର ପ୍ରସାଦ ପାଗଳ, ମଦନ ମୋହନ ବେହେରା, ନଗେନ୍ଦ୍ର ରାଉତ, ବସନ୍ତ କୁମାର ଜେନା, ପ୍ରଶାନ୍ତ କୁମାର ଦାସ, ବିଭୁତି ଭୂଷଣ ପତି, ନାରାୟଣ ସ୍ୱାଇଁ ନିଗମ ମହାନ୍ତି, ଧୀରେନ୍ ବେହେରା, ପ୍ରମୋଦ କୁମାର ସାହୁ ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ତୁରନ୍ତ ବେଆଇନ୍ ଭାବରେ ନିର୍ମାଣ ହେଉଥିବା ଗୃହକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି।

# ଜିଲ୍ଲା ପଞ୍ଚାୟତ ସାଧନକେନ୍ଦ୍ର ଉଦ୍‌ଘାଟିତ:ରେସିଡେନ୍‌ସିଆଲ୍ ତାଲିମ୍ ପାଇଁ ନୂତନ ସୁବିଧା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ରାମେଶ୍ୱର ଷ୍ଟାଡିୟମ୍ ପାଖରେ ଥିବା ନୂତନ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରର ଉଦ୍‌ଘାଟନ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କରିଛନ୍ତି। ଏହି ଜିଲ୍ଲା ପଞ୍ଚାୟତ କେନ୍ଦ୍ରରେ ପଞ୍ଚାୟତି ରାଜ ଅନୁଷ୍ଠାନ ମାନଙ୍କର ସମସ୍ତ ସଭ୍ୟ ଓ ସଭ୍ୟା ପ୍ରତିନିଧି କର୍ମଚାରୀ ବୃନ୍ଦ, ସମାଜ କଲ୍ୟାଣ ବିଭାଗ ଅଙ୍ଗନବାଡ଼ି କର୍ମୀ, ପରିଦର୍ଶିକା ଓ ମିଶନ ଶକ୍ତି ବିଭାଗର କର୍ମଚାରୀ ଯଥା ଏମ.ବି.କେ ଓ ସି. ଆର.ପି ମାନଙ୍କ ସମେତ ଅନ୍ୟ ବିଭାଗ କର୍ମଚାରୀ ପାଇଁ ରେସିଡେନ୍‌ସିଆଲ୍ ତାଲିମ୍ ଦେବାରେ ଉପଯୋଗୀ ହେବ। ୨ କୋଟି ୨୯ ଲକ୍ଷ ୯୪ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ସାଧନ କେନ୍ଦ୍ରର କ୍ଷମତା ୫୦ ରହିଛି ଏବଂ ଏଥିରେ ରହିବା ପାଇଁ ଆବଶ୍ୟକ ସୁବିଧା ବ୍ୟବସ୍ଥା ରହିଛି। ପୂର୍ବରୁ ସୁବର୍ଣ୍ଣପୁର ଜିଲ୍ଲାର ପଞ୍ଚାୟତ କର୍ମକର୍ତ୍ତାମାନେ ତାଲିମ୍ ପାଇଁ ଭବାନୀପାଟଣା ଓ ଭୁବନେଶ୍ୱରକୁ ଯାଉଥିଲେ, କିନ୍ତୁ ଏବେ ସେମାନେ ଏହି ସ୍ଥାନୀୟ କେନ୍ଦ୍ରରେ ପ୍ରଶିକ୍ଷଣ ନେଇପାରିବେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଯେ ସୋନପୁରରେ ଉତ୍ପାଦିତ ଶାଢ଼ୀର ସ୍ୱତନ୍ତ୍ର ପରିଚୟ ରହିଛି ଓ ଏହାର ଚାହିଦା ବୃଦ୍ଧି ପାଉଥିବା ସହ ରାଜ୍ୟର ବିଭିନ୍ନ ମେଳାରେ ବିକ୍ରି ବଢୁଛି। ସେ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ପାଇଁ ମନରେଗା ଯୋଜନାରୁ VB G RAM ଏ ଯୋଜନା ଅଧୀନରେ କାର୍ଯ୍ୟ କରିବା ଯେଉଁଥିରେ ୧୦୦ ଦିନର କାମକୁ ୧୨୫ ଦିନ କରାଯାଇଥିବା କଥା ଉଲ୍ଲେଖ କରିଥିଲେ। ଆଗାମୀ ଦିନରେ ଏହି କେନ୍ଦ୍ରର ପରିଚାଳନା ଦାୟିତ୍ୱ ଏକ ସ୍ୱତନ୍ତ୍ର ସଂସ୍ଥା ବହନ କରିବ । ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତଥା ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଞ୍ଜଳୀନା ପ୍ରଧାନ ଯୋଗଦେଇଥିଲେ। ସଭାକୁ ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ ସଭା ପରିଚାଳନା କରିବା ସହିତ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ସୁବର୍ଣ୍ଣପୁର ତଥା ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାରକାରେ ୯୬୬ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ଜାରକା ମହୋତ୍ସବ ପଡିଆରେ ଏକ ରଙ୍ଗାରଙ୍ଗ ଭତ୍ତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ପଞ୍ଚାୟତରାଜ ଓ ଜଳ ଯୋଗାଣମନ୍ତ୍ରୀ ରବି ନାୟକ, ସ୍ଥାନୀୟ ବିଧାୟକ ହିମାଂଶୁଶେଖର ସାହୁ ଯୋଗଦେଇ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୫୪ଟି ପଞ୍ଚାୟତର ୯୬୬ ନୂତନ ହିତାଧିକାରୀଙ୍କୁ ବିଭିନ୍ନ ଭତ୍ତା ବଣ୍ଟନ କରିଥିଲେ। ୫୮୮ ଜଣଙ୍କୁ ରାସନକାର୍ଡ, ୬୨୭ ଜଣଙ୍କୁ ଭତ୍ତା, ୧୧୮ ଜଣଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ। ଧର୍ମଶାଳା ବିଡ଼ିଓ ଜ୍ୟୋତିର୍ମୟ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାପାଳ ଅମ୍ବରକୁମାର କର, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲାଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଧର୍ମଶାଳା ତହସିଲଦାର ସମୀରରଞ୍ଜନ ଦାସ, ରସୁଲପୁର ବିଡ଼ିଓ ସଦାନନ୍ଦ ଦାସ, ଧର୍ମଶାଳା ବ୍ଲକ ଅଧକ୍ଷା ସୁଚିସ୍ମିତା ଦାସ, ଯାଜପୁର ଜିଲ୍ଲା ବିଜେପି ସଭାନେତ୍ରୀ ଦେବଯାନୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସଭାରେ ଅଂଶୁମାନଟ୍ରଷ୍ଟ ପକ୍ଷରୁ ଜିଲ୍ଲାସ୍ତରୀୟ ଏ -୧ରେ ୯ଜଣ ମେଧାବୀ ଛାତ୍ରଛାତ୍ରୀ ଓ ୧୦୪ ଜଣ ଭିନ୍ନକ୍ଷମଙ୍କୁ ଇସ୍କୁଟର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପିର କର୍ମକର୍ତ୍ତା ଓ ସମସ୍ତ ପଞ୍ଚାୟତ ଜନପ୍ରତିନିଧି ଯୋଗଦେଇଥିଲେ।

# ବିକାଶର ରାସ୍ତା ଭୁଲିଗଲା ଖଡ଼ିଆଳ ବ୍ଲକ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡା ଜିଲ୍ଲାର ଏକ ପ୍ରମୁଖ ବ୍ଲକ ଭାବରେ ପରିଚିତ ଖଡ଼ିଆଳ ବ୍ଲକ ଛବିଶ ଗୋଟି ପଞ୍ଚାୟତକୁ ନେଇ ଗଠିତ। ଜିଲ୍ଲା ହେବାର ସମସ୍ତ ଯୋଗ୍ୟତା ଥିବା ଏହି ବ୍ଲକ ସବ୍‌ଡ଼ିଭିଜନ୍ ମାନ୍ୟତା ପାଇବାରୁ ମଧ୍ୟ ବଞ୍ଚିତ ହୋଇ ରହିଯାଇଛି । ଏହି ବ୍ଲକର ଛବିଶ ଗୋଟି ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ସମସ୍ୟାର ସମାଧାନ ହୋଇଆସୁଥିଲା। ଲୋକେ ଖୁସିରେ ପ୍ରଗତିର ସ୍ୱପ୍ନ ଦେଖି ଖୁସି ମଧ୍ୟ ହେଉଥିଲେ । ହେଲେ ଗତ ଦୁଇ ବର୍ଷ ମଧ୍ୟରେ ସତରେ ଖଡ଼ିଆଳ ପାଇଁ କେଉଁ ଅଭିଶାପ ଗ୍ରାସ କରିଛି ବିକାଶ ସତେ ଉଭେଇ ଯାଇଛି । ଦେଶ ସ୍ୱାଧୀନତାର ମାତ୍ର କିଛି ବର୍ଷ ପରେ ବ୍ଲକ ମାନ୍ୟତା ପାଇଥିବା ଏହି ବ୍ଲକର ବାସ୍ତବିକତାକୁ ଦେଖିଲେ ଆପଣଙ୍କୁ ବିଶ୍ୱାସ ହେବନାହିଁ ସତେ ଏମିତିବି ହୋଇପାରେ । କିନ୍ତୁ ହଁ ଏହା ହିଁ ସତ୍ୟ ୧୯୫୪ ମସିହାରେ ସ୍ଥାପିତ ଓଡ଼ିଶାର ସର୍ବପୁରାତନ ବ୍ଲକ ମଧ୍ୟରୁ ଖଡ଼ିଆଳ ଅନ୍ୟତମ । ନୂତନ ଜିଲ୍ଲା ସମ୍ପ୍ରସାରଣ ସମୟରେ ଏହି ବ୍ଲକ ରାଜନୀତିର ପଶାପାଲିରେ ପେଷି ହୋଇ ଜିଲ୍ଲାରୁ ବଞ୍ଚିତ ହୋଇଗଲା । ଗୋଟିଏ ପଞ୍ଚାୟତ ମୁଖ୍ୟାଳୟ ଜିଲ୍ଲା ମାନ୍ୟତା ପାଇଲା । ଏଠିକାର ଲୋକେ ନିରାଶ ହୋଇ ପୁଣି ଉତ୍ସାହିତ ହେଲେ ଯେ ଖଡ଼ିଆଳ ସବ୍ ଡିଭିଜନ୍ ମାନ୍ୟତା ପାଇବ, ହେଲେ ଆଜି ଯାଏଁ ତାହା ସ୍ୱପ୍ନରେ ରହିଗଲା । ବ୍ଲକ ବିକାଶ କଥା ଯଦି ଆମେ ଚିନ୍ତା କରିବା ନିଜସ୍ୱ କାର୍ଯ୍ୟାଳୟ ନହେବାରୁ ବେସରକାରୀ ଜମିରେ ବ୍ଲକ କାର୍ଯ୍ୟାଳୟ ପରିଚାଳିତ ହେଉଛି। ଯଦି ବ୍ଲକ କାର୍ଯ୍ୟାଳୟ ବିକାଶ ଏତିକି ତେବେ ଛବିଶ ପଞ୍ଚାୟତର ବିକାଶ କଥା ନକହିବା ଭଲ । କାଗଜ କଲମରେ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି ସତ ହେଲେ ତାହା କେବଳ ଠିକାଦାର କୁଜିନେତା ଓ ସରକାରୀ ବାବୁଙ୍କ ପକେଟ୍ ଗରମ ପାଇଁ ବୋଲି ଜନସାଧାରଣ ଲୋକେ ଚର୍ଚ୍ଚା କରୁଛନ୍ତି । ବିଶେଷ କରି ବିଭିନ୍ନ ଗାଁର ମୌଳିକ ସମସ୍ୟାର ସମାଧାନ ହେବା କାଠିକାର ପାଠ ହୋଇଯାଇଛି । ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟରେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସହ ଜନ ପ୍ରତିନିଧିଙ୍କ ଉପସ୍ଥିତି ନକହିବା ଭଲ । ସୂଚନା ଅନୁସାରେ ପୂର୍ବତନ ବିଡ଼ିଓ ବିରସେନ ବେହେରାଙ୍କ ବଦଳି ପରେ ବ୍ଲକ ଗୋଟିଏ ପ୍ରକାର ମୁରବି ବିହିନୀ ହୋଇଯାଇଥିଲା। ପାଖାପାଖି ଏକ ବର୍ଷ ପରେ ନୂତନ ସ୍ଥାୟୀ ବିଡ଼ିଓ ଭାବରେ ମିଳନ କୁମାର ଝାଙ୍କର ଯୋଗଦେଇଥିଲେ। ବିଡ଼ିଓଙ୍କ ଯୋଗାଦାନ ପରେ ବିଭିନ୍ନ ସମସ୍ୟାର ସମାଧାନ ହେବ ଖଡ଼ିଆଳ ପ୍ରଗତି ବ୍ଲକ ପ୍ରଗତିପଥେ ପୁଣି ଦୌଡିବ ବୋଲି ଲୋକଙ୍କ ମନରେ ଆଶା ସଂଚାର ହେଲା। ହେଲେ ବିଡ଼ିଓଙ୍କ ଯୋଗଦାନର ଦୀର୍ଘ ଛଅରୁ ସାତ ମାସ ବିତିଯାଇଥିଲେ ହେଁ, ଖଡ଼ିଆଳ ବ୍ଲକର ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁନାହିଁ । ଏମିତି ନୂତନ ବିଡ଼ିଓଙ୍କ ଯୋଗଦାନ ପରେ ବ୍ଲକ ପରିସର, ରାଜୀବ ଗାନ୍ଧି ସେବାକେନ୍ଦ୍ର କୋଠାରେ ପରିଚାଳିତ ସ୍ଥଳରେ କାର୍ଯ୍ୟର ଅନୁଧ୍ୟାନ ପାଇଁ ସିସି ଟିଭି କେମେରା ଲଗେଇଲେ । ଲୋକେ ଭାବିଲେ ସମସ୍ତ କର୍ମଚାରୀ ଠିକ୍ ସମୟରେ ଆସିବେ, ଲୋକେ ସୁବିଧାରେ ନିଜ କାମ କରିପାରିବେ । ହେଲେ ବିଡମ୍ବନାର ବିଷୟ ବ୍ଲକ କାର୍ଯ୍ୟାଳୟର ସରକାରୀ ଅନେକ କର୍ମଚାରୀ ଅଫିସ ଆସିବା ଯିବା ସମୟ ଭୁଲିଗଲେ। ଏଉପରେ ବିଡ଼ିଓ, ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଗଲା । କିଛିଦିନ ପରିସ୍ଥିତି ସ୍ୱାଭାବିକ ପୁଣି ଯଥା ପୂର୍ବଂ ତଥା ପରମ ହୋଇଯାଇଛି। ଏମିତିକି ବିଡ଼ିଓ ମଧ୍ୟ ବ୍ୟକ୍ତିଗତ ହେଉ କିମ୍ବା ସରକାରୀ କାର୍ଯ୍ୟରେ ବ୍ୟସ୍ତରହି କାଁ ଭାଁ କାର୍ଯ୍ୟାଳୟରେ ବସୁଥିବା ଯୋଗୁଁ ସାଧାରଣ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମିତିକି ବ୍ଲକ ଅଧକ୍ଷା ଉପାଧକ୍ଷଙ୍କ କାର୍ଯ୍ୟାଳୟ ମଧ୍ୟ ପ୍ରାୟ ବନ୍ଦ ରହୁଥିବାରୁ ଲୋକେ ଅଭିଯୋଗ ନେଇ ଆସୁଥିବା ହିତାଧିକାରୀ ନିରାଶ ହୋଇ ଫେରୁଛନ୍ତି। ବର୍ତ୍ତମାନ ଖଡ଼ିଆଳରେ ଅସହ୍ୟ ଗରମ ହେଉଥିବା ବେଳେ ବ୍ଲକ ପରିସରରେ ଜଳଛତ୍ରର ବ୍ୟବସ୍ଥା ନେଇ ବିଡ଼ିଓଙ୍କ ଠାରୁ ନେଇ ଜନ ପ୍ରତିନିଧି ଅଧକ୍ଷାଙ୍କୁ ଜଣାଇଥିଲେ ହେଁ ପିଇବା ପାଣିର କୌଣସି ବ୍ୟବସ୍ଥା ହୋଇପାରିନାହିଁ । ଏଥିରୁ ସ୍ପଷ୍ଟ ଯେ ବ୍ଲକର ପରିସ୍ଥିତି କେମିତି ଥିବ । ଏଥିପ୍ରତି ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ଧ୍ୟାନ ଦେଇ ଖଡ଼ିଆଳ ବ୍ଲକକୁ ପ୍ରଗତିପଥେ ନେବା ଜରୁରୀ ହୋଇପଡିଛି।

# ବିପଦ ସଙ୍କୁଳ ଅବସ୍ଥାରେ ପାତଳପଡ଼ା ପ୍ରାଥମିକ ବିଦ୍ୟାଳୟ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଅନ୍ତର୍ଗତ ପାତଳପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାର ଏକ ବିକଳାଙ୍ଗ ଦୃଶ୍ୟ ସାମ୍ନାକୁ ଆସିଛି। ୧୯୭୩ ମସିହାରେ ସ୍ଥାପିତ ଏହି ପୁରାତନ ବିଦ୍ୟାଳୟଟି ଏବେ ଚରମ ଅବହେଳାର ଶିକାର ହୋଇଛି। ବାଲବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବମୋଟ୍ ୯୦ ଜଣ ଛାତ୍ରଛାତ୍ରୀ ଏଠାରେ ଶିକ୍ଷା ଗ୍ରହଣ କରୁଥିବାବେଳେ ସେମାନଙ୍କ ଜୀବନ ଏବେ ବିପଦପୂର୍ଣ୍ଣ ସ୍ଥିତିରେ ରହିଛି। ବିଦ୍ୟାଳୟରେ ଶ୍ରେଣୀଗୃହର ଘୋର ଅଭାବ ରହିଥିବା ବେଳେ ଉପଲବ୍ଧ ଥିବା କୋଠରୀ ଗୁଡ଼ିକ ଏବେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ। ଏହି ଗୃହଗୁଡ଼ିକର ଅବସ୍ଥା ଏମିତି ହୋଇଛି ଯେ ତାହା ଆଉ ସାମାନ୍ୟ ମରାମତି ଦ୍ୱାରା ବ୍ୟବହାର ଯୋଗ୍ୟ ହେବା ସ୍ଥିତିରେ ନାହିଁ। ଛାତରୁ ସିମେଣ୍ଟ ଅତଡ଼ା ଖସୁଥିବାରୁ କେତେବେଳେ କାହା ଉପରେ ପଡ଼ି ଅଘଟଣ ଘଟିବ ସେ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଆତଙ୍କିତ ଅଛନ୍ତି। ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଗଳୁଥିବାରୁ ପାଠପଢ଼ା ସମ୍ପୂର୍ଣ୍ଣ ବ୍ୟାହତ ହେଉଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କନକଲତା ମାଝୀଙ୍କ କହିବା ଅନୁସାରେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ, ସିଆର୍‌ସିସି ଏବଂ ବିଇଓଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଲିଖିତ ଓ ମୌଖିକ ଭାବେ ଜଣାଯାଇଛି। କିନ୍ତୁ ଦୁଃଖର ବିଷୟ ଏପର୍ଯ୍ୟନ୍ତ କୌଣସି ସୁଧାର ଆସିନାହିଁ। ଏ ସମ୍ପର୍କରେ ମୁରିବାହାଲ ବିଇଓ ଶାନ୍ତନୁ ପଢ଼ିଆରୀଙ୍କୁ ପଚାରିବାରୁ ସ୍କୁଲ ମରାମତି ପାଇଁ କୁହାହୋଇଛି ସ୍କୁଲର ଜମି ବିବାଦ ଟିକେ ରହିଛି ସମାଧାନ ହେଲେ ନୂତନଗୃହ ଦିଆଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି । ଗୃହଗୁଡ଼ିକ ମରାମତି ଅବସ୍ଥାରେ ନଥିବାରୁ ତୁରନ୍ତ ପୁରୁଣା କୋଠରି ଭାଙ୍ଗି ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଅଭିଭାବକ ମହଲରେ ଦୃଢ଼ ଦାବି ହୋଇଛି। ପ୍ରଶାସନ କୌଣସି ବଡ଼ ଦୁର୍ଘଟଣାକୁ ଅପେକ୍ଷା ନକରି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଯଥାଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ବରମୁଣ୍ଡା ଛକରେ ଟ୍ରାଫିକ୍ ଯନ୍ତ୍ରଣା: ବୁଲାଣିରେ ଦୋକାନ ଓ ଗାଡ଼ି ପାର୍କିଂ, ଠିଆ ହେଉଛି ବସ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଦିନକୁ ଦିନ ଟ୍ରାଫିକ୍ ଯନ୍ତ୍ରଣା ବଢ଼ିବାରେ ଲାଗିଛି। ବୁଲାଣିରେ ବେଆଇନ୍ ପାର୍କିଂ ସାଙ୍ଗକୁ ଦୋକାନ ଖୋଲାଯିବା ପରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ବସ୍ ଚାଳକମାନେ ବି ସବୁ ବସ୍‌କୁ ଏହି ଜାଗାରେ ରଖି ଯାତ୍ରୀ ଉଠାଉଛନ୍ତି। ଫଳସ୍ୱରୂପ ବରମୁଣ୍ଡା ଛକରେ ଅସମ୍ଭାଳ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ଦିନକୁ ଦିନ ଟ୍ରାଫିକ୍‌ର ଏହି ଯନ୍ତ୍ରଣା ବଢ଼ିବାରେ ଲାଗିଥିବା ବେଳେ ପୋଲିସ କିମ୍ବା ପରିବହନ ବିଭାଗର ଏଥିପ୍ରତି ନିଘାନାହିଁ। ସେପଟେ ଅମାନିଆଙ୍କୁ ତଡ଼ା ଯାଉନଥିବାରୁ ଦୋକାନ ସଂଖ୍ୟା ଓ ବସ୍ ଚାଳକଙ୍କ ଉତ୍ପାତ ବି ବଢ଼ିଚାଲିଛି। ଯେବେ ବରମୁଣ୍ଡା ବସ୍‌ଷ୍ଟାଣ୍ଡର ନବକଳେବର ହେଲା, ସେ ସମୟରେ ବରମୁଣ୍ଡା ଓଭରବ୍ରିଜ୍ ତଳେ ବସ୍ ଚଳାଚଳରେ କଟକଣା ଲାଗିଥିଲା। ଯାତ୍ରୀବାହୀ ବସ୍‌ମାନେ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ବାହାରିବା ପରେ ବାମପାର୍ଶ୍ୱକୁ ଯାଇ ଓଭରବ୍ରିଜ୍ ଉପରେ ଚଳାଚଳ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଯଦ୍ୱାରା ବରମୁଣ୍ଡା ଛକରେ ଓଭରବ୍ରିଜ୍ ତଳେ ଓ ଦୁଇପାର୍ଶ୍ୱରେ ଯେଉଁ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି, ସେଥିରୁ ନିସ୍ତାର ମିଳିବ ବୋଲି ଆଶା କରାଯାଉଥିଲା। ସେହି ଅନୁସାରେ ଆରମ୍ଭରୁ ଖୋର୍ଦ୍ଧା, ନୟାଗଡ଼, ବ୍ରହ୍ମପୁର, ଗଞ୍ଜାମ ଆଦି ଜିଲ୍ଲାକୁ ଚଳାଚଳ କରୁଥିବା ବସ୍ ବାମପାର୍ଶ୍ୱରେ ଆଗକୁ ଯାଇ ଓଭରବ୍ରିଜ୍‌ରେ ଚଳାଚଳ କରୁଥିଲେ। ଟ୍ରାଫିକ୍ ଯନ୍ତ୍ରଣାରୁ ବି ଲୋକେ ମୁକ୍ତି ପାଇଥିଲେ। କିଛି ମାସ ପରେ ପୁଣି ବଦଳିଗଲା ସ୍ଥିତି। ଅମାନିଆ ଚାଳକମାନେ ପୁଣି ପୁରୁଣା ବ୍ୟବସ୍ଥାରେ ଗାଡ଼ି ଚଳାଇଲେ। ଓଭରବ୍ରିଜ୍ ତଳେ ଯା'ଆସ କଲେ। ଯାହା ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ବଡ଼ କଥା ହେଉଛି, ବସ୍ ଚାଳକମାନେ ଓଭରବ୍ରିଜ୍ ତଳେ ଓ ଅପରପାର୍ଶ୍ୱରେ ଯାତ୍ରୀ ଉଠାଇବା ପାଇଁ ଗାଡ଼ି ରଖୁଛନ୍ତି। ଫଳରେ ଜୟଦେବବିହାର, ସିଆରପି ପାର୍ଶ୍ୱରୁ ଆସୁଥିବା ଗାଡ଼ି ଓଭରବ୍ରିଜ୍ ତଳେ ଘଣ୍ଟା ଘଣ୍ଟା ଭିଡ଼ରେ ଫସୁଛନ୍ତି। ଏହି ଯନ୍ତ୍ରଣାକୁ ବଢ଼ାଇ ଦେଇଛନ୍ତି ବରମୁଣ୍ଡା ଛକର ଦୋକାନୀ। ଦୋକାନୀମାନେ ଆସି ରାସ୍ତାରେ ବେପାର କରୁଛନ୍ତି। ଉଠାଦୋକାନୀ ରାସ୍ତାରେ ବେପାର ପସରା ମେଲାଇଛନ୍ତି। ଏଣୁ ଗ୍ରାହକମାନେ ରାସ୍ତାରେ ଭିଡ଼ କରୁଛନ୍ତି। ରାସ୍ତାରେ ଗାଡ଼ି ପାର୍କିଂ କରୁଛନ୍ତି। ଏହା ଭିଡ଼କୁ ବଢ଼ାଇ ଦେଉଛି। ସେପଟେ କିଛି ବସ୍ ବି ବରମୁଣ୍ଡାରୁ ଖଣ୍ଡଗିରି ଯିବା ରାସ୍ତାରେ ପାର୍କିଂ କରୁଛନ୍ତି। ଏହା ବି ଭିଡ଼ ବଢ଼ାଉଛି। ପ୍ରତିଦିନ ବରମୁଣ୍ଡା ଛକରେ ଏଭଳି ଟ୍ରାଫିକ୍ ସମସ୍ୟାରେ ସାଧାରଣ ଲୋକେ କଲବଲ ହେଉଥିବା ବେଳେ ଏ ଦିଗରେ ପୋଲିସ ଓ ସରକାରୀ ଅଧିକାରୀମାନେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଦେଶି ମଦ ଓ ରାସାୟନିକ ନିଶା କାରବାର କବଳରେ ଜୟପୁର

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ଜୟପୁର ସହରରେ ରାସାୟନିକ ନିଶା କବଳରେ ରହିଛି । ଜୟପୁର ଟାଉନ୍ ପୋଲିସ ମଧ୍ୟ ଗତ ଦିନରେ ଧଳା ଜହର ମଧ୍ୟ ଜବତ କରିଛି । ଆଦିବାସୀ ବହୁଳ ଜିଲ୍ଲାରେ ଦେଶି ମଦ କାରବାର ଜୋର୍ ସୋର୍‌ରେ ଚାଲିଛି । ଏହାକୁ ରୋକ୍ ଲଗାଇବା ପାଇଁ ଜୟପୁର, ବୋରିଗୁମ୍ମାରେ ମହିଳାମାନେ ବନ୍ଦ କରିବା ପାଇଁ ଅବକାରୀ ବିଭାଗର ଦ୍ୱାରସ୍ଥ ହୋଇ ଦାବି ପତ୍ର ମଧ୍ୟ ପ୍ରଦାନ କରିଛନ୍ତି । ପୁରପଲ୍ଲୀରେ ବାର ମାସରେ ତେର ପର୍ବ ପାଳନ ପାରମ୍ପରିକ ପରମ୍ପରା । ବିଭିନ୍ନ ଯାନିଯାତ୍ରା, ପର୍ବପର୍ବାଣୀ ଓ ବିବାହ ଭଳି ସାମାଜିକ ଓ ସାଂସ୍କୃତିକ ମହୋତ୍ସବ ପାଳନ ସମୟରେ କର୍ମକ୍ଳାନ୍ତ ଜୀବନରୁ ଫୁରସତ୍ ପାଇ ଉତ୍ସବାନୁଷ୍ଠାନରେ ଲୋକବାଦ୍ୟ ଓ ଲୋକଗୀତର ତାଳେ ତାଳେ ନାଚଗୀତରେ ଝୁମି ବନବାସୀ ଅବସର ବିନୋଦନ କରିବା ପାରମ୍ପରିକ ବୋଲି କୁହାଯାଉଛି । ଆବାଳ ବୃଦ୍ଧବନିତା ସମସ୍ତେ ଏକାକାର ହେବା ସହ ଉପଭୋଗ କରିଥାନ୍ତି ପାର୍ବପାଳନର ସେଇ ମୁହୂର୍ତ୍ତକୁ। ଆଉ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ହଜେଇ ବିଭୋର ହୋଇଥିବା ବନବାସୀ ସମାଜ ସାମାନ୍ୟ ନିଶା ସେବନକୁ ଆପଣାଇ ନେଇ ପୂର୍ବପୁରୁଷର ପରମ୍ପରାକୁ ଜୀବନ୍ତ କରିଥାନ୍ତି । ତେବେ ଅତୀତରୁ ପ୍ରଚଳିତ ପ୍ରକୃତିଦତ୍ତ ପାନୀୟ ମଧ୍ୟରେ ସଲପ ରସ, ଖଜୁରୀ ରସ, ମାଣ୍ଡିଆ ଓ ଚାଉଳ ଆଦି ଶସ୍ୟରୁ ପ୍ରସ୍ତୁତ ପାନୀୟର ବହୁଳ ବ୍ୟବହାର ହେଉଥିବାବେଳେ ସୁସ୍ଥ ନିରାମୟ ଜୀବନ ବିତାଉଥିବା ବନବାସୀ ସମାଜ ଏବେ ପ୍ରଚଳିତ ଆଧୁନିକତା ଛାପର ବଶବର୍ତ୍ତୀ ହୋଇ ପ୍ରକୃତିଦତ୍ତ ନିଶା ପାନୀୟରୁ ଦୂରେଇ ଯିବା ସହ ରାସାୟନିକ ବିଷାକ୍ତ ପାନୀୟକୁ ଆପଣାଇ ନେଲେଣି। ଯେଉଁଥିପାଇଁ କୋରାପୁଟ ଜିଲ୍ଲା ପାଲଟିଛି ଦେଶୀ ମଦ ବା ଜହର ଆଡ୍ଡାସ୍ଥଳି। ସରକାର ଅବକାରୀ ଟିକସ ନିଶାରେ କାରବାରକୁ ପ୍ରୋତ୍ସାହନ ଦେଉଥିବାବେଳେ ଏବେ ବିଭିନ୍ନ ଅଞ୍ଚଳରେ କାୟାବିସ୍ତାର କରିଲାଣି ରାସାୟନିକ ନିଶା କାରବାର । କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ପାଇଁ ସରକାରଙ୍କ ପକ୍ଷରୁ ବାର୍ଷିକ କୋଟି କୋଟି ଟଙ୍କାର ରାଜସ୍ୱ ଧାର୍ଯ୍ୟ କରାଯାଇଛି। ତେବେ ଧାର୍ଯ୍ୟ ଟିକସ ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିଜସ୍ୱ ଆମଦାନୀ ପୂରଣ ପାଇଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଅତିରିକ୍ତ ମଦ କାରବାର ସୁଯୋଗ ସୃଷ୍ଟି କରାଯାଉଥିବା ବେଳେ ପରୋକ୍ଷରେ ବେଆଇନ୍ ନିଶା କାରବାର ଅହେତୁକ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଆଦିବାସୀ ଅଞ୍ଚଳରେ ପ୍ରତି ଗାଁରେ ମାଫିଆମାନେ ମଦ ଉତ୍ପାଦନକୁ କୁଟୀର ଶିଳ୍ପରେ ପରିଣତ କରିବାଭଳି ଅଭାବନୀୟ ସମସ୍ୟା ଉପୁଜୁଛି । ଅଧିକ ମୁନାଫା ଆଶାରେ ମନ ପସନ୍ଦର ମଦ ପ୍ରସ୍ତୁତ ସମୟରେ ବିଭିନ୍ନ ରାସାୟନିକ ବିଷାକ୍ତ ଦ୍ରବ୍ୟ ଯଥା ଆମୋନିଆ ସାର ଆଦି ମିଶ୍ରଣ କରାଯାଉଥିବା ଅଭିଯୋଗ ବିଭିନ୍ନ ସମୟରେ ହେଉଛି। ବିଷାକ୍ତ ରାସାୟନିକ ମଦ ବ୍ୟବହାର କାରଣରୁ ଯୁବ ବୟସରେ ଅକାଳରେ ଚାଲିଯାଉଛି ଅମୂଲ୍ୟ ଜୀବନ। ତେବେ ଗୋଟିଏ ପଟେ ଧାର୍ଯ୍ୟ ଟିକସ ଆଦାୟ ଲକ୍ଷ୍ୟ ଓ ଅନ୍ୟପଟେ ନିଜସ୍ୱ ରୋଜଗାର ନିଶାରେ ଅବକାରୀ ବିଭାଗ ବେଆଇନ୍ ମଦ କାରବାର ଉପରେ ଅଙ୍କୁଶ ଲଗାଇବା କଷ୍ଟ ହୋଇଯାଇଛି । ଅପରପକ୍ଷେ ବିଷାକ୍ତ ପାନୀୟ ବ୍ୟବହାରରୁ ଶାନ୍ତ ଗ୍ରାମାଞ୍ଚଳ ଅଶାନ୍ତ ହେଉଥିବାବେଳେ ବିଭିନ୍ନ ପ୍ରକାର ସାମାଜିକ ଓ ଘରୋଇ ହିଂସାକୁ ଆପଣାଇବା ଭଳି ପରିସ୍ଥିତି ଉପୁଜିଛି। ବିଶେଷ ଭାବରେ ଯୁବପିଢି ନିଶା ପ୍ରତି ଆକୃଷ୍ଟ ହେଉଥିବାବେଳେ ଆର୍ଥିକ ଓ ସାମାଜିକ ସ୍ଥିତି ଭୁଶୁଡିବା ସହ ଭବିଷ୍ୟତ ଅନ୍ଧାରୀ ମୁଳକ ଆଡକୁ ଠେଲି ହୋଇଯାଉଛି । ନିଶା ବହୁଳ ବ୍ୟବହାର ପାଇଁ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବା ଅସମ୍ଭବ ବ୍ୟାପାର ହୋଇଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ କିଛି ଗ୍ରାମାଞ୍ଚଳରେ ମହିଳାମାନେ ଜାଗ୍ରତ ହେବାସହ ମଦ କାରବାର ବନ୍ଦ ନିମନ୍ତେ ଅଣ୍ଟା ଭିଡ଼ିଛନ୍ତି । ମଦ ବିକିଲେ ଅଥବା ପିଇଲେ ଜରିମାନା ଧାର୍ଯ୍ୟ କରିଛନ୍ତି । ମହିଳା ମାନଙ୍କ ଉଦ୍ୟମକୁ ବିଭିନ୍ନ ସ୍ତରରେ ସ୍ୱାଗତ କରାଯାଇଥିବା ବେଳେ ପ୍ରଶାସନିକ ସଦିଚ୍ଛା ଓ ସହଯୋଗ ନମିଳିଲେ ଉଦ୍ୟମ ସଫଳ ହୋଇପାରିବନାହିଁ ବୋଲି କୁହାଯାଉଛି । ନିଶା କାରବାର ପରୋକ୍ଷରେ ଦାଦନ ସମସ୍ୟା ବଢ଼ାଇବା ସହ ଜିଲ୍ଲା ଅର୍ଥନୀତିକୁ ପ୍ରଭାବିତ କରୁଛି ଓ ଗରିବରୁ ଗରରିବତମ ଅବସ୍ଥାକୁ ଆମନ୍ତ୍ରଣ କରୁଛି । ପଛୁଆ ଅଞ୍ଚଳରେ ବେଧଡ଼କ ନିଶା କାରବାର ଉପରେ ରୋକ୍ ଲଗାଯାଇପାରିଲେ ଆଦିବାସୀ ଜିଲ୍ଲାର ଆର୍ଥିକ ବିକାଶ ସମ୍ଭବ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ସାମ୍ବାଦିକଙ୍କ ମାତୃ ବିୟୋଗ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ଦିନ ସନ୍ଧ୍ୟା ସମୟରେ ସୁବର୍ଣ୍ଣପୁର ଜିଲ୍ଲା ସମାଜ ପ୍ରତିନିଧି ସ୍ୱାଧୀନ ମେହେରଙ୍କ ମାତା ଅପସରି ମେହେର (୭୬ ବର୍ଷ)ଙ୍କ ମନମୁଣ୍ଡା ସ୍ଥିତ ବାସଭବନରେ ବିୟୋଗ ଘଟିଛି। ଏ ଖବର ପ୍ରଚାରିତ ହେବାପରେ ସୁବର୍ଣ୍ଣପୁର ଓ ମନମୁଣ୍ଡା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ସାମ୍ବାଦିକ, ବୁଦ୍ଧିଜୀବୀ ସ୍ୱର୍ଗୀୟ ମେହେରଙ୍କ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବାବେଳେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ ସାମ୍ବାଦିକ ସ୍ୱାଧୀନ ମେହେରଙ୍କୁ ଶୋକବାର୍ତ୍ତା ପ୍ରଦାନ ପୂର୍ବକ ସ୍ୱର୍ଗୀୟ ଆତ୍ମାଙ୍କ ଶାନ୍ତି ସଦ୍‌ଗତି କାମନା କରି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତା ମେହେର ଜଣେ ଅମାୟିକ ଓ ଧର୍ମ ପରାୟଣା ମହିଳା ଭାବରେ ଅଞ୍ଚଳରେ ବେଶ୍ ଜଣାଶୁଣା। ତାଙ୍କର ବିୟୋଗରେ ସମଗ୍ର ସୋନପୁର ଓ ମନମୁଣ୍ଡା ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ମୃତ୍ୟୁ ବେଳକୁ ତାଙ୍କ ପାଖରେ ପୁଅ, ଝିଅ, ଜ୍ୱାଇଁ ପ୍ରମୁଖ ମୃତ୍ୟୁ ଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ମନମୁଣ୍ଡା ସ୍ଥିତ ତେଲ ନଦୀ ଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିବା ବେଳେ ବଡ଼ପୁଅ ସ୍ୱାଧିନ ମୁଖାଗ୍ନି ଦେଇଥିଲେ।

# ଆଇପିଏଲ : ପଞ୍ଜାବ କିଙ୍ଗ୍ସକୁ ୨୩ ରନ୍‌ରେ ପରାସ୍ତ କଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

**ଧର୍ମଶାଳା**

ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏସନ୍ ଦ୍ୱାରା ପରିଚାଳିତ ଧର୍ମଶାଳା ଷ୍ଟାଡିୟମରେ ରବିବାର ପଞ୍ଜାବ କିଙ୍ଗ୍‌ସକୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୩ ରନ୍‌ରେ ପରାସ୍ତ କରିଛି। ପଞ୍ଜାବ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୯୯ ରନ୍ ସଂଗ୍ରହ କରିଛି। ବେଙ୍ଗାଲୁରୁ ପାଇଁ ଭୁବନେଶ୍ୱର କୁମାର ଏବଂ ରସିକ ସାଲମ ଡାର ୨-୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଜୋସ ହେଜଲଉଡ, ସୂୟାଶ ଶର୍ମା ଏବଂ ରୋମାରିଓ ଶିଫର୍ଡ ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

ପଞ୍ଜାବ ୨୨୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ବିସ୍ଫୋରକ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମରନ ସିଂହ ଏବଂ ଶ୍ରେୟସ ଆୟର ଶସ୍ତାରେ ଆଉଟ ହୋଇଥିଲେ। ସ୍କୋର ୧୯ ରନ୍‌ରେ ପଞ୍ଜାବ ଆଗଧାଡ଼ିର ୩ଜଣ ଖେଳାଳିଙ୍କୁ ହରାଇଥିଲା। ପ୍ରିୟାଂଶ ଖାତା ଖୋଲିପାରି ନଥିଲା ବେଳେ ପ୍ରଭସିମରନ ୨ ରନ୍ ଏବଂ ଶ୍ରେୟସ ମାତ୍ର ୧ ରନ୍ ସଂଗ୍ରହ କରିଥିଲେ।

ନିଜ ଦଳକୁ ଜିତାଇବା ପାଇଁ ଶଶାଙ୍କ ସିଂହ ଲଢ଼ିଥିଲେ। ସେ ଅର୍ଦ୍ଧଶତକ ହାସଲ କରିଥିଲେ। ୨୭ଟି ବଲ୍ ଖେଳି ୪ଟି ଚୌକା ଏବଂ ୪ଟି ଛକା ସହାୟତାରେ ୫୬ ରନ୍ କରିଥିଲେ। କୋପର କନୋଲି ଏବଂ ମାର୍କସ ଷ୍ଟୋଇନିସ ପ୍ରତ୍ୟେକ ୩୭ ରନ୍ ଲେଖାଏଁ ଯୋଗଦାନ ଦେଇଥିଲେ। ସୂର୍ଯ୍ୟାଂଶ ଶେଡଗେ ୩୫ ରନ୍ କରିଥିଲେ।

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୧ତମ ମ୍ୟାଚ୍‌ରେ ପଞ୍ଜାବ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଜିତେଶ ଶର୍ମାଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୨୨୨ ରନ୍ ସଂଗ୍ରହ କରିଥିଲା।

ବେଙ୍ଗାଲୁରୁର ଇନିଂସ ଆରମ୍ଭରୁ ଉତ୍ସାହଜନକ ନଥିଲା। ଦଳର ପ୍ରାରମ୍ଭିକ ବ୍ୟାଟର ଜାକୋବ ବେଥେଲ (୧୧ ରନ୍) ଏବଂ ବିରାଟ କୋହଲି ପ୍ରଥମ ୱିକେଟ ପାଇଁ ୨୧ ରନ୍‌ର ଭାଗିଦାରୀ କରିଥିଲେ। କିନ୍ତୁ ଦ୍ୱିତୀୟ ୱିକେଟ ପାଇଁ ଦେବଦତ୍ତ ପଡ୍ଡିକଲଙ୍କ ସହିତ ବିରାଟ କୋହଲି ୭୬ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ପଡ୍ଡିକଲଙ୍କ ଯୋଗଦାନ ୪୫ ରନ୍ ଥିଲା। ସେ ୨୫ଟି ବଲ୍‌ର ସମ୍ମୁଖୀନ ହୋଇ ୪ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ବିରାଟ କୋହଲି ଏବଂ ଭେଙ୍କଟେଶ ଆୟର ତୃତୀୟ ୱିକେଟ୍ ପାଇଁ ୬୦ ରନ୍‌ର ଭାଗିଦାରୀ କରିଥିଲେ।



ପଞ୍ଜାବର ତୃତୀୟ ଶିକାର ହୋଇଥିଲେ ବିରାଟ କୋହଲି। କିନ୍ତୁ ଏହା ପୂର୍ବରୁ ସେ ଅର୍ଦ୍ଧଶତକ ହାସଲ କରି ସାରିଥିଲେ। ସେ ୩୭ଟି ବଲ୍ ଖେଳି ୪ଟି ଚୌକା ଏବଂ ୩ଟି ଛକା ବଳରେ ୫୮ ରନ୍ ସଂଗ୍ରହ କରିଥିଲେ। ଦଳ ପାଇଁ ଭେଙ୍କଟେଶ ଆୟର ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ଆୟର ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୪୦ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ, ଯେଉଁଥିରୁ ୮ଟି ଚୌକା ଏବଂ ୪ଟି ଛକା ମାରିଥିଲେ। ଟିମ୍ ଡେଭିଡ ୧୨ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ବଳରେ ୨୮ ରନ୍ ଯୋଡ଼ିଥିଲେ। ବେଙ୍ଗାଲୁରୁ ପାଇଁ ହରପ୍ରୀତ ବରାର ଦୁଇଟି ୱିକେଟ୍ ଅକ୍ତିଆର କରିଥିଲେ। ଦ୍ରୁତ ବୋଲର ଅର୍ଶଦୀପ ସିଂହ ଏବଂ ଯୁଜବେନ୍ଦ୍ର ଚହଲଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

# ଇତିହାସ ରଚିଲେ ବିରାଟ



**ନୂଆଦିଲ୍ଲୀ**

ବିରାଟ କୋହଲିଙ୍କୁ 'ରେକର୍ଡର ରାଜା' ଖାଲିଟାରେ କୁହାଯାଏ ନାହିଁ। ସେ ଏବେ ଇଣ୍ଡିଆନ ପ୍ରିମିୟର ଲିଗରେ ଆଉ ଏକ ରେକର୍ଡ ସ୍ଥାପନ କରିଛନ୍ତି, ଯାହା ଭାଙ୍ଗିବା ପ୍ରାୟ ଅସମ୍ଭବ ମନେହୁଏ। ବିରାଟ ୨୦୨୬ ଆଇପିଏଲ୍ ସିଜିନରେ ୫୦୦ ରନ ପୂରଣ କରିଥିଲେ, ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଏକ ମ୍ୟାଚରେ ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ବିରାଟ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଯିଏ ନଅଟି ଭିନ୍ନ ଭିନ୍ନ ସିଜିନରେ ୫୦୦ କିମ୍ବା ତା'ଠାରୁ ଅଧିକ ରନ କରିଛନ୍ତି।

୨୦୨୬ ଆଇପିଏଲରେ ଏପର୍ଯ୍ୟନ୍ତ ଖେଳିଥିବା ୧୩ ଇନିଂସରେ, ବିରାଟ କୋହଲି ମୋଟ ୫୪୨ ରନ ସଂଗ୍ରହ କରିଛନ୍ତି। ଏହି ସମୟ ମଧ୍ୟରେ, ତାଙ୍କ ବ୍ୟାଟ ଗୋଟିଏ ଶତକ ଏବଂ ଚାରୋଟି ଅର୍ଦ୍ଧଶତକ ଦେଇଛି। ଉଲ୍ଲେଖନୀୟ ଯେ, ୨୦୨୬ ସିଜିନ ବିରାଟଙ୍କ ସମଗ୍ର ଆଇପିଏଲ କ୍ୟାରିୟରର ସର୍ବୋତ୍ତମ ବ୍ୟକ୍ତିଗତ ଷ୍ଟ୍ରାଇକ ରେଟ ସେ ୨୦୨୬ ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ୧୬୪.୭୪ ଷ୍ଟ୍ରାଇକ ରେଟରେ ବ୍ୟାଟିଂ କରିଛନ୍ତି।

ଇଣ୍ଡିଆନ ପ୍ରିମିୟର ଲିଗ ସିଜନରେ ସର୍ବାଧିକ ସଂଖ୍ୟକ ୫୦୦ରୁ ଅଧିକ ରନ କରିବାର ରେକର୍ଡ ବିରାଟ କୋହଲିଙ୍କର। ସେ ଏବେ ନଅଟି ଭିନ୍ନ ଭିନ୍ନ ସିଜନରେ ୫୦୦ ରନ ଅତିକ୍ରମ କରିସାରିଛନ୍ତି। ଏହି ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଡେଭିଡ ୱାର୍ଣ୍ଣର ଏବଂ କେଏଲ ରାହୁଲ, ଯେଉଁମାନେ ଉଭୟେ ଗୋଟିଏ ସିଜନରେ ସାତ ଥର ୫୦୦ରୁ ଅଧିକ ରନ କରିଛନ୍ତି।

# ସନ୍ତରଣରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର



**ରାଉରକେଲା**

ନବଗଠିତ ଜିଲା ସୁଇମିଂ ଆସୋସିଏଶନ ପକ୍ଷରୁ ବିର୍ସାମୁଣ୍ଡା ଆଥଲେଟିକ ସୁଇମିଂ ପୁଲ୍‌ରେ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଯାଇଛି। ବିଭିନ୍ନ ବୟସ୍କ ଓ ବିଭାଗର ସୁଇମିଂ କ୍ୟାଟାଗୋରିରେ ୨୦୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଉପନିର୍ଦ୍ଦେଶକ ସୁଦୀପ୍ତ କୁମାର ନାୟକ ଯୋଗ ଦେଇଥିଲେ। ସେ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ବିଜେତା ଛାତ୍ରୀଛାତ୍ରଙ୍କୁ ମେଡାଲ ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ।

ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ କରିବା ପାଇଁ ସେ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ପ୍ରଦାନ କରିଥିଲେ। ସଭାପତି ଦୀପକ ଦାଶଙ୍କ ନେତୃତ୍ୱରେ ସମଗ୍ର କାର୍ଯ୍ୟକ୍ରମ ହୋଇଥିଲା। ସଦସ୍ୟ, ପ୍ରତିଯୋଗୀ, ଅଭିଭାବକମାନେ ସହଯୋଗ କରିଥିଲେ।

# ଆହତ ସତ୍ତ୍ୱେ ଖେଳିଲେ ବରୁଣ, ହସ୍ତକ୍ଷେପ କରିପାରେ ବିସିସିଆଇ

**ନୂଆଦିଲ୍ଲୀ**

ଆହତ ସତ୍ତ୍ୱେ ବରୁଣ ଚକ୍ରବର୍ତ୍ତୀ ଶନିବାର ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ପାଇଁ ସମ୍ପୂର୍ଣ୍ଣ ୪ ଓଭର ବୋଲିଂ କରିଥିଲେ। ଏହି ଘଟଣାକୁ ନେଇ ପୁଣି ଥରେ ଦେଶ ବନାମ କ୍ଲବ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବରୁଣ ମ୍ୟାଚ୍‌ରେ ଯନ୍ତ୍ରଣାରେ ଥିବା ଜଣାପଡୁଥିଲେ ମଧ୍ୟ ବୋଲିଂ କରିବା ଜାରି ରଖିଥିଲେ। ଏନେଇ ଟିମ ଇଣ୍ଡିଆ ମ୍ୟାନେଜମେଣ୍ଟ ଅସନ୍ତୋଷ ବ୍ୟକ୍ତ କରିପାରେ। କାରଣ ଆସନ୍ତା ମାସରେ ଭାରତୀୟ ଦଳକୁ ଡବ୍ଲିନ ଓ ଇଂଲଣ୍ଡରେ ୭ ଟି୨୦ ମ୍ୟାଚ୍ ଖେଳିବ।

ଘଟଣା ସମ୍ପର୍କରେ ବିସିସିଆଇର ଜଣେ ସିନିୟର ଅଧିକାରୀ କହିଛନ୍ତି, ଜଟଣା ଦମ୍ପର୍କରେ ଜଣାଅଛି। କେକେଆର ଫିଜିଓ ଟିମ୍ ଇଣ୍ଡିଆ ଫିଜିଓ କମଲେଶ ଜୈନଙ୍କ ସହ ଯୋଗାଯୋଗରେ ଅଛନ୍ତି।

ଗତ ମ୍ୟାଚ୍‌ରେ ଏକ ବାଉଣ୍ଡ୍ରି ବଞ୍ଚାଇବାକୁ ଉଦ୍ୟମ କଲା ବେଳେ ବରୁନଙ୍କ ବାମ ପାଦରେ ଆଘାତ ଲାଗିଥିଲା। ଏ ନେଇ କେକେଆର ପକ୍ଷରୁ ବିସିସିଆଇକୁ ଜଣାଇ ଦିଆଯାଇଥିଲା। ହେୟାରଲାଇନ ଫ୍ରାକଚର ହୋଇଥିବା ଜଣାପଡ଼ିଛି। ବରୁଣ ଜଣେ ବିସିସିଆଇର କେନ୍ଦ୍ରୀୟ ଚୁକ୍ତିପ୍ରାପ୍ତ ଖେଳାଳି। ଏଣୁ ତାଙ୍କ ଫିଟ୍‌ନେସ ବୋର୍ଡ ପାଇଁ ଗୁରୁତ୍ୱପୂର୍ଣ୍ଣ।



ଏନେଇ ବିସିସିଆଇ ମେଡିକାଲ ଦଳ ଏଥିରେ ହସ୍ତକ୍ଷେପ କରିପାରେ। ଜୈନ କେକେଆର ମେଡିକାଲ ଦଳକୁ ଉତ୍ତର ମାଗିପାରନ୍ତି।

ଇଞ୍ଜୁରୀ କାରଣରୁ ବରୁନଙ୍କୁ ଆରସିବି ବିପକ୍ଷ ମ୍ୟାଚ୍‌ରେ ବିଶ୍ରାମ ଦିଆଯାଇଥିଲା। କିନ୍ତୁ ତାଙ୍କୁ ଶନିବାର ଖେଳାଯାଇଥିଲା। ଅନ୍ୟପକ୍ଷେ କେକେଆରର ପ୍ଲେଅଫ୍ ଆଶା ଉଜ୍ଜୀବିତ ରହିଛି। ଜଣେ ଖେଳାଳି ଯନ୍ତ୍ରଣାରେ ଥାଇ ଖେଳିବାକୁ ନିଷ୍ପତ୍ତି ନେଇପାରନ୍ତି। କିନ୍ତୁ ଏହା ଉଚିତ କି। ବିସିସିଆଇ ଫ୍ରାଞ୍ଚାଇଜକୁ ଏଭଳି ନିଷ୍ପତ୍ତିକୁ ଅନୁମତି ଦେବ ନାହିଁ। ବିସିସିଆଇ ନିଶ୍ଚିତ ଭାବେ ବରୁଣଙ୍କୁ ପରବର୍ତ୍ତୀ ଦୁଇ ମ୍ୟାଚ୍‌ରୁ ବିଶ୍ରାମ ଦେବାକୁ କହିବ।

## ସୁପର ଚେସ୍ କ୍ଲାସିକ୍ ରୋମାନିଆ ୨୦୨୬

# ପ୍ରଜ୍ଞାନାନନ୍ଦା ବିଶ୍ୱ ଚାମ୍ପିଅନସିପ୍ ଚ୍ୟାଲେଞ୍ଜର ସିନ୍ଦାରୋଭଙ୍କୁ କଲେ ପରାସ୍ତ

**ବୁଖାରେଷ୍ଟ**

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନାନନ୍ଦ ଶୁକ୍ରବାର ଏକ ଚମତ୍କାର ପ୍ରଦର୍ଶନ କରି ଗ୍ରାଣ୍ଡ ଚେସ୍ ଟୁର୍ ସୁପର ଚେସ୍ କ୍ଲାସିକ୍ ରୋମାନିଆ ୨୦୨୬ର ଦ୍ୱିତୀୟ ରାଉଣ୍ଡରେ କଳା ଖଣ୍ଡ ସହିତ ବିଶ୍ୱ ଚାମ୍ପିଅନସିପ୍ ଚ୍ୟାଲେଞ୍ଜର ଜାଭୋଖିର ସିନ୍ଦାରୋଭଙ୍କୁ ପରାସ୍ତ କରିଛନ୍ତି।

ପ୍ରତିବର୍ଷ ଚାମ୍ପିଅନ ପ୍ରଜ୍ଞାନାନନ୍ଦ ପ୍ରଥମ ରାଉଣ୍ଡରେ ଫ୍ରାନ୍ସର ଆଲିରେଜା ଫିରୋଜାଙ୍କ ବିପକ୍ଷରେ ଏକ କଷ୍ଟକର ସ୍ଥିତିରୁ ଡ୍ର କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ବିଜୟ ସହିତ, ସେ ଦୁଇଟି ମ୍ୟାଚ୍‌ରୁ ୧.୫ ପଏଣ୍ଟ ସହିତ ପ୍ରାରମ୍ଭିକ ଅଗ୍ରଣୀ ଥିବା ଖେଳାଳିଙ୍କ ତାଲିକାରେ ସାମିଲ ହୋଇଛନ୍ତି। ଉଲ୍ଲେଖନୀୟ ଯେ, ପ୍ରଥମ ରାଉଣ୍ଡର ସମସ୍ତ ପାଞ୍ଚଟି ଖେଳ ଡ୍ର ଥିଲା।

ଏହି ବିଜୟ ମଧ୍ୟ ପ୍ରଜ୍ଞାନାନନ୍ଦାଙ୍କ ପାଇଁ ପ୍ରତିଶୋଧର ଏକ ପ୍ରକାର ଥିଲା, କାରଣ ସିନ୍ଦାରୋଭ ତାଙ୍କୁ ୨୦୨୬ ପ୍ରାର୍ଥୀ ଟୁର୍ଣ୍ଣାମେଣ୍ଟରେ ଉଭୟ ମ୍ୟାଚ୍‌ରେ ପରାସ୍ତ କରିଥିଲେ। ସେହି ମ୍ୟାଚ୍‌ଗୁଡ଼ିକରେ, ଉଜବେକିସ୍ତାନର ସିନ୍ଦାରୋଭ ଆକ୍ରମଣାତ୍ମକ ଭାବରେ ଖେଳିଥିଲେ।

ଯଦିଓ ସିନ୍ଦାରୋଭ ଏଥର ମଧ୍ୟ ତାଙ୍କର ନାଇଟ୍‌ଙ୍କୁ ବଳି ଦେଇଥିଲେ, ପ୍ରଜ୍ଞାନାନନ୍ଦ ଏକ ଶାନ୍ତ ଏବଂ ସଠିକ୍ ପ୍ରତିରକ୍ଷା ଖେଳିଥିଲେ, ଅତିରିକ୍ତ ପ୍ୟାନର ସୁଯୋଗ ନେଇ ମ୍ୟାଚ୍ ଜିତିଥିଲେ।

ସୁପର ଚେସ୍ କ୍ଲାସିକ୍ ରୋମାନିଆ ୨୦୨୬ ହେଉଛି ୧୦ ଜଣ ଖେଳାଳିଙ୍କ ମଧ୍ୟରେ ଖେଳାଯାଉଥିବା ଏକ କ୍ଲାସିକାଲ ରାଉଣ୍ଡ-ରବିନ୍ ଟୁର୍ଣ୍ଣାମେଂଟ ଏବଂ ଏହା ୨୦୨୬ ଗ୍ରାଣ୍ଡ ଚେସ୍ ଟୁର ଦ୍ୱିତୀୟ ଟୁର୍ଣ୍ଣାମେଣ୍ଟ।

# ମହିଳା ଟି୨୦ ବିଶ୍ୱକପ୍ ୨୦୨୬ ପାଇଁ ପାକିସ୍ତାନ ଦଳ ଘୋଷଣା, ଫେରିଲେ ଡାଏନା ବେଗ

**ନୂଆଦିଲ୍ଲୀ**

ପାକିସ୍ତାନ କ୍ରିକେଟ୍ ବୋର୍ଡ ୨୦୨୬ରେ ହେବାକୁ ଥିବା ମହିଳା ଟି୨୦ ବିଶ୍ୱକପ୍ ଏବଂ ଆୟର୍ଲାଣ୍ଡରେ ହେବାକୁ ଥିବା ଆଗାମୀ ତ୍ରିରାଷ୍ଟ୍ରୀୟ ଟି-୨୦ ସିରିଜ୍ ପାଇଁ ୧୫ ଜଣିଆ ଦଳ ଘୋଷଣା କରିଛି। ଆୟର୍ଲାଣ୍ଡ, ପାକିସ୍ତାନ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଏହି ତ୍ରିରାଷ୍ଟ୍ରୀୟ ସିରିଜ୍ ୨୮ ମଇରୁ ୪ ଜୁନ୍ ପର୍ଯ୍ୟନ୍ତ ଡବଲିନରେ ଖେଳାଯିବ ଏବଂ ଏହାକୁ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଭାବରେ ଦେଖାଯାଉଛି।

ଫାତିମା ସାନାଙ୍କୁ ପୁଣି ଥରେ ପାକିସ୍ତାନ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏହି ସମୟରେ, ଆଇମାନ ଫାତିମା, ନାତାଲିଆ ପର୍ଭେଜ୍, ରମିନ୍ ଶାମିମ୍, ସାଇରା ଜାବୀନ୍ ଏବଂ ତସମାୟା ରୁବାବ୍ ପ୍ରଥମ ଥର ପାଇଁ ମହିଳା ଟି୨୦ ବିଶ୍ୱକପ୍ ରେ ଅଂଶଗ୍ରହଣ କରିବେ।

ସାମ୍ପ୍ରତିକ ଜିମ୍ବାୱେ ବିପକ୍ଷ ଟି୨୦ ସିରିଜ୍ ପାଇଁ କେବଳ ଆମ୍ବର କୈନତଙ୍କୁ ଦଳରୁ ବାଦ ଦିଆଯାଇଛି, ଯେତେବେଳେ ଅଭିଜ୍ଞ ଦ୍ରୁତ ବୋଲର ଡାଏନା ବୈଗ୍ ଫେରିଛନ୍ତି। ଏହା ସହିତ, ଛଅ ଜଣ ଖେଳାଳିଙ୍କୁ ରିଜର୍ଭ ତାଲିକାରେ ସାମିଲ କରାଯାଇଛି।

ପାକିସ୍ତାନ ଦଳ: ଫାତିମା ସାନା (ଅଧିନାୟିକା), ଆଲିଆ ରିଆଜ, ଆୟେଶା ଜାଫର, ଡାଏନା ବେଗ, ଆଇମାନ ଫାତିମା, ଗୁଲ ଫିରୋଜା, ଇରାମ ଜାଭେଦ, ମୁନିବା ଅଲି (ୱିକେଟକିପର), ନାଶରା ସାନ୍ଧୁ, ନାତାଲିଆ ପର୍ଭେଜ, ରମୀନ ଶାମିମ, ସାଦିଆ ଇକବାଲ, ସାଇରା ଜାବୀନ, ତସମିଆ ରୁବାବ ଏବଂ ଟୁବା ହାସନ।

ରିଜର୍ଭ ଖେଳାଳି: ଅମ୍ବର କୈନତ, ମୋମିନା ରିଆସତ, ସଦାଫ ଶମାସ, ସିଦ୍ରା ଅମିନ, ସୈୟଦା ଆରୁବ ଶାହ ଏବଂ ଉମ୍-ଏ-ହାନି।

ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ରେ ପାକିସ୍ତାନର ମ୍ୟାଚ୍: ଜୁନ୍ ୧୪: ଭାରତ ବନାମ ପାକିସ୍ତାନ, ବର୍ମିଂହାମ; ଜୁନ୍ ୧୭: ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା, ବର୍ମିଂହାମ; ଜୁନ୍ ୨୦: ପାକିସ୍ତାନ ବନାମ ବାଂଲାଦେଶ, ସାଉଥାମ୍ପଟନ୍; ଜୁନ୍ ୨୩: ପାକିସ୍ତାନ ବନାମ ଅଷ୍ଟ୍ରେଲିଆ, ହେଡିଂଲି; ଜୁନ୍ ୨୭: ପାକିସ୍ତାନ ବନାମ ନେଦରଲ୍ୟାଣ୍ଡସ୍, ବ୍ରିଷ୍ଟଲ୍

ବିଶ୍ୱକପ୍ ପୂର୍ବରୁ ପାକିସ୍ତାନ ଦଳ ଦୁଇଟି ଅଭ୍ୟାସ ମ୍ୟାଚ୍ ମଧ୍ୟ ଖେଳିବ। ପ୍ରଥମ ମ୍ୟାଚ୍ ଜୁନ୍ ୬ରେ ଶ୍ରୀଲଙ୍କା ବିପକ୍ଷରେ ଏବଂ ଦ୍ୱିତୀୟ ମ୍ୟାଚ୍ ଜୁନ୍ ୯ରେ ଡର୍ବିରେ ସ୍କଟଲ୍ୟାଣ୍ଡ ବିପକ୍ଷରେ ହେବ। ଜୁନ୍ ୧୪ ତାରିଖରେ ବର୍ମିଂହାମର ଏଜବାଷ୍ଟନରେ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ବିପକ୍ଷରେ ପାକିସ୍ତାନ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ।

ଉଲ୍ଲେଖନୀୟ ଯେ ପାକିସ୍ତାନ ଦଳ ସମ୍ପ୍ରତି ଘରୋଇ ଜିମ୍ବାୱେ ବିପକ୍ଷରେ ଟି୨୦ ସିରିଜରେ କ୍ଲିନ୍ ସୁଇପ୍ କରିବାରେ ସଫଳ ହୋଇଛି।

## ନ୍ୟାୟ ପାଇଁ ଥାନାରେ ଦ୍ୱାରସ୍ଥ ନାବାଳିକା ଚେତାଶୂନ୍ୟ ଘଟଣା

# ପୀଡିତା ଓ ପରିବାରକୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

**ବାରିପଦା : ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାରେ ନ୍ୟାୟ ପାଇଁ ଜଣେ ନାବାଳିକା(୧୦ମ ଉତ୍ତୀର୍ଣ୍ଣ ଛାତ୍ରୀ) ମୋରଡା ଥାନାରେ ଥାନାଅଧିକାରୀଙ୍କ ଧମକ ସହ୍ୟ କରିନପାରି ଚେତାଶୂନ୍ୟ ଘଟଣାକୁ ବିଜେଡି ନିନ୍ଦା କରିବା ସହିତ ଗୁରୁତର ସହ ନେଇଛି। ଦଳର ସୁପ୍ରିମୋ ତଥା ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଏକ ପ୍ରତିନିଧି ଦଳ ପୀଡିତାଙ୍କୁ ନ୍ୟାୟ ଦେବା ଓ ଦାୟିତ୍ୱ ହୀନ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଓ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରଥମେ ପିଆରଏମ ମେଡିକାଲରେ ପହଞ୍ଚି ପୀଡିତା ନାବାଳିକା ଓ ତାଙ୍କ ପରିବାରକୁ ଭେଟି ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ମୋରଡା ଥାନା ଅଞ୍ଚଳର ଜନୈକ ଯୁବକ ଅଭିଯୋଗ କାରିଣୀ ନାବାଳିକା ଛାତ୍ରୀଙ୍କୁ କିଛିଦିନ ହେବ ରାସ୍ତା ଘାଟରେ ପ୍ରେମ ନିବେଦନ କରିବା ସହିତ ଅଭଦ୍ରୋଚିତ ଅସଦାଚରଣ କରୁଥିଲେ। ଏଥିରେ ଅତିଷ୍ଠ ହୋଇ ନ୍ୟାୟ ପାଇଁ ନାବାଳିକା ତାଙ୍କ ବାପା ଓ ମା'ଙ୍କ ସହିତ ମୋରଡା ଥାନାକୁ ଶନିବାର ସନ୍ଧ୍ୟାରେ ଯାଇ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଥାନାଅଧିକାରୀ ଅଭିଯୋଗ ନରଖି ସେମାନଙ୍କୁ ଏଆଡୁ ସିଆଡୁ କହି ଫେରାଇ ଦେଇଥିଲେ। ଫଳରେ ବାପା, ମା' ଓ ଝିଅ ବେତନଟୀ ଏସଡିପିଓଙ୍କୁ ମୋବାଇଲ ଫୋନ ଯୋଗେ ସମସ୍ତ ଘଟଣା ଜଣାଇଥିଲେ। ଏହାପରେ ଏସଡିପିଓ ପୁନର୍ବାର ଥାନାଧିକାରୀଙ୍କୁ ଭେଟି ଏତଲା ଦେବାକୁ କହିଥିଲେ। ପରନ୍ତୁ ଏପରି ଘଟଣାରେ ଥାନାଧିକାରୀ ପୂର୍ବା ଅପେକ୍ଷା ଅଧିକ ପ୍ରତିକ୍ରିୟା ଶୀଳ ହୋଇ ମହିଳା ଅଧିକାରୀ ଅନୁପସ୍ଥିତିରେ



ବୟାନ ସଂଗ୍ରହ ପାଇଁ ଡାକି ଅଭିଯୁକ୍ତଙ୍କ ସମ୍ମୁଖରେ ନାବାଳିକାଙ୍କୁ ଧମକ ଦେଇଥିଲେ। ନାବାଳିକାଙ୍କ ୭ବର୍ଷ କାରାଦଣ୍ଡ ହେବ ବୋଲି କୁଆଡେ କହିଥିଲେ। ଏହାପରେ ନାବାଳିକା କାନ୍ଦି କାନ୍ଦି ବାହାରକୁ ଆସି ବାପା ମା'ଙ୍କ ପାଖରେ ପହଞ୍ଚି ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ସଙ୍ଗେ ସଙ୍ଗେ ଥାନା ଗାଡିରେ ଜଣେ ପୁଲିସ ସବ ଇନିସପେକ୍ଟରଙ୍କ ଜରିଆରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା।

ଅଭିଯୁକ୍ତ ଯୁବକ ଜଣଙ୍କ ଶାସକ ଦଳର ଚିତ୍ରଡା କାର୍ଯ୍ୟାଳୟର କର୍ମଚାରୀ ହୋଇଥିବାରୁ ତାଙ୍କୁ ସୁରକ୍ଷା ଦେବାକୁ ଯାଇ ଥାନାଅଧିକାରୀ ମାମଲା ରୁଜୁ ପାଇଁ ଚାହୁଁ ନଥବା ନେଇ ଏତଲାରେ ଦର୍ଶାଯାଇଛି। ଥାନାଧିକାରୀ ସୁମିତ ସୋରେନଙ୍କ ଏଭଳି ଆଚରଣ ବିରୋଧରେ ପ୍ରଶ୍ନ ଉଠାଇଛନ୍ତି ପ୍ରତିନିଧି ଦଳ। ରାଜ୍ୟ ସରକାର ନାବାଳିକାଙ୍କ ସୁରକ୍ଷା ପାଇଁ ସମସ୍ତ ଥାନାରେ ନାବାଳିକାଙ୍କୁ ଡାକି 'ଜୁଭେଣ୍ଟିନା' ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରୁଥିବା ବେଳେ ଏକ ସମ୍ବେଦନଶୀଳ ଜଣେ ନାବାଳିକାଙ୍କ କ୍ଷେତ୍ରରେ ବିନା ମହିଳା ପୁଲିସ ଉପସ୍ଥିତିରେ ବୟାନ ସଂଗ୍ରହ ନାମରେ ହଇରାଣ ହରକତ ଏପରିକି ଧମକ ଦେବା ତଦନ୍ତ ସାପେକ୍ଷ ନ୍ୟାୟ ଆଶାରେ ୧୫ବର୍ଷର ଛାତ୍ରୀ ଥାନାକୁ ଆସିଥିବା ବେଳେ ୭ବର୍ଷ କାରାଦଣ୍ଡାଦେଶ ଧମକ ଦେବା ଫଳରେ ସେ ୪ଘଣ୍ଟା ସଜ୍ଞାହୀନ ଭାବେ ପ୍ରଥମେ ବାରମାଇଲ ଓ ପରେ ପିଆରଏମ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ପ୍ରତିନିଧି ଦଳ ପୀଡିତା ପରିବାରଙ୍କୁ ସଙ୍ଗରେ ନେଇ ଏସପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପି ଦିପକ କୁମାର ଗୋଚ୍ଛାୟତଙ୍କୁ ଭେଟି ମୋରଡା ଥାନା ଅଧିକାରୀଙ୍କୁ ଅପସାରଣ ଓ କାର୍ଯ୍ୟାନୁଷ୍ଠାନ ସହ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ପ୍ରତିନିଧି ଦଳରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦାଃ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଅମର ସେଠି, ଅରୁଣ ବରାଡ ଓ ସୁନୀଲ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ତେଲସଙ୍କଟ ପାଇଁ ବିଜେଡିର ସାଇକେଲ ରାଲି

ଧର୍ମଶାଳା, ନ୍ୟୁଜ ବ୍ୟୁରୋ

ଧର୍ମଶାଳା ବିଜେଡି ପକ୍ଷରୁ ତେଲ ସଙ୍କଟ ଓ ତେଲ, ଗ୍ୟାସର ଅତ୍ୟଧିକଦର ବୃଦ୍ଧି ପ୍ରତିବାଦରେ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତିପ୍ରସନ୍ନ କୁମାର ରାଉତଙ୍କ ନେତୃତ୍ୱରେ ବହୁ ବିଜେଡି କର୍ମୀ ଶାନ୍ତିବଜାର ଠାରୁ ବାହାରି ଜାରକାବଜାର ପରିକ୍ରମା କରିଥିଲେ ବିଜେଡି ଦଳୀୟ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ହାତରେ ଦଳୀୟ ପତାକାଧରି କେନ୍ଦ୍ର ସରକାରଙ୍କ ବିରିଦ୍ଧରେ କ୍ଷୋଭପ୍ରକାଶ କରିବିଭିନ୍ନ ନାରା ଦେଇଥିଲେ।

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରି ଯୁବକ ଗିରଫ

କେନ୍ଦ୍ରାପଡା : ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଇଚ୍ଛାପୁର ଦୁର୍ଗାମନ୍ଦିର ଗଳିରେ ରହୁଥିବା ଦୁର୍ଦ୍ଦାନ୍ତ ଅପରାଧୀ ଜଣେ ଯୁବକ ଚୋରା ମଦ, ଗଞ୍ଜେଇ ବ୍ୟବସାୟ କରୁଛି। ତା ନିକଟରେ ଭଡା ଘରେ ରହୁଥିବା ମମତା ଅରୁଣ ନାମକ ଜଣେ ମହିଳାଙ୍କୁ ପୂର୍ବ ଶତ୍ରୁତାକୁ ଆଧାର କରି ସଂପୃକ୍ତ ଯୁବକ ନିସ୍ତୁକ ମାଡ ମାରିବା ସହିତ ତାଙ୍କର ଦାନ୍ତ ଭାଙ୍ଗି ଦେଇଥିଲେ। ଚାରିମାସ ହେଲା ଏ ବିଷୟରେ ଟାଉନ୍‌ଥାନାରେ ଅଭିଯୋଗ ହୋଇଥିଲା। ଟାଉନ୍‌ଥାନା ଅଧିକାରୀ ଏକ ମାମଲା ରୁଜୁକରି ଆସାମୀ ନିର୍ଭୟରେ ଥାନା ଆଗରେ ବାହାରେ ବୁଲୁଥିବା ସମୟରେ ପୋଲିସ୍ ଏହାକୁ ଗିରଫ କରୁନଥିଲେ। ଥାନାର ଦୁଇଜଣ ପୋଲିସ୍ ଅଧିକାରୀଙ୍କ ସହିତ ସଲାସୁତୁରା କରି ଅଭିଯୋଗକାରୀ ପୁନର୍ବାର ମହିଳାଙ୍କୁ ମାଡ ମାରିବା ପାଇଁ ଧମକ ଦେଉଥିଲା। ଅଭିଯୋଗକାରୀ ଜଣକ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଅଭିଯୋଗ କଲାପରେ ତାଙ୍କ ନିର୍ଦ୍ଦେଶରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ବିଶ୍ୱଭୂଷଣ ସାହାଣୀ ଅଭିଯୁକ୍ତ ଘରେ ଶୋଇଥିବାର ଖବର ପାଇ ରାତିରେ ଚଢାଉ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

# କୁଖ୍ୟାତ ଗୋରୁ ବେପାରୀ ଗିରଫ

ରାଇଘର : ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ରାଇଘର ଅଞ୍ଚଳରେ ଦୀର୍ଘଦିନ ଧରି ସକ୍ରିୟ ଥିବା ଜଣେ କୁଖ୍ୟାତ ଗୋରୁ ବେପାରୀ କୁ ପୋଲିସ ଗିରଫ କରିଥିବା ସୂଚନା ।ମିଳିଛି । ଅଭିଯୁକ୍ତଙ୍କ ନାମରେ କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଥାନାରେ ମୋଟ ୬ଟି ମାମଲା ରହିଥିବା ଜଣାପଡିଛି। ଗିରଫ ପରେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ, ପୋଲିସ ଏହି ଘଟଣାକୁ ଗୁରୁତ୍ୱ ସହ ନେଇ ତଦନ୍ତ ଜାରି ରଖିଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଦୀର୍ଘ ସମୟ ଧରି ଗୋରୁ ଚାଲାଣ ଚକ୍ର ସହ ଜଡିତ ଥିଲେ । ଗତ ଏକ ସପ୍ତାହ ମଧ୍ୟରେ ପ୍ରାୟ ୧୫୦ଟି ଗୋରୁ ଚାଲାଣ ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ଉଠିଥିଲା । ଏହାକୁ ନେଇ ପୋଲିସ ଗୁପ୍ତଚର ଭାବେ ତଦନ୍ତ ଚାଲାଇଥିବା ବେଳେ, ଶେଷରେ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି । ତଦନ୍ତରୁ ଜଣାପଡିଛି ଯେ, ଗୋରୁଗୁଡିକୁ ରାତିର ଅନ୍ଧାରରେ ବିଭିନ୍ନ ରୁଟ୍ ଦ୍ୱାରା ଅନ୍ୟ ଜିଲ୍ଲା ଓ ରାଜ୍ୟକୁ ଚାଲାଣ କରାଯାଉଥିଲା। ଏହି ଚକ୍ରରେ ଆଉ କିଛି ବ୍ୟକ୍ତି ଜଡିତ ଥିବା ସନ୍ଦେହ କରାଯାଉଥିବାରୁ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଛି। ଶୀଘ୍ର ଏହି ରାକେଟରେ ଜଡିତ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସ୍ଥାନୀୟ ଲୋକମାନେ ଦୀର୍ଘଦିନ ଧରି ଏହି ଅବୈଧ ଗୋ ଚାଲାଣକୁ ନେଇ ଅସନ୍ତୋଷ ପ୍ରକାଶ କରୁଥିଲେ ।

ଗିରଫ ପରେ ସେମାନେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଥିବା ବେଳେ,ଏଭଳି ଅବୈଧ କାରବାର ଉପରେ କଡା ନଜର ରଖିବାକୁ ଦାବି କରିଛନ୍ତି ।

# ତେଲନଦୀରେ କୁମ୍ଭୀର : ଲୋକେ ସତର୍କ ରହିବାକୁ ବନ ବିଭାଗର ସୂଚନା

ସୁବର୍ଣ୍ଣପୁର : ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲା ବୈଦ୍ୟନାଥ ସେତୁ ତଳେ ଏକ ଘଡ଼ିଆଳ କୁମ୍ଭୀରକୁ ଦେଖି ଅଞ୍ଚଳବାସୀ ଆତଙ୍କିତ ହୋଇଥିବା ଖବର ମିଳିଥିଲା । ଏବେ ପ୍ରବଳ ଖରାରୁ ରକ୍ଷା ପାଇବା ପାଇଁ ଲୋକେ ତେଲ ନଦୀକୁ ଗାଧୋଇବାକୁ ଯାଉଥିବା ବେଳେ କୁମ୍ଭୀରର ଉପସ୍ଥିତି ଲୋକଙ୍କୁ ଭୟଭୀତ କରିଛି । ଏହି କୁମ୍ଭୀରଟି ଟିକର ପଡାରୁ ଆସି ତେଲ ନଦୀରେ ଅଧିକ ପାଣି ଥିବାରୁ ତେଲ ନଦୀର ଉପର ମୁଣ୍ଡ ଅଞ୍ଚଳକୁ ଆସିଥିବା ଓ ଟିକର ପଡା ଓଏଲଏଫ ସିଟିଏସ୍ କୋକୋଡ଼ାଏଲ ଟ୍ରାକିଙ୍ଗ ଷ୍ଟାଫ୍‌ଙ୍କ ଟ୍ରାକିଙ୍ଗ ପରେ ଏହା ଟିକର ପଡାର ୩୨୦ ନମ୍ବର ଘଡିଆଳ କୁମ୍ଭୀର ବୋଲି ସୋନପୁର ଫରେଷ୍ଟର ଭକ୍ତ ବନ୍ଧୁ ମିଶ୍ର ମିଡିଆଙ୍କୁ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ଏ ପ୍ରଜାତିର କୁମ୍ଭୀରର କେବଳ ମାଛ ହିଁ ମୁଖ୍ୟ ଖାଦ୍ୟ, ମଣିଷକୁ କେବେ ଖାଇବା କିମ୍ବା ଆକ୍ରମଣ କରିବାର ଆମ ବିଭାଗରେ ରେକର୍ଡ ନାହିଁ । ତେଣୁ ଲୋକେ ସତର୍କ ରୁହନ୍ତୁ କିନ୍ତୁ ଆଦୌ ଭୟଭୀତ ନ ହେବାକୁ ମଧ୍ୟ ଫରେଷ୍ଟର ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ସୋନପୁର ଓ କଣ୍ଡାମାଳ ବନ ବିଭାଗ ଏ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଏ କୁମ୍ଭୀରକୁ ତେଲ ନଦୀର ତଳ ମୁଣ୍ଡକୁ ଘଉଡାଇବାକୁ ଚେଷ୍ଟା ଚାଲିଥିବା ସୂଚନା ମିଳିଛି । ବନ ବିଭାଗ ସହ ସୋନପୁର ଅଗ୍ନିଶମ ବାହୀନି ଓ ଟିକର ପଡା ସିଟିଏସ୍ ଟିମ୍ କୁମ୍ଭୀର ଗତି ବିଧି ଉପରେ ଲକ୍ଷ୍ୟ ରଖି ତାକୁ ଠାବ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ଓ ତେଲ ନଦୀ କୂଳ ଅଞ୍ଚଳର ଗାଁ ଗାଁ ବୁଲି ମାଇକ୍‌ରେ ଘୋଷୋଣା କରି ଲୋକଙ୍କୁ ସତର୍କ କରିଥିବା ବିଷୟରେ ସୂଚନା ମିଳିଛି ।





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜଳ ପରିଚାଳନା...

ମ୍ୟାନୁଫ୍ୟାକଚରିଂ ଏବେ ବେଶ୍ ବ୍ୟୟସାପେକ୍ଷ ଓ ଲାଭଦାୟକ ସାବ୍ୟସ୍ତ ହେଉଛି। ତେବେ ପ୍ରଧାନମନ୍ତ୍ରୀଙ୍କ ଏହି ବହୁଦେଶୀୟ ଗସ୍ତ କେବଳ ବାଣିଜ୍ୟ ଓ ନିବେଶ କ୍ଷେତ୍ରରେ ନୁହେଁ ବରଂ ପ୍ରଯୁକ୍ତିବିଦ୍ୟା ଓ ସବୁଜ ଶକ୍ତି କ୍ଷେତ୍ରରେ ମଧ ଭାରତ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିବ ।

## ଓଡ଼ିଶାରେ ଅପରାଧୀଙ୍କ...

କାର୍ଯ୍ୟକଳାପକୁ ରୋକିବାରେ ସହାୟକ ହେବ।

ୱାଇ ବି ଖୁରାନିଆ କହିଛନ୍ତି, "ଓଡ଼ିଶା ପୋଲିସ ଫେରାର ଅପରାଧୀମାନଙ୍କୁ ଧରିବା ଏବଂ ସେମାନଙ୍କ ବିରୋଧରେ ଲମ୍ବିତ ୱାରେଣ୍ଟ କାର୍ଯ୍ୟକରୀ କରିବା ପାଇଁ ବ୍ୟାପକ ଅଭିଯାନ ଆରମ୍ଭ କରିଛି। ମାଦକ ଦ୍ରବ୍ୟ ଓ ବେଆଇନ ଅସ୍ତ୍ର ବ୍ୟବସାୟରେ ଜଡ଼ିତ ଅପରାଧୀମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଚାଲିଛି। ଏହି ଅଭିଯାନ ଆଗାମୀ ୧୦ ଦିନ ପର୍ଯ୍ୟନ୍ତ ଜାରି ରହିବ।"

ସେ ଆହୁରି କହିଛନ୍ତି ଯେ, ରାଜ୍ୟ ସରକାର ଆଇନ-ଶୃଙ୍ଖଳାକୁ ସୁଦୃଢ କରିବା ପାଇଁ ପ୍ରତିବଦ୍ଧ ଏବଂ ସମସ୍ତ ଜିଲ୍ଲାର ପୋଲିସ ଅଧୀକ୍ଷକମାନଙ୍କୁ ତଳସ୍ତରରେ ସକ୍ରିୟ ହୋଇ ପୋଲିସକୁ ଶକ୍ତିଶାଳୀ କରିବା ସହ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଦ୍ୱାଦଶ ଶ୍ରେଣୀ...

ସିବିଏସ୍ଇ ୨୦୧୪ରେ ପ୍ରଥମ ଥର ଓଏସ୍ଏମ୍ ସିଷ୍ଟମ୍ ଆରମ୍ଭ କରିଥିଲା। କିନ୍ତୁ ସେତେବେଳେ ଟେକ୍ନୋଲଜି ଏତେ ବିକଶିତ ହୋଇନଥିଲା। ଏବେ ଏହାକୁ ପୁନଃବ୍ୟବହାର କରାଯାଇଛି। ତେବେ ମୂଲ୍ୟାୟନ ପ୍ରକ୍ରିୟାବେଳେ ତ୍ରୁଟି ଦେଖିବାକୁ ମିଳିଥିଲା ଓ ପାଖାପାଖି ୧୩,୦୦୦ ଉତ୍ତର ଖାତା ଅଫଲାଇନରେ ମାର୍କିଂ ହୋଇଥିଲା।

ଶିକ୍ଷା ସଚିବ ସଞ୍ଜୟ କୁମାର କହିଥିଲେ, ଏଥର ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ୯୮.୬ ଲକ୍ଷ ଉତ୍ତର ଖାତା ସ୍କାନ କରାଯାଇଥିଲା ଓ ପିଡିଏଫ୍ କପି ତିଆରି କରାଯାଇଥିଲା। ସ୍କାନିଂ ସମୟରେ ତିନି ସ୍ତରର ସୁରକ୍ଷା କାର୍ଯ୍ୟକାରୀ କରାଯାଇଥିଲା। ତେବେ ସଂଶୋଧନ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସିବିଏସ୍ଇ ଏକ ବହୁ-ସ୍ତରୀୟ ସମୀକ୍ଷା ବ୍ୟବସ୍ଥା ଘୋଷଣା କରିଛି। ମେ ୧୯ ରୁ ମେ ୨୨ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଯାଞ୍ଚ କିମ୍ବା ପୁନଃମୂଲ୍ୟାୟନ ଅନୁରୋଧ କରିବା ପୂର୍ବରୁ ମୂଲ୍ୟାଙ୍କିତ ମାର୍କସିଟର ସ୍କାନ କପି ପାଇଁ ଆବେଦନ କରିପାରିବେ। କପି ପ୍ରତି ୧୦୦ ଟଙ୍କା ଫି ଓ ପ୍ରତି ପ୍ରଶ୍ନ ପାଇଁ ୨୫ ଟଙ୍କା ଫି ବ୍ୟବସ୍ଥା କରାଯାଇଛି। ସମୀକ୍ଷା ପରେ ମାର୍କ ବୃଦ୍ଧି ହେଲେ ଛାତ୍ରଛାତ୍ରୀଙ୍କ ଫି ଫେରସ୍ତ କରାଯିବ ବୋଲି ସଞ୍ଜୟ କୁମାର କହିଛନ୍ତି।

## ୨୦ ହଜାର ଟନ୍ ...

ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି ଯେ,ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ସହ ଆଞ୍ଚଳିକ ସ୍ଥିତି ସମ୍ପର୍କରେ ସକାରାତ୍ମକ ଆଲୋଚନା ହୋଇଛି। ଇରାନ ସର୍ବଦା ହର୍ମୁଜ ସୁରକ୍ଷା ପାଇଁ ନିଜର ଐତିହାସିକ ଦାୟିତ୍ୱ ତୁଲାଇବ।ଇରାନ ସମସ୍ତ ବନ୍ଧୁ ଦେଶ ପାଇଁ ଏକ ବିଶ୍ୱସନୀୟ ଅଂଶୀଦାର ଏବଂ ବ୍ୟାପାରିକ କାର୍ଯ୍ୟକଳାପର ସୁରକ୍ଷା ନିଶ୍ଚିତ କରିବ।

ସୂଚନାଯୋଗ୍ୟ,ମେ ୧୩ ତାରିଖରେ ଭାରତ ଆସୁଥିବା ଏଲପିଜି ଟ୍ୟାଙ୍କର ଏମଭି ସନସାଇନ୍ ମଧ ହର୍ମୁଜ୍ ପାର୍ କରିଥିଲା। ଜାହାଜକୁ ସୁରକ୍ଷିତ ଭାବେ ଭାରତରେ ପହଞ୍ଚାଇବା ପାଇଁ ଭାରତୀୟ ନୌସେନା ସମେତ ଅନେକ ଏଜେନ୍ସି କାର୍ଯ୍ୟ କରୁଛନ୍ତି।

## ମଧ୍ୟସ୍ଥତା ଅଦାଲତର...

ପ୍ରତିଷ୍ଠାକୁ ସ୍ୱୀକୃତି ଦେଇନାହିଁ ଏବଂ ଏହାଦ୍ୱାରା ଜାରି କରାଯାଇଥିବା ଯେକୌଣସି ପ୍ରକ୍ରିୟା, ଘୋଷଣା କିମ୍ବା ନିଷ୍ପତ୍ତି ଅବୈଧ। ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ପାଇଁ ଭାରତର ନିଷ୍ପତ୍ତି ବଳବତ୍ତର ରହିଛି। ଗତବର୍ଷ ଜୁନ୍ ମାସରେ ଏକ ବିବୃତିରେ ଭାରତ କହିଥିଲା ଯେ, ଏହି ତଥାକଥିତ ମଧ୍ୟସ୍ଥତା ଅଦାଲତର ଅସ୍ତିତ୍ୱକୁ ସେ କେବେବି ସ୍ୱୀକୃତି ଦେଇନାହିଁ ଏବଂ ଏହି ତଥାକଥିତ ମଧ୍ୟସ୍ଥତା ସଂସ୍ଥାର ସନ୍ଧିଧାନ ନିଜେ ସିନ୍ଧୁ ଜଳ ଚୁକ୍ତିର ଗୁରୁତର ଉଲ୍ଲଂଘନ।

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ଏକ ସାର୍ବଭୌମ ରାଷ୍ଟ୍ର ଭାବରେ ନିଜର ଅଧିକାର ବ୍ୟବହାର କରି ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ଯେପର୍ଯ୍ୟନ୍ତ ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମର୍ଥନ ବନ୍ଦ କରିନାହିଁ, ସେ ପର୍ଯ୍ୟନ୍ତ ଚୁକ୍ତି ସ୍ଥଗିତ ରହିବ। ସେ ପର୍ଯ୍ୟନ୍ତ ଭାରତ ଚୁକ୍ତିନାମା ଅନୁଯାୟୀ ଏହାର କୌଣସି ଦାୟିତ୍ୱ ପାଳନ କରିବାକୁ ବାଧ୍ୟ ନୁହେଁ। ସାର୍ବଭୌମ ଭାବରେ ନିଜର ଅଧିକାର ପ୍ରୟୋଗ କରିବାରେ ଭାରତର କାର୍ଯ୍ୟର ବୈଧତା ଯାଞ୍ଚ କରିବାର ଅଧିକାର କୌଣସି ଅଦାଲତର ନାହିଁ, ବେଆଇନ ଭାବରେ ଗଠିତ ଏହି ମଧ୍ୟସ୍ଥତା ସଂସ୍ଥାର କୌଣସି ଅସ୍ତିତ୍ୱ ନାହିଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି।

## ୟୁଏଇର ପରମାଣୁ ...

କୁହାଯାଇଛି ଡ୍ରୋନ୍ ମାଡ଼ ଯୋଗୁଁ ଭିତର ସୀମା ବାହାରେ ଥିବା ଜେନେରେଟରରେ ଲାଗିଥିବା ନିଆଁକୁ ପ୍ରଶାସନ ତୁରନ୍ତ ନିୟନ୍ତ୍ରଣ କରିଛି । ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ।ଦକ୍ଷିଣ କୋରିଆର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବାରାକା ହେଉଛି ଆରବ ଜଗତର ପ୍ରଥମ ବାଣିଜ୍ୟିକ ଆଣବିକ ଶକ୍ତି କେନ୍ଦ୍ର । ଏହା ସମଗ୍ର ୟୁଏଇର ପ୍ରାୟ ୨୫% ବିଦ୍ୟୁତ ଆବଶ୍ୟକତା ପୂରଣ କରିଥାଏ । ଇରାନ ସଂଘର୍ଷ ସହ ଜଡ଼ିତ ଦୁର୍ବଳ ଅସ୍ତ୍ରବିରତି ଏବଂ ଚାଲିଥିବା ଆଞ୍ଚଳିକ ତିକ୍ତତା ମଧ୍ୟରେ ବାରାକା ପ୍ଲାଣ୍ଟକୁ ସିଧାସଳଖ ଟାର୍ଗେଟ କରାଯିବା ଏହା ପ୍ରଥମ ଘଟଣା।

ତେବେ ଏହି ଡ୍ରୋନ୍ ଆକ୍ରମଣ ପଛରେ କେଉଁ ସଂଗଠନର ହାତ ଅଛି, ସେ ନେଇ ଏପର୍ଯ୍ୟନ୍ତ କେହି ଦାବି କରିନାହାନ୍ତି । ଆବୁଧାବି ସହର ଠାରୁ ପ୍ରାୟ ୨୫୦ କିଲୋମିଟର ପଶ୍ଚିମରେ ମରୁଭୂମି ଅଞ୍ଚଳରେ ଏହି ପ୍ଲାଣ୍ଟ ଅବସ୍ଥିତ । ପ୍ଲାଣ୍ଟ ଅପରେଟର 'ଏମିରେଟ୍ସ ନ୍ୟୁକ୍ଲିୟର ଏନର୍ଜି କର୍ପୋରେସନ' ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ପ୍ଲାଣ୍ଟ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି । କୌଣସି ପ୍ରକାରର କାଳ୍ପନିକ ଗୁଜବ ଉପରେ ବିଶ୍ୱାସ ନକରି କେବଳ ସରକାରୀ ଓ ପ୍ରମାଣିତ ସୂତ୍ର ଉପରେ ଭରସା ରଖିବାକୁ ଅଧିକାରୀମାନେ ଅନୁରୋଧ କରିଛନ୍ତି ।

## ୫ ବର୍ଷ ଭିତରେ...

ଉଦ୍ଦେଶ୍ୟକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଟ୍ରମ୍ପଙ୍କ ଜଣେ ପରାମର୍ଶଦାତା 'ଆକ୍ସିଓସ୍'କୁ କହିଛନ୍ତି ଯେ, ଜିନପିଙ୍ଗ୍ ବିଶ୍ୱ ମଞ୍ଚରେ ଚୀନକୁ ପୁନଃସ୍ଥାନିତ କରୁଥିବା ପରି ମନେ ହେଉଛି। ସମ୍ମିଳନୀ ବେଳେ ଜିନପିଙ୍ଗ୍ ଆମେରିକାକୁ କହିଥିଲେ ଯେ, ଆମେ ଏକ ଉଦୀୟମାନ ଶକ୍ତି ନୁହେଁ, ଆମେ ତୁମ ସହିତ ସମାନ ଓ ତାଇୱାନ ମୋର। ଏହି ଗସ୍ତ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ତାଇୱାନ ପ୍ରସଙ୍ଗ ଆଲୋଚନା ଟେବୁଲରେ ରହିବାର ସମ୍ଭାବନାକୁ ଯଥେଷ୍ଟ ବୃଦ୍ଧି କରୁଛି ବୋଲି ସେ କହିଛନ୍ତି। ଚୀନ୍ ରାଷ୍ଟ୍ରପତିଙ୍କ ମନ୍ତବ୍ୟ ଟ୍ରମ୍ପଙ୍କ ଆଭ୍ୟନ୍ତରୀଣ ଗୋଷ୍ଠୀ ଓ ତାଇୱାନରେ ଚିନ୍ତା ବୃଦ୍ଧି କରିଛି।

## ରାଜଧାନୀରେ ୪୫...

ତାପମାତ୍ରା ପ୍ରାୟ ୨ ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇପାରେ। ରବିବାର ଦିନ ସହରରେ ଆଂଶିକ ମେଘୁଆ ରହିଥିଲା। ଉତ୍ତର-ପୂର୍ବ ଏବଂ ଦକ୍ଷିଣ ରାଜ୍ୟଗୁଡ଼ିକରେ ଝଡ଼ବର୍ଷା ସହ ଉତ୍ତର ଭାରତରେ ପ୍ରବଳ ଗରମ ଜାରି ରହିବ।

ଆସାମ, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରାରେ ବିଜୁଳି ଓ ଝଡ଼ ପବନ ସହିତ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି।ଆଗାମୀ କିଛି ଦିନ ମଧ୍ୟରେ କେରଳ, ତାମିଲନାଡୁ ଏବଂ ଆନ୍ଧ୍ର ପ୍ରଦେଶର କିଛି ସ୍ଥାନରେ ମଧ ବର୍ଷା ହୋଇପାରେ। ଉତ୍ତରାଖଣ୍ଡ, ଜମ୍ମୁ ଏବଂ କାଶ୍ମୀର, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ମଧ ପୃଥକ ବର୍ଷା ହେବାର ସମ୍ଭାବନା ଅଛି।ତାପମାତ୍ରା ବୃଦ୍ଧି ପାଇବା ସହିତ ସ୍ୱାସ୍ଥ୍ୟ ବିପଦ ବୃଦ୍ଧି ପାଉଛି।

# ଅଚ୍ୟୁତ୍ ସାମନ୍ତଙ୍କ ବିଚାରଧାରାକୁ ଆଧାର କରି ବ୍ରହ୍ମପୁରରେ ପାଳନ ହେଲା ଆର୍ଟ ଅଫ ଗିଭିଂ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଦେବାର କଳା ଜାଣିଥିଲେ ଦେବାରେ ଆନନ୍ଦ ମିଳିଥାଏ । ଏହାକୁ ସାକାର କରିବା ପାଇଁ ଏବଂ ଦେଶ ବିଦେଶରେ ପ୍ରତିଟି ଲୋକଙ୍କ ନିକଟରେ ଏହି ବାର୍ତ୍ତା କୁ ପହଞ୍ଚାଇବା ପାଇଁ ୨୦୧୩ ମସିହାରୁ ଏହି ଦିବସ ପାଳନ ହୋଇ ଆସୁଛି । ସମାଜସେବୀ ତଥା ଶିକ୍ଷାବିତ୍ ଡ. ଅଚ୍ୟୁତ୍ ସାମନ୍ତ ଏହି ମହାନ୍ ବିଚାରଧାରାକୁ ଆଧାର କରି ୨୦୧୩ ମସିହା ମେ ୧୭ ତାରିଖରେ ଆରମ୍ଭ କରିଥିଲେ ଏହି ଆର୍ଟ ଅଫ ଗିଭିଂ ର ଚିନ୍ତାଧାରା । ଆଉ ସେବେ ଠାରୁ ପ୍ରତିବର୍ଷ ଏହି ଦିବସ ସମଗ୍ର ଓଡ଼ିଶା ଏବଂ ଭାରତର ଅନେକ ସହର ସମେତ ଭାରତ ବାହାରେ ବହୁ ଦେଶରେ ଆନନ୍ଦ ଉଲ୍ଲାସର ସହ ଏହା ପାଳନ ହୋଇ ଆସୁଛି । ଈଶ୍ୱର ଆମକୁ ଯାହା ଦେଇଛନ୍ତି ସେସବୁ କେବଳ ନିଜ ପାଖରେ ନରଖି ସମାଜର ସବୁ ବର୍ଗର ସବୁ ଶ୍ରେଣୀର ଲୋକଙ୍କ ନିକଟରେ ପହଞ୍ଚାଇବାର କଳା ହେଉଛି ଆର୍ଟ ଅଫ ଗିଭିଂ । ଏହି କ୍ରମରେ ବ୍ରହ୍ମପୁର ସରକାରୀ ଶିଳ୍ପ ତାଲିମ୍ କେନ୍ଦ୍ରର ପ୍ରେକ୍ଷାଳୟରେ ଆର୍ଟ ଅଫ ଗିଭିଂ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । କଳିଙ୍ଗ ଟିଭିର ଦକ୍ଷିଣ ଓଡ଼ିଶା ମୁଖ୍ୟ ପ୍ରକାଶ ପଟ୍ଟନାୟକ ଓ କିସ୍ ର ଡ. ସିମାଞ୍ଚଳ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ଖଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମନ୍ମଥ ପାଢ଼ୀ, ଗଛର ମଣିଷ ସୁବାସ ମହାରଣା, ସଂସ୍କୃତି ପ୍ରେମୀ ଜାମିନିକାନ୍ତ ଦାଶ, ସମାଜସେବୀ ତଥା ବିଜେପି ନେତା କାହ୍ନୁଚରଣ ପତି ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ । ଅତିଥି ମାନେ ଡ.



ଅଚ୍ୟୁତ ସାମନ୍ତଙ୍କ ର ସମାଜ ପାଇଁ ଏପରି ମାର୍ଗଦର୍ଶନକୁ ଭୂୟଂସୀ ପ୍ରଶଂସା କରିବା ସହ ଆର୍ଟ ଅଫ ଗିଭିଂ ର ଏହି ବିଚାର ଧାରା କୁ ଆହୁରି ଅଧିକରୁ ଅଧିକ ଲୋକଙ୍କ ନିକଟକୁ ପହଞ୍ଚାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି କ୍ରମରେ ସମାଜସେବୀ ଦେବାଶିଷ ମିଶ୍ର, ଏସ୍ . ଅଜିତ ପାତ୍ର, ଉଷା ରାଣୀ ମହାପାତ୍ର, କାହ୍ନୁଚରଣ ବେହେରା ପ୍ରମୁଖଙ୍କୁ ସମାଜସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କୁନି କୁନି କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥଲା ଓ ସମସ୍ତଙ୍କୁ ଉପହାର ପେକେଟ୍ ପ୍ରଦାନ କରାଯାଇଥିଲା । ଶେଷରେ କିସ ର ଛାୟା କାନ୍ତ ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଶୋକ କୁମାର ମିଶ୍ର, ଶ୍ରୀକାନ୍ତ କୁମାର ମିଶ୍ର, ଭଗବାନ ମଲ୍ଲିକ, ଶିବ ପ୍ରସାଦ ପାଢ଼ୀ, ଦିଲ୍ଲୀପ କୁମାର ଆଚାର୍ଯ୍ୟ, ବିଜୟ ପାତ୍ର, ସୁଶାନ୍ତ ପଟନାୟକ, ମାନସ, ଟୁଟୁ, ରବିନ୍ଦ୍ର , ସଞ୍ଜିତ ପ୍ରମୁଖ ସହଯୋଗ କରିଥିଲେ ।

# ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ଆଗମନ ପୂର୍ବରୁ ସୋସିଆଲ ମିଡିଆରେ ସ୍ୱାଗତ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ପ୍ରଥମ ଓଡିଶା ଗସ୍ତରେ ଆଗମନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସୋସିଆଲ ମିଡିଆ ଜରିଆରେ ସ୍ୱାଗତ ଜଣାଇଛନ୍ତି ।

ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ଲେଖିଛନ୍ତି. ଯେ, ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଙ୍କୁ ଓଡ଼ିଶା ମାଟିକୁ ହାର୍ଦ୍ଦିକ ସ୍ୱାଗତ ଓ ଅଭିନନ୍ଦନ। ରାଷ୍ଟ୍ରୀୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଓଡ଼ିଶାକୁ ଏହା ଆପଣଙ୍କର ପ୍ରଥମ ଗସ୍ତ। ଆପଣଙ୍କର ଏହି ପ୍ରେରଣାଦାୟୀ ଉପସ୍ଥିତି ଏବଂ ମାର୍ଗଦର୍ଶନ ଓଡ଼ିଶାରେ ସଂଗଠନକୁ ଆହୁରି ମଜବୁତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନର ସଂକଳ୍ପକୁ ନୂତନ ଶକ୍ତି ପ୍ରଦାନ କରିବ।

ଉଲ୍ଲେଖନୀୟ ଯେ ରାଷ୍ଟ୍ରୀୟ ସଭାପତି ଭାବେ ଦାୟୀତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ପାଇଁ ଆଜି ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ଶ୍ରୀ ନୀତିନ ନବୀନ। ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ସାଧାରଣ ଯାତ୍ରୀବାହୀ ବିମାନରେ ରବିବାର ସଂଧ୍ୟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ । ସାଂପ୍ରତିକ ବୈଶ୍ୱିକ ତୈଳସଂକଟ ଦୃଷ୍ଟିକୋଣରୁ ଏବଂ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ନିରାଡମ୍ବର ଭାବେ ରାଷ୍ଟ୍ରୀୟ ସଭାପତିଙ୍କୁ ସ୍ୱାଗତ କରାଯିବ ।

ଦଳୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୧୮ ତାରିଖ (ସୋମବାର) ଦିନ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ 'ରାଜ୍ୟ କୋର୍ କମିଟି' ବୈଠକରେ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ଯୋଗଦେବେ । ଏହା



ପରେ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ଖୋର୍ଦ୍ଧା ଜିଲ୍ଲା ଜଟଣୀସ୍ଥିତ ଆଇଆଇଟି ନିକଟସ୍ଥ ଏସିଆନ ଇନଷ୍ଟିଚ୍ୟୁଟ ଅଫ ଫିଜିକାଲ ହେଲ୍ଥ (ଏଆଇପିଏଚ୍) ବିଶ୍ୱବିଦ୍ୟାଳୟ ପରିସରରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ତରଫରୁ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପଣ୍ଡିତ ଦୀନଦୟାଲ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ଶିବିରର ଉଦ୍‌ଘାଟନ କରିବେ । ଏହା ପରେ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ମହାପ୍ରସାଦ ସେବନ କରିବେ ବୋଲି ଶ୍ରୀ ରାୟ ସୂଚନା ଦେଇଛନ୍ତି।

ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ଅପରାହ୍ନରେ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ରାଜ୍ୟ ପଦାଧିକାରୀ, ମୋର୍ଚ୍ଚା ସଭାପତି ବୈଠକ ଏବଂ ମନ୍ତ୍ରୀପରିଷଦ ବୈଠକରେ ଯୋଗ ଦେଇ ସମସ୍ତଙ୍କ ସହ ଭେଟଘାଟ କରି ଚର୍ଚ୍ଚା ଓ ଆଲୋଚନା କରିବେ । ସୋମବାର ସଂଧ୍ୟାରେ ରାଷ୍ଟ୍ରୀୟ ସଭାପତି ଶ୍ରୀ ନୀତିନ ନବୀନ ଭୁବନେଶ୍ୱର ବିମାନ ବନ୍ଦରରୁ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

# ଫିଟ୍ ଇଣ୍ଡିଆରୁ ଫିଟ୍ ଓଡ଼ିଶା': ସୁସ୍ଥ ଜୀବନଶୈଳୀ ପାଇଁ କ୍ରୀଡ଼ା ବିଭାଗର ଅଭିନବ ପ୍ରୟାସ 'ସାଇକେଲ ଅନ୍ ସନଡେଜ୍'



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ପରିବେଶ ସୁରକ୍ଷା ପାଇଁ 'ସାଇକେଲ ଅନ୍ ସନଡେଜ୍' ନାମକ ଏକ ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରୁ ଆରମ୍ଭ ହୋଇ ବୈଭବ ୱେଲନେସ୍ ସେଣ୍ଟର ଛକ, ଉତ୍କଳ ହସ୍ପିଟାଲ୍ ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ପାର୍କ ଦେଇ ପୁନର୍ବାର ବୈଭବ ୱେଲନେସ୍ ସେଣ୍ଟର ଛକରେ ଶେଷ ହୋଇଥିବା ଏହି ସାଇକେଲ ଶୋଭାଯାତ୍ରାରେ ସିଆରପିଏଫ୍, ସିଆଇଏସ୍ଏଫ୍, ଏନ୍‌ସିସି, 'ମାଇଁ ଭାରତ', ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ, ଓଡ଼ିଶା ସାଇକ୍ଲିଂ ଓ ପାରା ଆସୋସିଏସନ୍, ବିଭିନ୍ନ ସାଇକେଲ କ୍ଲବ୍, ସ୍ଥାନୀୟ ଜନସାଧାରଣ, ଭୁବନେଶ୍ୱର ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ କ୍ରୀଡ଼ା ଛାତ୍ରବାସର ଅନ୍ତେବାସୀମାନେ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇଥିଲେ। ନିଜକୁ ସୁସ୍ଥ ରଖିବା ପାଇଁ ସମସ୍ତେ ମିଶି ସାଇକେଲ ଚଲାଇବା ସହ ସରକାରଙ୍କର ଏହି ପ୍ରୟାସକୁ ବହୁତ ପ୍ରଶଂସା କରିଥିଲେ। ଉଦଘାଟନ ଉତ୍ସବରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଓଡ଼ିଶାର ପ୍ରଥମ ମହିଳା ସାଇକେଲ ଚାଳିକା ଶ୍ରୀମତୀ ମିନତି ମହାପାତ୍ର, ପ୍ରଖ୍ୟାତ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଏବଂ କ୍ରୀଡ଼ା ନିର୍ଦ୍ଦେଶକ ଡା. ଯେଦୁଲା ବିଜୟ ପ୍ରମୁଖ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ 'ସାଇକେଲ ଅନ୍ ସନଡେଜ୍' ଅଭିଯାନର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ 'ଫିଟ୍ ଇଣ୍ଡିଆ ମୁଭମେଣ୍ଟ' ଅଧୀନରେ ଆରମ୍ଭ ହୋଇଥିବା ଏହି ଅଭିଯାନ ସାରା ଦେଶରେ ବେଶ୍ ଆଦୃତ ହୋଇଛି । ପୂର୍ବରୁ ଓଡ଼ିଶାରେ ଐତିହ୍ୟ ମାରାଥନ, ପୁରୀରେ ଫିଟ ଇଣ୍ଡିଆ କାର୍ଣ୍ଣିଭାଲ ୨୦୨୬, ଏବଂ ମହିଳା ସଶକ୍ତିକରଣ ପାଇଁ ମହିଳା ମାରାଥନ ଭଳି ଅନେକ କାର୍ଯ୍ୟକ୍ରମ ହୋଇଥିବା ବେଳେ ରବିବାର ରାଜଧାନୀ ଭୁବନେଶ୍ୱରରେ 'ସାଇକେଲ୍ ଅନ୍ ସନଡେଜ୍' ଆୟୋଜନ କରାଯାଇଛି । ଆମର ମୁଖ୍ୟ ଲକ୍ଷ୍ୟ ହେଉଛି 'ଫିଟ୍ ଇଣ୍ଡିଆ, ଫିଟ୍ ଓଡ଼ିଶା ଏବଂ ଫିଟ୍ ସୋସାଇଟି' ଗଠନ କରିବା, ଯାହାର ପରିବର୍ତ୍ତନ ପ୍ରତ୍ୟେକ ବ୍ୟକ୍ତିଙ୍କ ନିଜ ଭିତରୁ ହିଁ ଆରମ୍ଭ ହେବା ଦରକାର । ତେଣୁ ନିଜକୁ ସୁସ୍ଥ ରଖିବା ପାଇଁ ସମସ୍ତେ ପ୍ରତିଦିନ କିଛି ସମୟ ଶାରୀରିକ ବ୍ୟାୟାମ କରିବା ଉଚିତ୍ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ସାରା ରାଜ୍ୟରେ ଶାରୀରିକ ସୁସ୍ଥତା (ଫିଟନେସ୍) ଏବଂ ପ୍ରଦୂଷଣମୁକ୍ତ ପରିବହନକୁ ପ୍ରୋତ୍ସାହିତ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ଆଗାମୀ ଦିନରେ ଏହି ପ୍ରଶଂସନୀୟ ପ୍ରୟାସ ସହରବାସୀଙ୍କୁ ଏକ ସୁସ୍ଥ ଓ ପ୍ରଦୂଷଣମୁକ୍ତ ଜୀବନ ଶୈଳୀ ଆପଣାଇବା ସହ 'ଏକାଠି ପ୍ୟାଡାଲ୍ କରିବା ଓ ସୁସ୍ଥ ଜୀବନ ଜିଇଁବା' ଅଭିଯାନରେ ସାମିଲ ହେବା ପାଇଁ ବଡ଼ ପ୍ରେରଣା ଯୋଗାଇବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ସ୍ୱାସ୍ଥ୍ୟ ଏବଂ ପରିବେଶ ସଚେତନତା ଅଭିଯାନରେ କ୍ରୀଡ଼ା ଓ ଯୁବସେବା ବିଭାଗ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ, ସୁଧାକର ନାୟକ ଏବଂ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ବିଶ୍ୱ ମୋହନ ଜେନା ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏହାସହ ବିଶିଷ୍ଟ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ, ଲୋମା ସ୍ୱାଇଁ ଏବଂ ପ୍ରେରଣାଦାୟୀ ପାରା କ୍ରୀଡ଼ାବିତ୍ କମଳାକାନ୍ତ ନାୟକ, ସୁଚିତ୍ରା ପରିଡ଼ା ଓ ସୁନୀଲ ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଗୌରବ ବଢ଼ାଇଥିଲେ ।




ଆଇଡେଲ ଇଣ୍ଡିଆ ଫାଉଣ୍ଡେସନ ଏବଂ ଅନ୍ୟାନ୍ୟ ସାମାଜିକ ସଂଗଠନର ମିଳିତ ଆନୁକୁଲ୍ୟରେ ଆର୍ଟ ଅଫ୍ ଗିଭିଂର ୧୩ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ପ୍ରଫେସର (ଡଃ) ଅଚ୍ୟୁତ ସାମନ୍ତ ସେବା ସମ୍ମାନରେ ସମ୍ମାନିତ ହେଉଛନ୍ତି ସମାଜସେବୀ ପ୍ରଦୀପ କୁମାର ଦେହୁରୀ। (ଫଟୋ : ସମ୍ବାଦ କଳିକା)

# ପରିବାରକୁ ମଜବୁତ କରିବା, ସମ୍ପ୍ରଦାୟଗୁଡ଼ିକୁ ସମର୍ଥନ କରିବା ପାଇଁ ବେଦାନ୍ତ ଆଲୁମିନିୟମର ପ୍ରୟାସ

ଅଧିକାଂଶ ଲୋକଙ୍କ ଜୀବନ ଯାତ୍ରା ପ୍ରାୟତଃ ଏକ ଦୃଢ଼ ଆଧାର ଉପରେ ନିର୍ମିତ ହୋଇଥାଏ- ତାହା ହେଉଛି ସେମାନଙ୍କ ପରିବାର, ଯାହା ସେମାନଙ୍କର ମୂଲ୍ୟବୋଧକୁ ରୂପ ଦିଏ, ସେମାନଙ୍କ ନିଷ୍ପତ୍ତିକୁ ମାର୍ଗଦର୍ଶନ କରେ ଏବଂ ସେମାନଙ୍କୁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିବାରେ ସକ୍ଷମ କରେ। ଅନ୍ତର୍ଜାତୀୟ ପରିବାର ଦିବସ ୨୦୨୬ ପାଇଁ ମିଳିତ ଜାତିସଂଘର ବିଷୟବସ୍ତୁ ହେଉଛି 'ପରିବାର, ଅସମାନତା ଏବଂ ଶିଶୁ କଲ୍ୟାଣ', ଏକ ବାର୍ତ୍ତା ଯାହା ପରିବାରଗୁଡିକର କଲ୍ୟାଣକୁ ସମର୍ଥନ ଏବଂ ପୋଷଣ କରୁଥିବା ଅଧିକ ଅନ୍ତର୍ଭୂକ୍ତି ବ୍ୟବସ୍ଥା ନିର୍ମାଣ କରିବାର ଆବଶ୍ୟକତାକୁ ଦୃଢ଼ କରେ ।

ଏହି ବିଶ୍ୱାସ ବେଦାନ୍ତ ଆଲୁମିନିୟମର କର୍ମଚାରୀ-କଲ୍ୟାଣ ପ୍ରତି ବହୁସ୍ତରୀୟ ଆଭିମୁଖ୍ୟରେ ପ୍ରତିଫଳିତ ହୋଇଛି, ଯାହା ଦଳର ସଦସ୍ୟ, ପରିବାର ଏବଂ ସମ୍ପ୍ରଦାୟକୁ ଏକ ରଜ୍ଜୁରେ ବାନ୍ଧି ରଖିବାର କଳ୍ପନା କରେ । କର୍ମଚାରୀ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳଙ୍କ ପାଇଁ କମ୍ପାନୀର ମାଗଣା ସ୍ୱାସ୍ଥ୍ୟସେବା ନୀତି ଏବଂ ଜୀବନସାଥୀଙ୍କ ସୁସ୍ଥତା ନୀତି ଭଳି ପଦକ୍ଷେପ ଦ୍ୱାରା ସ୍ୱାସ୍ଥ୍ୟସେବା ଏବଂ ସୁସ୍ଥତା ଏହି ଆଭିମୁଖ୍ୟର ମୂଳରେ ରହିଛି। ପୁଷ୍ଟିସାଧନ, ମାନସିକ ସୁସ୍ଥତା ଏବଂ ମହିଳାଙ୍କ ସ୍ୱାସ୍ଥ୍ୟର ନିୟମିତ ଯାଞ୍ଚ ଏବଂ ସଚେତନତା ଅଧିବେଶନ ସହିତ ଉଭୟ ବ୍ୟକ୍ତିଗତ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ଠାରୁ ଗୁଣାତ୍ମକ ଚିକିତ୍ସା ସେବା ପାଇବା ଦ୍ୱାରା ପରିବାରଗୁଡ଼ିକ ଉପକୃତ ହୁଅନ୍ତି। ଅନଲାଇନ ଚିକିତ୍ସା ପରାମର୍ଶ, ମାନସିକ ସ୍ୱାସ୍ଥ୍ୟ ସହାୟତା, ଫିଜିଓଥେରାପି, ଯୋଗ ଏବଂ ଜୀବନଶୈଳୀ ପରିଚାଳନା, କର୍ମଚାରୀ ଏବଂ ସେମାନଙ୍କ ପରିବାର ପାଇଁ ସାମଗ୍ରିକ ଯତ୍ନ ସୁନିଶ୍ଚିତ କରିବା ଭଳି ସେବା ପ୍ରଦାନ କରୁଥିବା ଏକ ବ୍ୟାପକ ସୁସ୍ଥତା ମଞ୍ଚ, ମନ୍ତ୍ରକେୟାର ସହିତ ବେଦାନ୍ତର



ସହଭାଗୀତା ମାଧ୍ୟମରେ ଏହା ଆହୁରି ସୁଦୃଢ଼ ହୋଇଛି।

ଝାରସୁଗୁଡ଼ାରେ ଏହାର ମେଗା ଆଲୁମିନିୟମ ପ୍ଲାଣ୍ଟ ନିକଟରେ ନିର୍ମିତ ସମନ୍ୱିତ ଟାଉନସିପ୍ ଭଳି ପ୍ରୟାସରେ କମ୍ପାନୀର ପରିବାର-କେନ୍ଦ୍ରିତ ଆଭିମୁଖ୍ୟ ମଧ ପ୍ରଦର୍ଶିତ ହୋଇଛି, ଯାହା ମନୋରଞ୍ଜନ ଏବଂ ଗୋଷ୍ଠୀ ଜୀବନ ପାଇଁ ସ୍ଥାନ ସହିତ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଅତ୍ୟାବଶ୍ୟକ ସୁବିଧା ମାଧ୍ୟମରେ ଦୈନନ୍ଦିନ ଜୀବନକୁ ସମର୍ଥନ କରିବା ପାଇଁ ପରିକଳ୍ପନା କରାଯାଇଛି। ଜିମ୍, ସୁଇମିଂ ପୁଲ୍, ସ୍ପୋର୍ଟସ୍ କମ୍ପ୍ଲେକ୍ସ ଏବଂ ଡେ-କେୟାର୍ ସେଣ୍ଟର ଭଳି ସୁବିଧା ସହିତ ଟାଉନସିପ୍ କର୍ମଚାରୀମାନଙ୍କୁ କାର୍ଯ୍ୟ ଏବଂ ପାରିବାରିକ ପ୍ରତିବଦ୍ଧତାକୁ ସହଜରେ ସନ୍ତୁଳିତ କରିବାରେ ସକ୍ଷମ କରିଥାଏ। ହୋଲି, ଦୁର୍ଗା ପୂଜା, ଦୀପାବଳି ଏବଂ ଖ୍ରୀଷ୍ଟମାସ ପରି ଉତ୍ସବ ସମ୍ପ୍ରଦାୟର ଭାବନାକୁ ଆହୁରି ମଜବୁତ କରିଥାଏ ।

ଝାରସୁଗୁଡା ସ୍ଥିତ ବେଦାନ୍ତ ଆଲୁମିନିୟମର ସିଇଓ ସି. ଚନ୍ଦ୍ରୁ ଏହି ଦର୍ଶନ ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, 'ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ଶକ୍ତିଶାଳୀ ସଂଗଠନଗୁଡିକ ଶକ୍ତିଶାଳୀ ପରିବାର ଏବଂ ଗୋଷ୍ଠୀଗତ ଭାବନା ଉପରେ ନିର୍ମିତ । ବିକାଶ ପ୍ରତି ଆମର ପ୍ରତିବଦ୍ଧତା ଲୋକ ଏବଂ ସେମାନଙ୍କ ପରିବାରର କଲ୍ୟାଣ, ଅଭିବୃଦ୍ଧି ଏବଂ ଖୁସିକୁ ପ୍ରସାରିତ କରେ । ସ୍ୱାସ୍ଥ୍ୟ ସହାୟତା, ବ୍ୟାପକ ଟାଉନସିପ୍ ଇକୋସିଷ୍ଟମ, ଶିକ୍ଷଣ ସୁଯୋଗ ଏବଂ ଗୋଷ୍ଠୀ ପଦକ୍ଷେପ ମାଧ୍ୟମରେ, ଆମେ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ଚେଷ୍ଟା କରୁ ଯେଉଁଠାରେ ପରିବାର ସୁରକ୍ଷିତ, ମୂଲ୍ୟବାନ ଏବଂ ଏକାଠି ଅନୁଭବ କରନ୍ତି ।

ଏହି ପ୍ରତିବଦ୍ଧତାକୁ ନିଜ ଦଳ ବାହାରେ ବିସ୍ତାର କରି, ବେଦାନ୍ତ ଆଲୁମିନିୟମ ମଧ ଏହାର କାର୍ଯ୍ୟସ୍ଥଳ ଆଖପାଖରେ ଥିବା ସମ୍ପ୍ରଦାୟଗୁଡ଼ିକ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିଥାଏ, ଯାହା ଦ୍ୱାରା ତୃଣମୂଳ ସ୍ତରରେ ହଜାର ହଜାର ପରିବାର ଉପକୃତ ହୋଇଥାନ୍ତି। ମାତୃ ସ୍ୱାସ୍ଥ୍ୟସେବା, ଶିଶୁ ପୋଷଣ ଏବଂ ପ୍ରାରମ୍ଭିକ ଶିକ୍ଷା ଉପରେ ଧ୍ୟାନ ଦେଇ ଅଙ୍ଗନବାଡିଗୁଡ଼ିକୁ ମହିଳା ଏବଂ ଶିଶୁ ବିକାଶ ପାଇଁ ଆଧୁନିକ କେନ୍ଦ୍ରରେ ପରିଣତ କରୁଥିବା ବେଦାନ୍ତର ଫ୍ଲାଗସିପ୍ କାର୍ଯ୍ୟକ୍ରମ, ନନ୍ଦ ଘର ହେଉଛି କମ୍ପାନୀର ପରିବାର-କେନ୍ଦ୍ରିତ ପ୍ରୟାସର ଅଗ୍ରଭାଗ। ଝାରସୁଗୁଡ଼ାରେ ୧୭୫ ରୁ ଅଧିକ ନନ୍ଦ ଘର ବର୍ତ୍ତମାନ ତୃଣମୂଳ ସ୍ତରରେ ଅତ୍ୟାବଶ୍ୟକ ସେବାଗୁଡ଼ିକର ପ୍ରବେଶକୁ ମଜବୁତ କରୁଛନ୍ତି।

ଆହୁରି ମଧ କମ୍ପାନୀ ଝାରସୁଗୁଡ଼ାର ୨୮ଟି ଗ୍ରାମରେ ଚାଲୁଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ଶେଷ-ମାଇଲ ସ୍ୱାସ୍ଥ୍ୟସେବା ସୁବିଧା ସୁନିଶ୍ଚିତ କରୁଛି, ଯାହା ଲୋକଙ୍କ ଘର ଦୁଆର ମୁହଁରେ ସ୍ୱାସ୍ଥ୍ୟସେବା ସହିତ ୧୮,୦୦୦ ରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଞ୍ଚୁଛି, ଯେତେବେଳେ ବ୍ୟାପକ ସଚେତନତା ଅଭିଯାନ ୨.୮ ଲକ୍ଷରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିଛି। ଶିଶୁ ପୋଷଣ, ମାତୃ ସ୍ୱାସ୍ଥ୍ୟ ଏବଂ ମାସିକ ସ୍ୱଚ୍ଛତା ଉପରେ ନିରନ୍ତର ଅଭିଯାନ ସହିତ ପଲ୍ସ ପୋଲିଓ ଅଭିଯାନ ଭଳି ପଦକ୍ଷେପ ଦ୍ୱାରା ଏହି ପ୍ରୟାସକୁ ସମର୍ଥନ ମିଳିଛି, ଯାହା ଝାରସୁଗୁଡ଼ାରେ ୨୦୨୬ ଆର୍ଥିକ ବର୍ଷ ସୁଦ୍ଧା ୧୪୮୬ ଜଣ ଶିଶୁଙ୍କୁ ଟୀକାକରଣ କରିବାରେ ସାହାଯ୍ୟ କରିଛି, ଯାହା ସାମୂହିକ ଭାବରେ ସୁସ୍ଥ ଫଳାଫଳ ସହିତ ପରିବାରକୁ ସଶକ୍ତ କରିଛି।

ବୈଶ୍ୱିକ ବିଷୟବସ୍ତୁ 'ପରିବାର, ଅସମାନତା ଏବଂ ଶିଶୁ କଲ୍ୟାଣ' ସହିତ ଯୋଡ଼ି ହୋଇ, ଏହି ସମସ୍ତ ପ୍ରୟାସର ଉଦ୍ଦେଶ୍ୟ ହେଉଛି ସାମଗ୍ରିକ ଜୀବନର ଗୁଣବତ୍ତାରେ ଉନ୍ନତି ଆଣିବା ଏବଂ ଉଭୟ କର୍ମଚାରୀ ଏବଂ ସମ୍ପ୍ରଦାୟର ସଦସ୍ୟଙ୍କ ପରିବାର ପାଇଁ ଅଧିକ ନ୍ୟାୟସଙ୍ଗତ ସୁଯୋଗ ସୃଷ୍ଟି କରିବା। ଯେହେତୁ ବିଶ୍ୱ ଅନ୍ତର୍ଜାତୀୟ ପରିବାର ଦିବସ ପାଳନ କରୁଛି, ବେଦାନ୍ତ ଆଲୁମିନିୟମର ନିରନ୍ତର ଧ୍ୟାନ ଯତ୍ନ, ଅନ୍ତର୍ଭୂକ୍ତ ଏବଂ ସହଭାଗୀ ଅଭିବୃଦ୍ଧି ପାଇଁ ଏକ ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । କର୍ମଚାରୀ, ପରିବାର ଏବଂ ସମ୍ପ୍ରଦାୟ ଆତ୍ମବିଶ୍ୱାସ ଏବଂ ଉଦ୍ଦେଶ୍ୟ ସହିତ ଏକାଠି ବୃଦ୍ଧି ପାଉଥିବା ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀକୁ 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ସାର୍ଟିଫିକେଟ୍ ଏବଂ 'ପିପୁଲଫାଷ୍ଟ ଏଚଆର ଏକ୍ସଲେନ୍ସ ଆୱାର୍ଡ' ଭଳି ପ୍ରମୁଖ ସ୍ୱୀକୃତି ମିଳିବା ଏହା ପ୍ରତିଫଳିତ କରୁଛି।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
TENDER CALL NOTICE
BID IDENTIFICATION NO. ONLINE-EERKL- 05 of 2026-27

E.Mail – rw_rourkela@yahoo.co.in
25001/169/2627

Ltr No : 3499 Dtd-14.05.2026

1. Name of the Work :- Road Works (MMSY)
2. Total No. of works :- 03 (Three)
3. Estimated cost :- From Rs.70.84 Lakhs to Rs.89.62 Lakhs
4. Class of contractor :- "B" Class
5. Period of completion :- 06 (Six) Calendar months
6. Type of Tender :- Double Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division-II, Sundargarh | Online-EERKL-05 of 2026-27 | 25.05.2026 from 10.00 A.M | 11.06.2026 upto 5.00 PM |

Further details can be seen from the website www.tendersorissa.gov.in
OIPR-25001/25193/1/26-27/0007

Executive Engineer
RW Division-II, Sundargarh

ଉତ୍କଳ ଦୀପିକା
ଭୁବନେଶ୍ୱର, ୧୮ ମଇ, ସୋମବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ରାଜ୍ୟରେ ଇନ୍ଧନ ସଙ୍କଟ: ମହରଗ ହେଉଛି ଗାଡ଼ି ଭଡ଼ା, ଚିନ୍ତାରେ ପର୍ଯ୍ୟଟକ ଓ ପର୍ଯ୍ୟଟନ ଶିଳ୍ପ



**ପୁରୀ, ୧୭/୦୫ ନ୍ୟୁଜ ବ୍ୟୁରୋ**

ସାରା ରାଜ୍ୟରେ ତୈଳ ସଙ୍କଟ ଯୋଗୁଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ସିଧାସଳଖ ପ୍ରଭାବ ପୁରୀ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପ ଉପରେ ଦେଖିବାକୁ ମିଳୁଛି। ଆବଶ୍ୟକ ମୁତାବକ ପେଟ୍ରୋଲ, ଡିଜେଲ ମିଳୁନଥିବାରୁ ଏହା ଗାଡ଼ି ମୋଟର ଚଳାଚଳ ଉପରେ ପ୍ରଭାବ ପକାଉଛି । ତୈଳ ସଙ୍କଟ ଯୋଗୁଁ ପର୍ଯ୍ୟଟକମାନେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ଗାଡ଼ି ଯିବା ଆସିବା କରିବାରେ ବାଧା ସୃଷ୍ଟି ହେଉଛି । ଅନେକ ଗାଡ଼ି ଚାଳକ ଏହି ସଙ୍କଟ ଆଳରେ ଗାଡ଼ି ଭଡ଼ା ଆକାଶଛୁଆଁ କରିବାରେ ଲାଗିଛନ୍ତି । ଏପରି ଅବସ୍ଥା ଲାଗି ରହିଲେ ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଉପରେ ଗଭୀର ପ୍ରଭାବ ପଡିବ। ଚାରି ଧାମ ମଧ୍ୟରୁ ପୁରୀସ୍ଥିତ ଶ୍ରୀଜଗନ୍ନାଥ ଧାମ ସ୍ୱତନ୍ତ୍ର । ସ୍ୱର୍ଣ୍ଣାଭ ବେଳାଭୂମି ସହିତ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର, ଚିଲିକା ହ୍ରଦ ସମେତ ଅନେକ ସୁନ୍ଦର ପର୍ଯ୍ୟଟନସ୍ଥଳୀ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ସମୃଦ୍ଧ କରିଥାଏ। ପର୍ଯ୍ୟଟକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହ ଆଖପାଖରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲିବା ପାଇଁ ଦେଶ ଓ ବିଦେଶରୁ ପ୍ରତିଦିନ ୫୦ରୁ ୬୦ ହଜାର ଭକ୍ତ ଓ ପର୍ଯ୍ୟଟକ ପୁରୀ ଆସିଥାନ୍ତି। ଏଣୁ ଏହି ଯାତ୍ରୀଙ୍କୁ ନେଇ ପୁରୀରେ ହୋଟେଲ ବ୍ୟବସାୟ ଠାରୁ ଆରମ୍ଭ କରି ଟୁର୍ ଟ୍ରାଭେଲ ବ୍ୟବସାୟ ପ୍ରତିଷ୍ଠାନ ଗଢି ଉଠିଛି । ହଜାର ହଜାର ଲୋକ ଏହି ପର୍ଯ୍ୟଟନ ଶିଳ୍ପ ଉପରେ ନିଜର ଜୀବନ ଜୀବିକା ନିର୍ବାହ କରିଆସୁଛନ୍ତି । ରିକ୍ସା, ଅଟୋ, ଟ୍ୟାକ୍ସି, ଛୋଟ ଛୋଟ ଦୋକାନ କରି ଅନେକ ଲୋକ ନିଜର ଗୁଜୁରାଣ ମେଣ୍ଟାଇଥାଆନ୍ତି ।

ହୋଟେଲିୟରଙ୍କ କହିବା ମୁତାବକ, ପୁରୀ ସହରରେ ଛୋଟ ବଡ ହୋଟେଲ, ଲଜ୍, ଗେଷ୍ଟ ହାଉସ, ହୋମ ଷ୍ଟେ ସଂଖ୍ୟା ୧୨ ଶହରୁ ଅଧିକ । ପୁରୀ ସହରରେ ୧୦୦ରୁ ଅଧିକ ପଞ୍ଜିକୃତ ଟୁର୍ ଟ୍ରାଭେଲ ବ୍ୟବସାୟୀ ଅଛନ୍ତି । ବିନା ପଞ୍ଜିକରଣରେ ଅନେକ ଟୁର ଟ୍ରାଭେଲ ବ୍ୟବସାୟୀ ଅଛନ୍ତି । ୫୦୦୦ରୁ ଅଧିକ ଛୋଟ ଗାଡି ଯାତ୍ରୀଙ୍କୁ ନେବା ଆଣିବା ବ୍ୟବସାୟ କରୁଛନ୍ତି । ତେଣୁ ହୋଟେଲ ଓ ଟୁର ଟ୍ରାଭେଲ ବ୍ୟବସାୟରେ ହଜାର ହଜାର କର୍ମଚାରୀ ନିଜର ପେଟପାଟଣା ସମ୍ଭାଳୁଛନ୍ତି । ଯଦି ପେଟ୍ରୋଲ ଡିଜେଲ ସଙ୍କଟକୁ ନେଇ ପୁରୀରେ ପର୍ଯ୍ୟଟକଙ୍କ ଆଗମନ ହ୍ରାସ ହୁଏ, ତେବେ ପର୍ଯ୍ୟଟନ ବ୍ୟବସାୟ କ୍ଷତିଗ୍ରସ୍ତ ହେବ । ଏହା ଉପରେ ନିର୍ଭରଶୀଳ ହଜାର ହଜାର ଲୋକଙ୍କ ଜୀବନ ଜୀବିକା ଉପରେ ସଙ୍କଟ ସୃଷ୍ଟି ହେବ। ତୈଳ ସଙ୍କଟ ଯୋଗୁଁ ପର୍ଯ୍ୟଟକମାନେ ଚଢ଼ା ଦର ଯୋଗୁଁ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲି ଯିବାରେ ସମର୍ଥ ହେଉ ନାହାନ୍ତି । ବାଧ ହୋଇ ପର୍ଯ୍ୟଟକମାନେ ପୁରୀ ଆସିବାକୁ ବାତିଲ କରିବେ। ଏଭଳି ସ୍ଥିତି ଜାରି ରହିଲେ ଆଗାମୀ ଦିନରେ ପୁରୀ ପର୍ଯ୍ୟଟନ ଶିଳ୍ପ ବ୍ୟାପକ କ୍ଷତି ସହିବ ବୋଲି ହୋଟେଲ ବ୍ୟବସାୟୀ ଆଶଙ୍କା ପ୍ରକାଶ କରୁଛନ୍ତି । ହୋଟେଲିୟର ଶ୍ରୀମନ୍ତ କୁମାର ଦାଶ କହିଛନ୍ତି, 'ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନକୁ ନେଇ ପୁରୀର ସମ୍ପୂର୍ଣ୍ଣ ଅର୍ଥନୀତି ତିଷ୍ଠି ରହିଛି । କହିବାକୁ ଗଲେ ପର୍ଯ୍ୟଟକ ଆସିଲେ ହିଁ ଆମେ ଚଳିଥାଉ। ରିକ୍ସା ଚାଳକ ଠାରୁ ଆରମ୍ଭ କରି ହୋଟେଲ ବ୍ୟବସାୟୀ ସମସ୍ତେ ପର୍ଯ୍ୟଟକ ଓ ଭକ୍ତଙ୍କ ଉପରେ ନିର୍ଭରଶୀଳ । ପେଟ୍ରୋଲ ଡିଜେଲ ଅଭାବ ହେତୁ ଗାଡ଼ି ଚାଲିପାରୁନି । ଅନେକ କିଛି ଲୋକ ଏହି ତୈଳ ସଙ୍କଟର ଫାଇଦା ଉଠାଇ ଅଧିକ ଭଡ଼ା ଦାବି କରୁଛନ୍ତି । ଏଣୁ ପର୍ଯ୍ୟଟକ ମାନେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲିବାକୁ ଯାଇ ପାରୁନାହାନ୍ତି ।' ଟୁର୍ ଟ୍ରାଭେଲ ବ୍ୟବସାୟୀ ସଂଗ୍ରାମ କେଶରୀ ଲେଙ୍କା କହିଛନ୍ତି, 'ଏବେ ପର୍ଯ୍ୟଟନ ଶିଳ୍ପ ଉପରେ ତୈଳ ସଙ୍କଟ ପଡ଼ିଛି । ଆବଶ୍ୟକ ମୁତାବକ ପେଟ୍ରୋଲ ଡିଜେଲ ନ ମିଳିଲେ ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ କିଭଳି ଗାଡ଼ି ଯାତାୟାତ କରିବ । ପୁରୀ ଜିଲ୍ଲାରେ ଇଲେକ୍ଟ୍ରିକ ଯାନବାହନ ଚଳାଚଳ ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ଅନେକ ଚାର୍ଜିଂ ଷ୍ଟେସନ ସ୍ଥାପନ ହେବାର ଆବଶ୍ୟକତା ରହିଛି । ଟୁର ଟ୍ରାଭେଲ ବ୍ୟବସାୟ ଉପରେ ହଜାର ହଜାର ଲୋକଙ୍କ ଜୀବନ ଜୀବିକା ନିର୍ଭରଶୀଳ ରହିଛି ।'

# ଭିଜିଲାନ୍ସ ଜାଲରେ ପଡ଼ିଲେ ଜେଇ ଓ ସହଯୋଗୀ



**ନୟାଗଡ଼, ୧୭/୦୫ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଖଣ୍ଡପଡ଼ା ଆରଡବ୍ଲୁ ବିଭାଗ ଯନ୍ତ୍ରୀ। ଲାଞ୍ଚ ନେବାବେଳେ ମାଡ଼ିବସିଲା ଭିଜିଲାନ୍ସ। ୧ ଲକ୍ଷ ୩୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଯନ୍ତ୍ରୀ କେଶବ ସୁବୁଦ୍ଧିଙ୍କୁ ଧରିଲା ଭିଜିଲାନ୍ସ ଟିମ୍। କେଶବଙ୍କ ସହଯୋଗୀ ଆଶୁତୋଷ ବଳିଆରସିଂହ ମଧ୍ୟ ଗିରଫ ହୋଇଛନ୍ତି। ବିଲ୍ ପାଶ୍ କରାଇବା ପାଇଁ ଠିକାଦାର ଶିବପ୍ରସାଦ ଖୁଣ୍ଟିଆଙ୍କ ଠାରୁ ନେଉଥିଲେ ଲାଞ୍ଚ। ନୟାଗଡ଼ର ଭାପୁର ଆରଡବ୍ଲୁ ସେକ୍ସନର କନିଷ୍ଠ ଯନ୍ତ୍ରୀ କେଶବ ସୁବୁଦ୍ଧି ଏବଂ ତାଙ୍କ ସହଯୋଗୀ ଆଶୁତୋଷ ବଳିଆରସିଂ ଖଣ୍ଡପଡ଼ାରେ ୨୦୨୧-୨୨ ବର୍ଷ ପାଇଁ ଏମ୍ଏମ୍ଏସ୍ୱାଇ ଅନ୍ତର୍ଗତ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟରେ ବିଲ୍ କ୍ଲିୟର କରିବା ଏବଂ ସୁରକ୍ଷା ଜମା ଫେରସ୍ତ କରିବା ପାଇଁ ଜଣେ ଠିକାଦାରଙ୍କଠାରୁ ୧,୩୬,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ସେହି ସମୟରେ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ସରକାରଙ୍କ ସର୍ତ୍ତ ଅନୁଯାୟୀ, ରକ୍ଷଣାବେକ୍ଷଣ ଅବଧି ସମାପ୍ତ ହେବା ପରେ, ସୁରକ୍ଷା ଜମା ସହିତ ପ୍ରାରମ୍ଭିକ ସୁରକ୍ଷା ଜମା ଠିକାଦାରଙ୍କୁ ଫେରସ୍ତ କରାଯାଏ। ଠିକାଦାର ଗତ ୩/୪ ମାସ ଧରି ରକ୍ଷଣାବେକ୍ଷଣ କାର୍ଯ୍ୟ ସମାପ୍ତ ହେବା ପରେ ଅଭିଯୁକ୍ତ ଜେଇ ସୁବୁଦ୍ଧିଙ୍କୁ ମାପ ନେବା ଏବଂ ତାଙ୍କ ସପକ୍ଷରେ ସୁରକ୍ଷା ଟଙ୍କା ପ୍ରଦାନ କରିବା ପାଇଁ ଅନୁରୋଧ କରି ଆସୁଥିଲେ। କିନ୍ତୁ, ଜେଇ କଣ୍ଟ୍ରାକ୍ଟରଙ୍କଠାରୁ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ୧.୩୬ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ । ଦାବି କରାଯାଇଥିବା ଲାଞ୍ଚରେ କ୍ଷୁବ୍ଧ ହୋଇ ଠିକାଦାର ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ତାଙ୍କ ହଇରାଣ ବିଷୟରେ କହିଥିଲେ। ରବିବାର ଜେଇ ଠିକାଦାରଙ୍କୁ ଖଣ୍ଡପଡ଼ାସ୍ଥିତ ତାଙ୍କ ସରକାରୀ କ୍ୱାର୍ଟରରେ ଡକାଇ ତାଙ୍କ ସହଯୋଗୀ ଆଶୁତୋଷ ବଳିଆରସିଂ ଙ୍କୁ ଦାବି କରାଯାଇଥିବା ଲାଞ୍ଚ ଟଙ୍କା ହସ୍ତାନ୍ତର କରିବାକୁ କହିଥିଲେ, ଯିଏ ସେଠାରେ ଉପସ୍ଥିତ ଥିଲେ। ଏହା ପରେ ଓଡ଼ିଶା ଭିଜିଲାନ୍ସର ଏକ ଦଳ ଠିକାଦାରଙ୍କଠାରୁ ୧.୩୬ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ସୁବୁଦ୍ଧି ଏବଂ ଶ୍ରୀ ବଳିଆରସିଂଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି ।

## ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟକୁ ରାଜ୍ୟପାଳଙ୍କ ଚିଠି

# କ୍ୟାମ୍ପସରେ ସାଇକେଲ, ଇଭି ଗାଡ଼ି ଚଳାଚଳ ପାଇଁ ପରାମର୍ଶ

**ଭୁବନେଶ୍ୱର, ୧୭/୦୫ ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ, ଆତ୍ମନିର୍ଭରଶୀଳ ଓ ସବୁଜ ଭାରତ ଗଠନର ଆହ୍ୱାନ ଏବେ ଦେଶର କୋଣ-ଅନୁକୋଣରେ ପହଞ୍ଚିଛି। ଏହି କ୍ରମରେ ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟ ଗୁଡ଼ିକ ପାଇଁ ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଆସିଛି। ଆମର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକ କେବଳ ପାଠପଢ଼ାର କେନ୍ଦ୍ର ନୁହଁନ୍ତି ବରଂ ଏହା ସାମାଜିକ ପରିବର୍ତ୍ତନର ସ୍ୱତନ୍ତ୍ର ସ୍ଥାନ। ତେଣୁ ବିଶ୍ୱବିଦ୍ୟାଳୟ ପରିସରରୁ ହିଁ ଶକ୍ତି ସଂରକ୍ଷଣ, ସୀମିତ ସମ୍ବଳର ସଦୁପଯୋଗ ଏବଂ ପରିବେଶ ସୁରକ୍ଷାର ଏକ ନୂଆ ବିପ୍ଳବ ଆରମ୍ଭ କରିବାକୁ ରାଜ୍ୟପାଳଙ୍କ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କୁ ଚିଠି ମାଧ୍ୟମରେ ଆହ୍ୱାନ କରାଯାଇଛି। ସାଇକେଲ, ଇଲେକ୍ଟ୍ରିକ୍ ଗାଡ଼ି, ପାଦରେ ଚାଲି ଚାଲି ଯିବା ଏବଂ ସାର୍ବଜନୀନ ପରିବହନ ବ୍ୟବହାରକୁ ଉତ୍ସାହିତ କରିବା ପାଇଁ କ୍ୟାମ୍ପସ ମଧ୍ୟରେ ଏକ ସାମୟିକ 'ଗ୍ରୀନ ମୋବିଲିଟି ଡେ' ପାଳନ କରାଯିବ। ଅଧ୍ୟାପକ, ଅଧିକାରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ପ୍ରଦୂଷଣମୁକ୍ତ ପଦ୍ଧତିକୁ ଅଧିକରୁ ଅଧିକ ଗ୍ରହଣ କରିବା ଏବଂ ପାରମ୍ପରିକ ଇଞ୍ଜିନ ଚାଳିତ ଯାନ ଉପରେ ନିର୍ଭରତା ହ୍ରାସ କରିବା ପାଇଁ ଉତ୍ସାହିତ କରାଯିବ। ଅନାବଶ୍ୟକ ସରକାରୀ ଯାନବାହାନର ବ୍ୟବହାରକୁ ସର୍ବନିମ୍ନ କରିବା ଏବଂ ଯେଉଁଠାରେ ସମ୍ଭବ, ସେୟାର ପରିବହନକୁ ପ୍ରୋତ୍ସାହିତ କରାଯିବ। ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଏବଂ ପ୍ରଶାସନିକ କାର୍ଯ୍ୟରେ ସୌର ଶକ୍ତି ଏବଂ ଅନ୍ୟାନ୍ୟ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ସମେତ ନବୀକରଣୀୟ ଏବଂ ସବୁଜ ଶକ୍ତି ସମାଧାନ ଗ୍ରହଣକୁ ଅନୁସନ୍ଧାନ କରାଯିବ। ଦୈନନ୍ଦିନ କ୍ୟାମ୍ପସ କାର୍ଯ୍ୟକଳାପରେ ଇନ୍ଧନ, ବିଦ୍ୟୁତ୍, ପାଣି ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସମ୍ବଳର ଅପଚୟକୁ ସଚେତନ ଭାବରେ ହ୍ରାସ କରିବାକୁ ଉତ୍ସାହିତ କରାଯିବ। କେବଳ ନିୟମ ନୁହେଁ ବରଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେମିନାର, ବୃକ୍ଷରୋପଣ, ପ୍ରାକୃତିକ ଚାଷ ଏବଂ ସୁସ୍ଥ ଜୀବନଶୈଳୀକୁ ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ୧୯୦ ଦେଶରେ ପାଳନ ହେଲା ତ୍ରୟୋଦଶ ଅନ୍ତର୍ଜାତୀୟ ଆର୍ଟ୍ ଅଫ୍ ଗିଭିଂ ଦିବସ




**ଭୁବନେଶ୍ୱର, ୧୭।୫ ନ୍ୟୁଜ ବ୍ୟୁରୋ**

ଶିକ୍ଷାବିତ୍ ଓ ସମାଜସେବୀ ତଥା ଆର୍ଟ ଅଫ୍ ଗିଭିଂ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଆହ୍ୱାନ କ୍ରମେ ଚଳିତବର୍ଷ ତ୍ରୟୋଦଶ ଅନ୍ତର୍ଜାତୀୟ ଆର୍ଟ୍ ଅଫ୍ ଗିଭିଂ ଦିବସ ବିଶ୍ୱର ୬ଟି ମହାଦେଶର ଭାରତ ସମେତ ୧୯୦ ଦେଶରେ ପାଳିତ ହୋଇଯାଇଛି। ଏହା ସହିତ ୨୨୨ଟି ଏଫ୍ଆଇଭିବି ସଦସ୍ୟ ରାଷ୍ଟ୍ର, ଅନ୍ତର୍ଜାତୀୟସ୍ତରରେ ୫୦ ହଜାରଟି ସ୍ଥାନ, ଭାରତର ୨୮ ରାଜ୍ୟ, ୮ଟି କେନ୍ଦ୍ର ଶାସିତ ଅଞ୍ଚଳର ସମସ୍ତ ନଗର ଓ ସହରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ିଶାର ସମସ୍ତ ଜିଲ୍ଲା ସଦରମହକୁମା, ବ୍ଲକ୍ ଓ ପଞ୍ଚାୟତରେ ଆର୍ଟ୍ ଅଫ୍ ଗିଭିଂର ଅନୁଗାମୀ ଓ ଶୁଭେଚ୍ଛୁ ଆର୍ଟ୍ ଅଫ୍ ଗିଭିଂ ଅଭିଯାନରେ ସାମିଲ ହୋଇଥିଲେ। ଓଡ଼ିଶାର ୨୦ ହଜାର ସ୍ଥାନରେ ଏହି ଦିବସ ପାଳିତ ହୋଇଛି । ତ୍ରୟୋଦଶ ଅନ୍ତର୍ଜାତୀୟ ଆର୍ଟ୍ ଅଫ୍ ଗିଭିଂ ଦିବସ ପରିପ୍ରେକ୍ଷୀରେ ଏହା ଅନୁଗାମୀ ଓ ଶୁଭେଚ୍ଛୁଙ୍କ ସମେତ ପ୍ରାୟ ଅଢ଼େଇ କୋଟି ଲୋକଙ୍କ ଉପରେ ଆର୍ଟ ଅଫ୍ ଗିଭିଂର ସିଧା ପ୍ରଭାବ ପଡ଼ିଛି। ଦୀର୍ଘ ଏକ ସପ୍ତାହ ହେଲା ବିଶ୍ୱର ବିଭିନ୍ନ ସ୍ଥାନ ଓ ଭାରତର ବିଭିନ୍ନ ସହରରେ ଆୟୋଜିତ ହେଉଛି ଆର୍ଟ୍ ଅଫ୍ ଗିଭିଂ। ଏଥିରେ ପ୍ରତ୍ୟେକ ବର୍ଗର ଲୋକ ସାମିଲ୍ ହେଉଛନ୍ତି। ପ୍ରତ୍ୟେକ ବର୍ଷ ଅନ୍ତର୍ଜାତୀୟ ଆର୍ଟ୍ ଅଫ୍ ଗିଭିଂର ଏକ ସ୍ୱତନ୍ତ୍ର ବିଷୟବସ୍ତୁ ରହିଥାଏ। ଚଳିତବର୍ଷର ବିଷୟବସ୍ତୁ ଥିଲା ସେୟାର ଟୁ ସାଇନ୍। ଏହା ଅର୍ଥ ଅନ୍ୟ ସହ ଖୁସି ବାଣ୍ଟିଲେ ନିଜର ମଧ୍ୟ ଉନ୍ନତି ହୋଇଥାଏ। ଚଳିତବର୍ଷ ଆର୍ଟ ଅଫ୍ ଗିଭିଂ ପକ୍ଷରୁ ଓଡ଼ିଶାର ୩ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ଭଲିବଲ ଓ ନେଟ୍ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। କ୍ରୀଡ଼ାର ବିକାଶ ନିମନ୍ତେ ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରେରଣା କ୍ରମେ ଯୁବଗୋଷ୍ଠୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଓ ବନ୍ଧୁତ୍ୱପୂର୍ଣ୍ଣ ଆବେଗ ସୃଷ୍ଟି ସକାଶେ ଚଳିତବର୍ଷ ୯ହଜାର ୧ଶହ ଭଲିବଲ ବଣ୍ଟନ କରାଯାଇଥିଲା। ଭୁବନେଶ୍ୱରରେ ଆୟୋଜିତ ତ୍ରୟୋଦଶ ଆର୍ଟ ଅଫ୍ ଗିଭିଂ ମହାସମାରୋହରେ ପାଳନ କରାଯାଇଥିଲା। ଏଥିରେ ବିଭିନ୍ନ ବର୍ଗର ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ହଲିଉଡ୍ କଣ୍ଠଶିଳ୍ପୀ ସାନ୍ଙ୍କ ଦ୍ୱାରା ଗାନ କରାଯାଇଥିବା ଆର୍ଟ୍ ଅଫ୍ ଗିଭିଂ 'ଥିମ୍ ସଂଗୀତ' ଲୋକାର୍ପିତ ହୋଇଥିଲା। ଏହା ବ୍ୟତୀତ ଆର୍ଟ ଅଫ୍ ଗିଭିଂର ଦୁଇଟି ପୁସ୍ତକ ପାଠକାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ଭାରତୀୟ ଟେନିସ୍ ତାରକା ପଦ୍ମ ଭୂଷଣ ଲିଆଣ୍ଡର ପେସ୍, ତିବ୍ବତୀୟ ବୌଦ୍ଧ ଗୁରୁ ତଥା ସ୍ୱିଜରଲ୍ୟାଣ୍ଡ ସ୍ଥିତ ରିପା ଇଣ୍ଟରନ୍ୟାସନାଲ ସେଣ୍ଟରର ଆଧ୍ୟାତ୍ମିକ ନିର୍ଦ୍ଦେଶକ ଜିଗମେ ରିନପୋଚେ, ବାବା ନାରାୟଣ ଦାସ ଓ ଫେମିନା ମିସ୍ ଇଣ୍ଡିଆ ନିକିତା ପରୱାଲ୍, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶୋକ ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଡ. ଅଚ୍ୟୁତ ସାମନ୍ତଙ୍କ ଏହି ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ସମସ୍ତେ ଆର୍ଟ୍ ଅଫ୍ ଗିଭିଂକୁ ଆମେ ସମସ୍ତେ ଆମ ଦୈନନ୍ଦିନ ଜୀବନରେ ଏକ ଅଭ୍ୟାସରେ ପରିଣତ କରିପାରିଲେ ଆମେ ଆନନ୍ଦ ଅନୁଭବ କରିବା ସହ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଖ୍ୟାତିସଂପନ୍ନ ଚିକିତ୍ସାବିତ୍ ଡା. ବିଦ୍ୟୁତ୍ ଦାସ, ରୋଟାରିଆନ ଅଜୟ ଅଗ୍ରୱାଲ ଓ କିଟ୍ ପ୍ରଫେସର କୁମାର ଦେବଦତ୍ତଙ୍କୁ ସମ୍ମାନଜନକ ଏଓଜି ହିରୋ ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ସେମାନଙ୍କୁ ପ୍ରତ୍ୟେକ ୧ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ କିସ୍ ତଥା ଆର୍ଟ ଅଫ୍ ଗିଭିଂ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁର୍ଲାରେ ଏନକାଉଣ୍ଟର : ଦୁର୍ଦ୍ଦାନ୍ତ ଅପରାଧୀ ମନୀଷ ସାହୁ ଆହତ

**ସମ୍ବଲପୁର, ୧୭/୦୫ ନ୍ୟୁଜ୍ ବ୍ୟୁରୋ**

ଶନିବାର ମଧ୍ୟରାତ୍ରିରେ ବୁର୍ଲା ପିଏସ୍ କର୍ମଚାରୀମାନେ ବୁର୍ଲାର ପ୍ଲାନେଟାରିୟମ୍ ଛକ ନିକଟରେ ଯାନବାହାନ ଯାଞ୍ଚ କରୁଥିଲେ। ପ୍ରାୟ ସକାଳ ୫:୦୦ ଟା ସମୟରେ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାର୍ଶ୍ୱରୁ ଆସୁଥିବା ଏକ ସ୍ୱିଫ୍ଟ କାର୍‌କୁ ଅଟକାଇବାକୁ ସିଗନାଲ ଦିଆଯାଇଥିଲା। କିନ୍ତୁ ଡ୍ରାଇଭର ଡାହାଣ ଡାଇକ୍ ରାସ୍ତା ଆଡ଼କୁ ମୁହାଇଁ ଫେରାର ହେବାକୁ ଚେଷ୍ଟା କରିଥିଲା। ପୋଲିସ ଫିସେରୀ ଛକ ନିକଟରେ ଗାଡିଟିକୁ ପିଛା କରି ଅଟକାଇଥିଲା। ଏହି ସମୟରେ ଜଣେ ଅଭିଯୁକ୍ତ କାର୍‌ରୁ ଡେଇଁପଡ଼ି ପଳାଇବା ସମୟରେ ପୋଲିସ ଦଳ ଉପରେ ତିନି ରାଉଣ୍ଡ ଗୁଳି ଚଳାଇଥିଲା। ପ୍ରତିବଦଳରେ ପୋଲିସ ନିଜର ଆତ୍ମରକ୍ଷା ଏବଂ ଅଧିକ ଗୁଳିଚାଳନା ରୋକିବା ପାଇଁ ନିଜ ଆଡୁ ଦୁଇ ରାଉଣ୍ଡ ନିୟନ୍ତ୍ରିତ ଗୁଳି ଚାଳନା କରିଥିଲା, ଯେଉଁଥିରେ ଅଭିଯୁକ୍ତର ଡାହାଣ ଗୋଡ଼ରେ ଆଘାତ ଲାଗିଥିଲା। ଆହତ ଅଭିଯୁକ୍ତକୁ କୁଖ୍ୟାତ ଅପରାଧୀ ମନୀଷ ସାହୁ ଭାବରେ ଚିହ୍ନଟ କରାଯାଇଛି। ସେ ଡକାୟତି, ଅସ୍ତ୍ରଶସ୍ତ୍ର ଆଇନ ଏବଂ କୋରେକ୍ସ ସମ୍ବନ୍ଧୀୟ ଅପରାଧ ସମେତ ୧୪ରୁ ଅଧିକ ଅପରାଧିକ ମାମଲାରେ ଜଡିତ ଥିବା ପୋଲିସ କହିଛି । ମୁଖ୍ୟ ଅପରାଧୀ ସହିତ ତା' ସହ ଥିବା ଅନ୍ୟ ତିନି ଜଣ ସହଯୋଗୀଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ପୋଲିସ ଗୋଟିଏ ପିସ୍ତଲ ସହିତ ଗୋଟିଏ ଜୀବନ୍ତ ଗୁଳି, ୩ଟି ଖାଲି କାର୍ଟ୍ରିଜ୍, ଗୋଟିଏ ସ୍ୱିଫ୍ଟ କାର୍, ୫ଟି ମୋବାଇଲ୍ ଫୋନ୍ ଏବଂ ୧୦ କାର୍ଟୁନ୍ କୋରେକ୍ସ ଜବତ କରିଛି। ଆହତ ଅପରାଧିକୁ ଚିକିତ୍ସା ପାଇଁ ବୁର୍ଲାର ଭୀମସାରକୁ ସ୍ଥାନାନ୍ତର କରାଯାଇଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୧୭/୦୫/୨୦୨୬
୬,୫୨,୮୨୩/- ଟଙ୍କା
ସୁନା:- ୨୩ଗ୍ରାମ୍୬୫୦ ମିଲିଗ୍ରାମ
ରୂପା:- ୩୨ଗ୍ରାମ୍୩୦୦ ମିଲିଗ୍ରାମ

# ବିରଳ ବଳିଆ କୁକୁରଙ୍କ ଉତ୍କୃଷ୍ଟ ପ୍ରଜନନ ସ୍ଥଳ ଡେବ୍ରିଗଡ ଅଭୟାରଣ୍ୟ

**ସମ୍ବଲପୁର, ୧୭/୦୫ ନ୍ୟୁଜ ବ୍ୟୁରୋ**

ବିରଳ ବଳିଆ କୁକୁରଙ୍କ ଉତ୍କୃଷ୍ଟ ପ୍ରଜନନ ସ୍ଥଳ ପାଲଟିଛି ଡେବ୍ରିଗଡ଼ ଅଭୟାରଣ୍ୟ। ସମ୍ବଲପୁର ଜିଲ୍ଲା ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍ ଅଧିନସ୍ଥ ଡେବ୍ରିଗଡ଼ ଅଭୟାରଣ୍ୟ ଏବେ ବିରଳ ବଣୁଆ କୁକୁର ବା ବଳିଆ କୁକୁର ପାଇଁ ଏକ ନୂତନ ପ୍ରଜନନ ସ୍ଥଳ ଭାବରେ ଉଭା ହୋଇଛି। କାରଣ ଏଠାରେ ଏବେ ଦୁଇଟି ବଳିଆ କୁକୁର ଛୁଆ ଜନ୍ମ ହୋଇଥିବା ଦେଖାଯାଇଛି । ଗତ ଦୁଇ ବର୍ଷ ମଧ୍ୟରେ ଅଭୟାରଣ୍ୟରେ ଥିବା ଏକ ଯୋଡ଼ା ବଳିଆ କୁକୁରଙ୍କ ପ୍ରଜନନ ପରିଲକ୍ଷିତ ହୋଇଥିବା ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି । ଡିଏଫ୍ଓ ଅଧିକ ସୂଚନା ଦେଇ କହିଛନ୍ତି ଯେ, ଡେବ୍ରିଗଡ଼ ଅଭୟାରଣ୍ୟରେ ଏହି ଛୁଆମାନଙ୍କର ଜନ୍ମ ପାଇଁ ଅନୁକୂଳ ପରିବେଶ ରହିଛି । ବନ ବିଭାଗ ପକ୍ଷରୁ ସେମାନଙ୍କ ସୁରକ୍ଷା, ପର୍ଯ୍ୟାପ୍ତ ଖାଦ୍ୟର ବ୍ୟବସ୍ଥା କରାଯାଇଛି । ଯାହା ସେମାନଙ୍କ ବଂଶ ବୃଦ୍ଧିରେ ସହାୟକ ହୋଇଛି । ବନ ବିଭାଗ କର୍ମଚାରୀମାନେ ଏହି ମାଆ ଏବଂ ଛୁଆଙ୍କ ଗତିବିଧି ଉପରେ କଡ଼ା ନଜର ରଖିଛନ୍ତି ।' ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଡେବ୍ରିଗଡ଼ ଅଭୟାରଣ୍ୟରେ ଅକ୍ଟୋବର ୨୦୨୪ରେ ପ୍ରଥମ ଥର ପାଇଁ ଏକ ମାତ୍ର ଭାରତୀୟ ବଳିଆ କୁକୁର ଚଲାବୁଲା କରୁଥିବା କ୍ୟାମେରାରେ ଟ୍ରାପ୍ ହୋଇଥିଲା। ଏହାର କିଛି ସମୟ ପରେ ପ୍ରଥମ କୁକୁର ସହିତ ଆଉ ବଳିଆ କୁକୁର ଦେଖାଯାଇଥିଲା। ଧୀରେ ଧୀରେ ଏହି ଯୋଡ଼ି ଅଭୟାରଣ୍ୟର ୧୦୦ ବର୍ଗ କିଲୋମିଟରରୁ ଅଧିକ ଅଞ୍ଚଳ ବ୍ୟାପି ଏକତ୍ର ବୁଲାବୁଲି କରିବା ଦେଖିବାକୁ ମିଳିଥିଲା । ଦୀର୍ଘ ଦୁଇ ବର୍ଷରୁ ଅଧିକ ସମୟ ଧରି ଅର୍ଥାତ ୨୦୨୬ ଆରମ୍ଭ ପର୍ଯ୍ୟନ୍ତ ସେମାନେ ଏକାଠି ଥିବା ଜଣାପଡିଥିଲା। ଏହାପରେ ଚଳିତ ମେ' ମାସର ତୃତୀୟ ସପ୍ତାହରେ ପ୍ରଥମ ଥର ପାଇଁ ଏକ ମାଈ ବଳିଆ କୁକୁର ସହ ଏକ ଯୋଡ଼ା ଛୁଆ ବିଚରଣ କରୁଥିବା କ୍ୟାମେରାରେ ରେକର୍ଡ ହୋଇଥିଲା । ଯାହାଙ୍କ ବୟସ ପ୍ରାୟ ୩ରୁ ୪ ମାସ ହେବ ବୋଲି ଜଣାପଡ଼ିଛି। ଏମାନେ ଅଭୟାରଣ୍ୟ ଭିତରେ ଥିବା ଏକ ପାଦଚଲା ରାସ୍ତାରେ ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା। ଏହାପରେ ସେମାନଙ୍କର ଗତିବିଧିକୁ ରେକର୍ଡ କରିବା ପାଇଁ ୨୬ଟି କ୍ୟାମେରା ଲଗାଯାଇଛି । ସେମାନଙ୍କ ବିଶ୍ରାମ ସ୍ଥାନରେ ଏକ ହରିଣକୁ ଶିକାର କରି ଖାଦ୍ୟ ଗ୍ରହଣ କରୁଥିବାର ମଧ୍ୟ ରେକର୍ଡ କରାଯାଇଥିଲା । ଏହି ବିଲୁପ୍ତପ୍ରାୟ ମାଂସାହାରୀ ଜୀବର ଉପସ୍ଥିତି ଡେବ୍ରିଗଡ଼ର ପରିବେଶଗତ ଉପଯୁକ୍ତତାକୁ ସୂଚିତ କରୁଛି। ଯାହା ଅଭୟାରଣ୍ୟ ମଧ୍ୟରେ ସଫଳ ପ୍ରଜନନକୁ ସୂଚିତ କରୁଛି । ପ୍ରଜନନ କ୍ଷେତ୍ର ଚାରି ପାଖରେ ଯେମିତି କୌଣସି ଅସୁବିଧା ନହେବ ସେଥିପାଇଁ ଅଭୟାରଣ୍ୟ ଭିତରେ ଏବଂ ଚାରି ପାଖରେ ସୁରକ୍ଷା ଏବଂ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି ବୋଲି ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି । ହୀରାକୁଦ ଜଳଭଣ୍ଡାର ନିକଟରେ ଏମାନଙ୍କ ଗତିବିଧିକୁ ସତର୍କତାର ସହ ନଜର ରଖାଯାଉଛି। ଏଥିପାଇଁ ବନ ବିଭାଗର ଆଗଧାଡ଼ିର କର୍ମଚାରୀମାନେ ମାଆ ଏବଂ ଛୁଆଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ନିୟମିତ ତଦାରଖ କରୁଛନ୍ତି। ସୁସ୍ଥ ଶିକାର ଉପଲବ୍ଧତା ବଜାୟ ରଖିବା ଏବଂ ଜଙ୍ଗଲୀ କୁକୁରଙ୍କୁ ରୋଗ ସଂକ୍ରମଣ କିମ୍ବା ସୀମାବର୍ତ୍ତୀ ଅଞ୍ଚଳରେ ମାନବ ହସ୍ତକ୍ଷେପ ପରି ସମ୍ଭାବ୍ୟ ବିପଦକୁ ହ୍ରାସ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହିପରି ସତର୍କତାମୂଳକ ପଦକ୍ଷେପ ଗୁଡ଼ିକ ଏହି ଛୁଆ ପାଳନର ପ୍ରାରମ୍ଭିକ ପର୍ଯ୍ୟାୟରେ ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହି ଛୁଆଙ୍କ ବଞ୍ଚିବା ବହୁ କଷ୍ଟକର ହୋଇଥାଏ, କାରଣ ସେମାନେ ଅନ୍ୟ ଶିକାରୀମାନଙ୍କ ସହିତ ଜଙ୍ଗଲରେ ବଞ୍ଚିବା କୌଶଳ ଶିଖି ନଥାନ୍ତି, ତେଣୁ ବନ ବିଭାଗ ଏହା ଉପରେ ନଜର ରଖିଛି । ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି, 'ଏହି ଛୁଆମାନେ ଏବେ ପର୍ଯ୍ୟନ୍ତ ଉଷ୍ମତା ଏବଂ କ୍ଷୀର ପାଇଁ ମାଆ ଉପରେ ନିର୍ଭରଶୀଳ ଏବଂ ମୁଖ୍ୟତଃ ମାଆ ସହିତ ଚଳପ୍ରଚଳ କରନ୍ତି । ଦୁଇଟି ଛୁଆଙ୍କ



ପ୍ରଜନନ ଏହି ଅତ୍ୟନ୍ତ ବିଲୁପ୍ତପ୍ରାୟ ଜୀବର ଅସ୍ତିତ୍ୱ ପାଇଁ ଏକ ଆଶାଜନକ ସଙ୍କେତ । ଛୁଆଙ୍କ ଆଗମନ କେବଳ ସଫଳ ପ୍ରଜନନକୁ ପ୍ରତିଫଳିତ କରେ ନାହିଁ ବରଂ ଏକ ସୁସ୍ଥ ଶିକାରର ଉପଲବ୍ଧତା ଏବଂ ସୁରକ୍ଷିତ ବାସସ୍ଥାନକୁ ମଧ୍ୟ ସୂଚିତ କରେ। ତେବେ ଏଠାରେ ଦେଖା ଯାଇଥିବା ପ୍ରଥମ ବଳିଆ କୁକୁର କେଉଁଠାରୁ ଆସିଥିଲା ଏବଂ ଦ୍ୱିତୀୟଟି ପୁଣି କେଉଁଠୁ ଆସିଲା ? ତାହା ଏବେ ବି ରହସ୍ୟ ହୋଇ ରହିଛି। ଏହି ପ୍ରଜାତିର କୁକୁର ଉପଯୁକ୍ତ ଅଞ୍ଚଳ, ସାଥୀ ଏବଂ ଶିକାର ଖୋଜିବା ପାଇଁ ଦୀର୍ଘ ଦୂରତା ଯାତ୍ରା କରିଥାନ୍ତି ।' ୨୦୨୨-୨୦୨୩ ବର୍ଷ ମଧ୍ୟରେ, ଡେବ୍ରିଗଡ଼ ଅଭୟାରଣ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଏବଂ ବନ୍ୟପ୍ରାଣୀଙ୍କ ପାଇଁ ଏକ ବିଶୃଙ୍ଖଳାମୁକ୍ତ ପ୍ରଜନନ ଭୂମିକୁ ସୁରକ୍ଷିତ କରିବା ପାଇଁ ଦୁଇଟି ନୂତନ ଚେକଗେଟ୍ (ମୋଟ ୧୨ଟି ଚେକଗେଟ୍) ରଣନୈତିକ ଭାବରେ ସ୍ଥାପନ କରାଯାଇଥିଲା । ନିରନ୍ତର ତଦାରଖ ଏବଂ ପ୍ରଭାବଶାଳୀ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ମାନବ ସୁରକ୍ଷା ସହିତ ସମସ୍ତ ସୀମାନ୍ତ ଚେକଗେଟରେ ୨୪/୭ ସିସିଟିଭି ନଜରରେ ରଖାଯାଇଛି । ଭାରତରେ ପ୍ରାୟ ୧୦୦୦ରୁ ୨୫୦୦ ବନ୍ୟ କୁକୁର ଅଛନ୍ତି, ଯେଉଁମାନେ ମୁଖ୍ୟତଃ ପଶ୍ଚିମଘାଟ, ମଧ୍ୟ ଭାରତୀୟ ଜଙ୍ଗଲ ଏବଂ ଉତ୍ତର-ପୂର୍ବ ଭାରତରେ ବାସ କରନ୍ତି ବୋଲି ଡ଼ିଏଫଓ ସୂଚନା ଦେଇଛନ୍ତି ।

# ଜୁନ୍ ୭ରେ ଓସିଏସ୍ ପ୍ରିଲିମ୍‌ନାରୀ, ଦୁଇଟି ସିଟିଂରେ ପରୀକ୍ଷା ଦେବେ ଆଶାୟୀ

**କଟକ, ୧୭/୦୫ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ (ଓସିଏସ୍)-୨୦୨୬ର ପ୍ରାଥମିକ (ପ୍ରିଲିମନାରୀ) ପରୀକ୍ଷା ଆସନ୍ତା ଜୁନ୍ ୭ତାରିଖରେ ଅନୁଷ୍ଠିତ ହେବ। ଦୁଇଟି ପର୍ଯ୍ୟାୟରେ (ସିଟିଂ)ରେ ପ୍ରାର୍ଥୀମାନେ ପରୀକ୍ଷା ଦେବେ । ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ଯାଏ ପ୍ରଥମ ସିଟିଂରେ ଜେନେରାଲ୍ ଷ୍ଟଡିଜ ପେପର-୧ ଓ ଅପରାହ୍ନ ସାଢ଼େ ୧ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ଜେନେରାଲ ଷ୍ଟଡିଜ୍ ପେପର-୨ ପରୀକ୍ଷା ହେବ । ପେପର-୧ ଶହେ ପ୍ରଶ୍ନ ବିଶିଷ୍ଟ ହୋଇଥିବାବେଳେ ପେପର-୨ରେ ୮୦ଟି ପ୍ରଶ୍ନ ରହିଛି।

ରାଜ୍ୟର ୬ଟି ଜୋନ ଯଥା କଟକ, ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ଜୟପୁର ଏବଂ ସମ୍ବଲପୁରରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା କରାଯିବ । ପ୍ରାର୍ଥୀମାନେ ଆସନ୍ତା ୩୦ ତାରିଖରୁ ଆଡମିଟ୍ କାର୍ଡ ପାଇପାରିବେ ବୋଲି ଓପିଏସସି ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଅପରାଧ ଓ ବେଆଇନ କାରବାର ବିରୋଧରେ ଓଡ଼ିଶା ପୋଲିସର ସ୍ପେଶାଲ ଡ୍ରାଇଭ୍

**ଭୁବନେଶ୍ୱର, ୧୭/୦୫ ନ୍ୟୁଜ ବ୍ୟୁରୋ**

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ମେ ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ପୋଲିସ ରେଞ୍ଜ୍ ଅନ୍ତର୍ଗତ ଜିଲ୍ଲା ଏସ୍‌ପି ଏବଂ ପୋଲିସ କମିଶନରଙ୍କ ନେତୃତ୍ୱରେ 'ସ୍ପେଶାଲ ଡ୍ରାଇଭ୍' ଅଭିଯାନକୁ କାର୍ଯ୍ୟକାରୀ କରାଯାଇଥିଲା । ୫ ଦିନ ଧରି ଚାଲିଥିବା ଏହି ଅଭିଯାନରେ ଅପରାଧ ଏବଂ ଅପରାଧୀଙ୍କ ବିରୁଦ୍ଧରେ ପୋଲିସ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ଅଭିଯାନରେ ମୁଖ୍ୟତଃ ଜାମିନ ବିହୀନ ୱାରେଣ୍ଟକୁ କାର୍ଯ୍ୟକାରୀ କରିବା, ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା, ନିଶା ଦ୍ରବ୍ୟ (ଗଞ୍ଜେଇ ଓ ବ୍ରାଉନସୁଗାର) ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଏବଂ ବେଆଇନ ଖଣିଜ ଚୋରା ଚାଲାଣରେ ସମ୍ପୃକ୍ତ ଯାନବାହନ ଜବତ କରିବା ସହ ମଦ୍ୟପାନ କରି ଗାଡି ଚାଳନା ଉପରେ କଠୋର ଚଢ଼ଉ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ସ୍ପେଶାଲ ଅପରେସନରେ ସମସ୍ତ ରେଞ୍ଜର ପୋଲିସ ଅଧୀକାରୀ ଓ କର୍ମଚାରୀ ସାମିଲ ହୋଇ ଅପରାଧ ଏବଂ ଅପରାଧୀଙ୍କୁ ରୋକିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି।



ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏହି ଅଭିଯାନ ସାରା ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ ହୋଇଯାଇଛି। ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଓଡ଼ିଶା ପୁଲିସକୁ ଉଲ୍ଲେଖନୀୟ ସଫଳତା ମିଳିଛି। ଏହି ୫ ଦିନିଆ ଡ୍ରାଇଭ୍ ଅବଧିରେ ସାରା ରାଜ୍ୟରେ ୱାରେଣ୍ଟ କାର୍ଯ୍ୟକାରୀ କରାଯାଇ ୧୭୭୧ ଜଣଙ୍କୁ ଗିରଫ କରାଯାଇଛି। ଫେରାର ଥିବା ୧୯୦ ଜଣ ଅଭିଯୁକ୍ତଙ୍କୁ ଧରି କୋର୍ଟ ଚାଲାଣ କରାଯାଇଛି। ୫ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ (ଏନଏସଏ) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୪୪୯ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ୧୨୯ ବିଏନଏସଏସ୍ (ପୂର୍ବତନ ୧୧୦ ସିଆରପିସି) ଅନୁଯାୟୀ ବୁକ୍ କରାଯାଇଥିବାବେଳେ ୧୨୬ ବିଏନଏସଏସ୍ ଅନୁଯାୟୀ ୬୪୩ ଜଣଙ୍କ ବିରୋଧରେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ବେଆଇନ ନିଶା କାରବାର ରୋକିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏହି ସମୟରେ ୩୧ଟି ଏନଡିପିଏସ୍ ମାମଲା ରୁଜୁ ହୋଇଥିବାବେଳେ ୨୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୩,୦୨୬ କେଜି ୭୦୨ ଗ୍ରାମ୍ ଗଞ୍ଜେଇ ଏବଂ ୧୬.୬ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରାଯାଇଛି। ନିଶା କାରବାରରେ ବ୍ୟବହୃତ ୬ଟି ଗାଡ଼ି, ୨ଟି ମୋବାଇଲ୍ ଫୋନ୍ ସହ ନଗଦ ୧୨ ହଜାର ୩୪୮ ଟଙ୍କା ମଧ୍ୟ ଜବତ କରାଯାଇଛି। ଏହାସହ ୭୧୬ଟି ଅବକାରୀ ମାମଲା ରୁଜୁ ହୋଇଛି। ସଡ଼କ ସୁରକ୍ଷା ଓ ମୋଟର ଯାନ ଏନଫୋର୍ସମେଣ୍ଟକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ୯୬୬ ଜଣ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ଅନ୍ୟାନ୍ୟ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ମାମଲାରେ ମୋଟ ୧ କୋଟି ୮୯ ଲକ୍ଷ ୨୩ ହଜାର ୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗୋ-ଚାଲାଣ ରୋକିବାକୁ ପୁଲିସ ୫ଟି ମାମଲା ରୁଜୁ କରିଥିବାବେଳେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ତ୍ୱରିତ ପୁଲିସ କାର୍ଯ୍ୟାନୁଷ୍ଠାନ ଫଳରେ ୪ଟି ଗାଡ଼ିରୁ ୩୩ଟି ଗାଈଙ୍କୁ ଉଦ୍ଧାର କରାଯାଇଛି। ଚୋରା ଖଣି କାରବାର ବିରୋଧରେ ମଧ୍ୟ ପୁଲିସ କଡ଼ା ପଦକ୍ଷେପ ନେଇ ୧୩୬ଟି ମାମଲା ରୁଜୁ କରି ୬୦ ଜଣଙ୍କୁ ଗିରଫ କରିଛି। ଏହାସହ ୧୪ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି । ଗତ ୫ ଦିନ ମଧ୍ୟରେ ୧୭୯ଟି ହାଇୱା, ଟ୍ରକ୍, ଟ୍ରାକ୍ଟର, ଟ୍ରିପର, ପାୱାର ଟିଲର ଓ ଜେସିବି ଜବତ କରାଯାଇଛି। ବେଆଇନ ଅସ୍ତ୍ର କାରବାର ରୋକିବାକୁ ୯ଟି ମାମଲା ରୁଜୁ କରାଯାଇଥିବାବେଳେ ୧୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୦ଟି ବିନା ଲାଇସେନ୍ସପ୍ରାପ୍ତ ବନ୍ଧୁକ ଜବତ କରାଯାଇଛି। ୱାରେଣ୍ଟ କାର୍ଯ୍ୟକାରୀ କରିବାରେ କେନ୍ଦ୍ରାଞ୍ଚଳ ରେଞ୍ଜ ସର୍ବାଗ୍ରେ ରହିଛି। ଏହି ରେଞ୍ଜରେ ୫ ଦିନରେ ୪୮୨ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି । ଦକ୍ଷିଣାଞ୍ଚଳ ରେଞ୍ଜରେ ୨୧୧ଟି, ପଶ୍ଚିମାଞ୍ଚଳରେ ୧୬୦ଟି, ପୂର୍ବାଞ୍ଚଳରେ ୨୭୯ଟି, ଉତ୍ତର-କେନ୍ଦ୍ରାଞ୍ଚଳରେ ୧୯୬ଟି, ଦକ୍ଷିଣ-ପଶ୍ଚିମାଞ୍ଚଳରେ ୨୨୦ଟି ଏବଂ କମିଶନରେଟ୍ ପୁଲିସ ଅଞ୍ଚଳରେ ୯୫ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି। ପଶ୍ଚିମାଞ୍ଚଳ ରେଞ୍ଜରେ ସର୍ବାଧିକ ୧୪୭ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ୧୨୯ ବିଏନଏସଏସ୍‌ରେ ବୁକ୍ କରାଯାଇଛି। ନିଶା ବିରୋଧୀ ଅଭିଯାନରେ ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ ସର୍ବାଧିକ ୧୯୪୩ କେଜି ୪ ଗ୍ରାମ୍ ଗଞ୍ଜେଇ ଜବତ କରିଛି। ଦକ୍ଷିଣାଞ୍ଚଳ ରେଞ୍ଜରୁ ୬୮୩ କେଜି ୪୬ ଗ୍ରାମ୍ ଏବଂ ଉତ୍ତରାଞ୍ଚଳ ରେଞ୍ଜରୁ ୨୮୪ କେଜି ୮୬ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ବିରୋଧରେ ପଶ୍ଚିମାଞ୍ଚଳ ରେଞ୍ଜ ସର୍ବାଧିକ ୫୩ ଲକ୍ଷ ୩୮ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରିଛି। କେନ୍ଦ୍ରାଞ୍ଚଳ ରେଞ୍ଜରୁ ୪୩ ଲକ୍ଷ ୮୨ ହଜାର ୯୦୦ ଟଙ୍କା, ପୂର୍ବାଞ୍ଚଳରୁ ୩୨ ଲକ୍ଷ ୧୯ ହଜାର ୫୦୦ ଟଙ୍କା, ଉତ୍ତର-କେନ୍ଦ୍ରାଞ୍ଚଳରୁ ୧୬ ଲକ୍ଷ ୯୦ ହଜାର ୫୦୦ ଟଙ୍କା, ଉତ୍ତରାଞ୍ଚଳରୁ ୨୦ ଲକ୍ଷ ୮ ହଜାର ୫୦୦ ଟଙ୍କା ଓ ଦକ୍ଷିଣ-ପଶ୍ଚିମାଞ୍ଚଳରୁ ୧୮ ଲକ୍ଷ ୨୩ ହଜାର ୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଖଣି ମାଫିଆଙ୍କ ବିରୋଧରେ ଦକ୍ଷିଣାଞ୍ଚଳ ରେଞ୍ଜ ପୁଲିସ ୨୨ ଜଣଙ୍କୁ ଗିରଫ କରିଥିବାବେଳେ କେନ୍ଦ୍ରାଞ୍ଚଳ ରେଞ୍ଜରେ ୪୨ଟି ମାମଲା ରୁଜୁ କରାଯାଇ ୨୫ ଜଣଙ୍କୁ ଗିରଫ କରାଯାଇଛି। ପଶ୍ଚିମାଞ୍ଚଳ ରେଞ୍ଜ ପୁଲିସ ୧୪ ଜଣଙ୍କ ନାମରେ ନୋଟିସ୍ ଜାରି କରିଛି। ସେହିପରି ଦକ୍ଷିଣାଞ୍ଚଳ ଜିଲ୍ଲା ପୁଲିସ ୧୧ଟି ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରିଥିବାବେଳେ ଉତ୍ତରାଞ୍ଚଳ ରେଞ୍ଜ ପୁଲିସ ୬ଟି ପିସ୍ତଲ ଓ ୧୯ଟି ଜୀବନ୍ତ ଗୁଳି ଜବତ କରିଛି। ଉତ୍ତର-କେନ୍ଦ୍ରାଞ୍ଚଳ ପୁଲିସ ମଧ୍ୟ ୨ଟି ଦେଶୀ ବନ୍ଧୁକ ଜବତ କରିଛି। ସାଧାରଣ ଲୋକଙ୍କୁ ସେବା ଓ ସୁରକ୍ଷା ଯୋଗାଇ ଦେବାକୁ ଓଡ଼ିଶା ପୋଲିସ ସଦାସର୍ବଦା ପ୍ରତିଶୃତିବଦ୍ଧ। ଆଗାମୀ ଦିନରେ ମଧ୍ୟ ଅପରାଧ ଏବଂ ଅପରାଧୀମାନଙ୍କ ବିରୁଦ୍ଧରେ ଏହିପରି ସ୍ପେଶାଲ ଏନଫୋର୍ସମେଣ୍ଟ ଅଭିଯାନ ଜାରି ରହିବ ଏବଂ ବେଆଇନ ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି।